ବର୍ଷ-୨୫, ସଂଖ୍ୟା-୫୧
ଭୁବନେଶ୍ୱର
୨୧, ଫେବୃଆରୀ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 51
Bhubaneswar
21 February, 2025, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଶାମିଙ୍କ ଦମ୍ଦାର ପ୍ରଦର୍ଶନ

# ଦିଲ୍ଲୀରେ ବିଜେପିର ନୂଆ ଇନିଂସ



## ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ରେଖା ଗୁପ୍ତା

## ୬ ମନ୍ତ୍ରୀଙ୍କ ମଧ୍ୟରେ ବିଭାଗ ବଣ୍ଟନ

## ପ୍ରଥମ କ୍ୟାବିନେଟ୍ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ନୂଆଦିଲ୍ଲୀ, ୨୦।୨ (ମହାଭାରତ): ଦେଶର ରାଜଧାନୀ ଦିଲ୍ଲୀରେ ଆଜିଠୁ ଆରମ୍ଭ ହୋଇଛି ରେଖାଙ୍କ ରାଜୁତି । ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ଭାବେ ରାମଲୀଳା ପଡ଼ିଆରେ ରେଖା ଗୁପ୍ତା ଶପଥ ଗ୍ରହଣ କରିଛନ୍ତି । ଏଥିସହ ୬ ଜଣ ମନ୍ତ୍ରୀ ଭାବେ ଶପଥ ଗ୍ରହଣ ସହ ବିଭାଗ ବଣ୍ଟନ ହୋଇଛି । ଲେଫ୍ଟନାଣ୍ଟ ଗଭର୍ନର ବିନୟ କୁମାର ସାକ୍ସେନା ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଶପଥ ଗ୍ରହଣ ପରେ ସେ ସଚିବାଳୟ ଯାଇ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହାପରେ ସନ୍ଧ୍ୟା ୫ଟାରେ ରେଖା ଗୁପ୍ତା ଯମୁନା ବଜାରର ବାସୁଦେବ ଘାଟ ଯାଇ ଆଳତି କରିଥିଲେ । ଏହାପରେ ସନ୍ଧ୍ୟା ୭ଟାରେ ଦିଲ୍ଲୀ ସଚ୍ଚିବାଳୟରେ କ୍ୟାବନିନେଟର ପ୍ରଥମ ବୈଠକ କରିଥିଲେ । ତାଙ୍କର ପ୍ରଥମ କ୍ୟାବିନେଟ ବୈଠକରେ ସେ ୨ଟି ବଡ଼ ନିଷ୍ପତ୍ତି ନେଇଛନ୍ତି । ଦିଲ୍ଲୀରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହେବ ବୋଲି କ୍ୟାବିନେଟ ବୈଠକରେ ମଞ୍ଜୁରୀ ଦିଆଯାଇଛି । ସେହିପରି ପ୍ରଥମ ବିଧାନସଭା ଅଧିବେଶନରେ ୧୪ଟି ସିଏଜି ରିପୋର୍ଟ ଆସିବ । ଗତ ସରକାର ଉପସ୍ଥାପନ କରିନଥିବା ୧୪ଟି ସିଏଜି ରିପୋର୍ଟ ଆଗତ ହେବ ବୋଲି ବୈଠକ ପରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଘୋଷଣା କରିଛନ୍ତି । ଦିଲ୍ଲୀବାସୀଙ୍କୁ ଦିଆଯାଇଥିବା ସବୁ ପ୍ରତିଶ୍ରୁତି ଗୋଟି ଗୋଟି କରି ପୂରଣ କରାଯିବ ବୋଲି କହଛନ୍ତି ।

ଆଜି ରାମଲୀଳା ମଇଦାନରେ ଅନୁଷ୍ଠିତ ଭବ୍ୟ ଶପଥଗ୍ରହଣ ଉତ୍ସବରେ ରେଖା ଗୁପ୍ତାଙ୍କ ସହ ଅନ୍ୟ ୬ ଜଣ ମନ୍ତ୍ରୀ ଶପଥ ନେଇଥିଲେ । ସେମାନେ ହେଲେ ନିର୍ବାଚନରେ ଅରବିନ୍ଦ କେଜ୍‌ରିୱାଲଙ୍କୁ ହରାଇଥିବା ପର୍‌ଭେଶ ବର୍ମା, ହିନ୍ଦୁତ୍ୱବାଦୀ ନେତା କପିଲ ଶର୍ମା, ଦଳର ଶିଖ୍ ଚେହେରା ମଞ୍ଜିନ୍ଦର ସିଂ ସିସା, ଆଶିଷ ସୁଦ୍ , ରବିନ୍ଦର ଇନ୍ଦ୍ରଜ ସିଂ ଏବଂ ପଙ୍କଜନ ସିଂ । ଉପରାଜ୍ୟପାଳ ଭି.କେ. ସାକ୍ସେନା ନୂଆ । ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ । ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଅନ୍ୟ କେନ୍ଦ୍ରମନ୍ତ୍ରୀଗଣ, ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ, ଭାଜପାର ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଏନ୍‌ଡିଏ ନେତାମାନେ ଯୋଗଦେଇଥିଲେ । ଭାଜପାର ସୁଷମା ସ୍ୱରାଜ, କଂଗ୍ରେସର ଶୀଲା ଦୀକ୍ଷିତ ଏବଂ ଆଦମ ଆଦ୍‌ମୀ ପାର୍ଟିର ଆତିଶୀଙ୍କ ପରେ ରେଖା ନୂଆଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ।

ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ନିଜ ପାଖରେ ଅର୍ଥ, ଯୋଜନା, ସାଧାରଣ ପ୍ରଶାସନ ବିଭାଗ, ମହିଳା ଏବଂ ଶିଶୁ ବିକାଶ, ସେବା, ରାଜସ୍ୱ, ଜମି ଏବଂ କୋଠାବାଡ଼ି, ସୂଚନା ଏବଂ ଲୋକସମ୍ପର୍କ, ସତର୍କତା, ପ୍ରଶାସନିକ ସଂସ୍କାର ମନ୍ତ୍ରଣାଳୟ ନିଜ ରଖିଥିବାବେଳେ ପରଭେଶ ବର୍ମାଙ୍କୁ ପିଡବ୍ଲୁଡି ବିଭାଗ ମିଳିଛି । ସେହିପରି ପରଭେଶ ସାହିବ ସିଂହଙ୍କୁ ପବ୍ଲିକ ୱାର୍କସ ବିଭାଗ (ପିଡବ୍ଲୁଡି), ବିଧାନସଭା ବ୍ୟାପାର, ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ (ଆଇ ଆଣ୍ଡ ଏଫସି), ଜଳ ବିଭାଗ ଦିଆଯାଇଛି । ଆଶିଷ ସୁଦଙ୍କୁ ଗୃହ, ବିଦ୍ୟୁତ, ନଗର ଉନ୍ନୟନ, ଶିକ୍ଷା, ଉଚ୍ଚଶିକ୍ଷା, ତାଲିମ ଏବଂ ବୈଷୟିକ ଶିକ୍ଷା ବିଭାଗ ଦିଆଯାଇଛି । ସରଦାର ମନଜିନ୍ଦର ସିଂହ ସିରସାଙ୍କୁ ଖାଦ୍ୟ ଏବଂ ଯୋଗାଣ, ଜଙ୍ଗଲ ଏବଂ ପରିବେଶ, ଶିଳ୍ପ ବିଭାଗ ଦିଆଯାଇଛି ।

ଅରବିନ୍ଦ କେଜ୍ରିଲଙ୍କ ପୂର୍ବତନ ଆମ୍ ଆଦମୀ ପାର୍ଟି ସରକାରଙ୍କୁ ଲକ୍ଷ୍ୟ କରି ରେଖା ଗୁପ୍ତା କହିଛନ୍ତି ଯେ, ଗତ ୧୨ ବର୍ଷ ଧରି ଦିଲ୍ଲୀ ଶାସନ କରୁଥିବା ଏବଂ ଏଥିରେ ସମସ୍ତ ଦୁର୍ନୀତି ସମସ୍ୟା ଥିବା ସରକାରଙ୍କୁ ପ୍ରତ୍ୟେକ ପଇସା ହିସାବ ଦେବାକୁ ପଡିବ ।।

# ଆଜିଠୁ ମାଟ୍ରିକ ପରୀକ୍ଷା

ଭୁବନେଶ୍ୱର, ୨୦।୨ (ମହାଭାରତ): ଆସନ୍ତାକାଲିଠୁ ୫.୧୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ମାଧ୍ୟମିକ ଶିକ୍ଷା ବୋର୍ଡ (ବିଏସ୍‌ଇ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଦେବେ । ବୋର୍ଡର ସୂତ୍ରରୁ ଜଣାପଡ଼ିଛି ଯେ, ସାରା ରାଜ୍ୟରେ ମୋଟ ୫,୧୨,୪୩୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ।

ମାଧ୍ୟମିକ ଶିକ୍ଷା ବୋର୍ଡ ରାଜ୍ୟର ୩୦ଟି ଜିଲାର ୩୦୨୯ଟି କେନ୍ଦ୍ରରେ ଦଶମ ଶ୍ରେଣୀ ପରୀକ୍ଷା ପରିଚାଳନା କରିବ । ଏହି ପରୀକ୍ଷା ମାର୍ଚ୍ଚ ୬ ପର୍ଯ୍ୟନ୍ତ ଚାଲିବ । ୨୦୨୫ ଦଶମ ଶ୍ରେଣୀ ପରୀକ୍ଷାର ପ୍ରଥମ ଦିନରେ, ଛାତ୍ରଛାତ୍ରୀମାନେ ଓଡ଼ିଆ/ ବଙ୍ଗାଳୀ/ ହିନ୍ଦୀ/ ଉର୍ଦ୍ଦୁ/ ତେଲୁଗୁ/ ଇଂରାଜୀ ସମେତ ପ୍ରଥମ ଭାଷା ବିଷୟ ପାଇଁ ପରୀକ୍ଷା ଦେବେ । ବିଏସ୍‌ଇ ସରକାରୀ ପକ୍ଷରୁ କୁହାଯାଇଛି ଯେ ଏହା ସାରା ରାଜ୍ୟରେ ପରୀକ୍ଷା ପରିଚାଳନା ପାଇଁ ପ୍ରସ୍ତୁତ ହୋଇଛି । ମୋଟ ୩୧୪ଟି ନୋଡାଲ୍ କେନ୍ଦ୍ର ସ୍ଥାପନ କରାଯାଇଛି । କଡ଼ା ଚେକିଂ ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସି ଟିଭି କ୍ୟାମେରା ଲଗାଯିବ । ପରୀକ୍ଷା କେନ୍ଦ୍ର ଏବଂ ନୋଡାଲ ସେଣ୍ଟରଗୁଡ଼ିକରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରା ଲଗା ଯାଇଛି । କପି ରୋକିବା ପାଇଁ ଚାରିସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇଛି । ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ରିଅଲ୍-ଟାଇମ୍ କାର୍ଯ୍ୟାବଳୀ ତଦାରଖ କରିବା ପାଇଁ ବୋର୍ଡ ମୁଖ୍ୟାଳୟରେ ଏକ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା କରାଯିବ ।

# ହୀରାକୁଦ ନେଇ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ

**ଭୁବନେଶ୍ୱର, ୨୦।୨ (ସ୍ୱାଧିକାରନ୍ୟୁଜ):** ହୀରାକୁଦର ଅଳ୍ପ କିଛି ଫାଟ ସରକାରଙ୍କ ନଜରକୁ ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଫାଟଗୁଡିକ କଂକ୍ରିଟର ଉପରିସ୍ଥ ଭାଗରେ ସରଫେସ କ୍ରାକ୍ ରହିଛି । କିନ୍ତୁ ସେଗୁଡିକ ଡେଡ୍ ଓ ନିଷ୍କ୍ରିୟ ଅଛି । ହୀରାକୁଦରେ ଦେଖାଦେଇଥିବା ଫାଟ ସ୍ଥିତି ଅନୁଧ୍ୟାନ କରିବାକୁ ଆସିଥିବା ସିଏସଏମଆରସି ସଂସ୍ଥା ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିଛନ୍ତି । ନଜରକୁ ଆସିଥିବା ଫାଟ ଗୁଡିକର ମରାମତି ପାଇଁ ଡିଆରଆଇପି-୩ ଅଧୀନରେ, ସର୍ଭେ କରାଯିବ । ଏଥିପାଇଁ କ୍ୟାବିନେଟ ସ୍ୱୀକୃତି ମିଳିଛି । ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉତ୍ତର ରଖିଛନ୍ତି ।



ଆଜି ଅଧିବେଶନର ପ୍ରଶ୍ନକାଳରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ସମ୍ବଲପୁର ଜିଲାର ହୀରାକୁଦ ଡ୍ୟାମରେ ଫାଟ ଉପରେ ଏକ ଅତାରାଙ୍କିତ ପ୍ରଶ୍ନ ଉଠାଇଥିଲେ । ହୀରାକୁଦ ଡ୍ୟାମରେ ସୃଷ୍ଟି ହୋଇଥିବା ଫାଟ ଯାଞ୍ଚ କରିବା ପରେ କେନ୍ଦ୍ରୀୟ ମୃତ୍ତିକା ଏବଂ ସାମଗ୍ରୀ ଗବେଷଣା କେନ୍ଦ୍ର , ନୂଆଦିଲ୍ଲୀ କେଉଁ ରିପୋର୍ଟ ଦାଖଲ କରିଛି, ବନ୍ଧରେ କେତେ ଫାଟ ହୋଇଛି, ମରାମତି କାର୍ଯ୍ୟ ଆରମ୍ଭ ହୋଇଛି କି ନାହିଁ ଏବଂ କେଉଁ କମ୍ପାନୀକୁ କାର୍ଯ୍ୟ ନ୍ୟସ୍ତ କରାଯାଇଛି ବୋଲି ପ୍ରଶ୍ନ କରିଥିଲେ ।

ବିଧାୟକଙ୍କୁ ତାଙ୍କ ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ରୀୟ ମୃତ୍ତିକା ଏବଂ ସାମଗ୍ରୀ ଗବେଷଣା କେନ୍ଦ୍ର (ସିଏସ୍‌ଏମଆରଏସ୍), ନୂଆଦିଲ୍ଲୀ, ବନ୍ଧରେ ସୃଷ୍ଟି ହୋଇଥିବା ଫାଟ ଯାଞ୍ଚ କରିବା ପରେ ଏହାର ରିପୋର୍ଟ ଦାଖଲ କରିଛି । ରିପୋର୍ଟରୁ ଜଣାପଡିଛି ଯେ ସ୍ପିଲୱେ କଂକ୍ରିଟର ଗୁଣବତ୍ତା ଏହାର ବୟସ ତୁଳନାରେ ସନ୍ତୋଷଜନକ । କଂକ୍ରିଟର ପୃଷ୍ଠରେ କିଛି ଛୋଟ ଫାଟ ଲକ୍ଷ୍ୟ କରାଯାଇଛି ଏବଂ ସେଗୁଡ଼ିକ ମୃତ ଏବଂ ନିଷ୍କ୍ରିୟ ଅଛି । ସେ ଆହୁରି ମଧ୍ୟ କହିଛନ୍ତି । ରାଜ୍ୟ କ୍ୟାବିନେଟ୍ ପୂର୍ବରୁ ବନ୍ଧ ପୁନର୍ବାସ ଏବଂ ଉନ୍ନତି ପ୍ରକଳ୍ପ (ଡ୍ରିପ-)୩- ଦ୍ୱାରା ଏକ ବ୍ୟାପକ ଜଳମଗ୍ନ, ଭୂମି ଏବଂ ଆକାଶ ମାର୍ଗ ସର୍ଭେ ପାଇଁ ଅନୁମୋଦନ ପ୍ରଦାନ କରିସାରିଛି, ଯାହା ଦ୍ୱାରା ବନ୍ଧର ବର୍ତ୍ତମାନର ସ୍ଥିତି ମୂଲ୍ୟାଙ୍କନ ଏବଂ ଆବଶ୍ୟକୀୟ ପୁନର୍ବାସ ପଦକ୍ଷେପ କାର୍ଯ୍ୟକାରୀ କରାଯିବ ।

ଉଲ୍ଲେଖନୀୟ ଯେ ଓଡ଼ିଶା କ୍ୟାବିନେଟ୍ ଏହି ମାସର ପ୍ରାରମ୍ଭରେ ବିଶ୍ୱର ସବୁଠାରୁ ଦୀର୍ଘ ମାଟି ବନ୍ଧ ହୀରାକୁଦ ଜଳଭଣ୍ଡାର ପାଇଁ ବନ୍ଧ ପୁନର୍ବାସ ଏବଂ ଉନ୍ନତି ପ୍ରକଳ୍ପ (ଡ୍ରିପ)୩-କୁ ଅନୁମୋଦନ କରିଥିଲା, ଯାହାର ଆନୁମାନିକ ମୂଲ୍ୟ ୧,୦୬୬.୩୮ କୋଟି ଟଙ୍କା ବିଶ୍ୱ ବ୍ୟାଙ୍କ ଏବଂ ଏସୀୟ ଭିତ୍ତିଭୂମି ନିବେଶ ବ୍ୟାଙ୍କ (ଏଆଇଆଇବି) ଏହି ପ୍ରକଳ୍ପ ପାଇଁ ପାଣ୍ଠି ଯୋଗାଇବେ, ଯାହା ୨୦୨୫-୨୬ ରୁ ୨୦୩୦-୩୧ ପର୍ଯ୍ୟନ୍ତ ଛଅ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବ ।

# ଓଡ଼ିଶାର ଦୁଇଟି ଜିଲ୍ଲାରେ ମିଳିଛି ସୁନା ଖଣିର ସନ୍ଧାନ

ଭୁବନେଶ୍ୱର, ୨୦।୨ (ମହାଭାରତ): ଓଡ଼ିଶାର ଦୁଇଟି ଜିଲ୍ଲାରେ ମିଳିଛି ସୁନା ଖଣିର ସନ୍ଧାନ ମିଳିଛି । ଦେବଗଡ଼ ଜିଲ୍ଲାର ଆଡ଼ାସ-ରମାପଲ୍ଲୀ ଏବଂ କେନ୍ଦୁଝର ଜିଲ୍ଲାର ଗୋପୁର-ଗଜିପୁର ଅଂଚଳରେ ସୁନା ଖଣିର ସନ୍ଧାନ ମିଳିଥିବା ବିଧାନସଭାରେ ଉତ୍ତର ରଖିଛନ୍ତି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା । ଦେବଗଡ ଜିଲ୍ଲାର ଆଡାସ ରାମପଲ୍ଲୀ ଅଂଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା ଦ୍ୱାରା ଜି-୨ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ସରିଛି କେଉଁଝର ଜିଲ୍ଲାର ଗୋପୁର-ଗଜିପୁର ଅଂଚଳରେ ଜି-୩ ସ୍ତରର ଅନୁସନ୍ଧାନରେ ସନ୍ତୋଷଜନକ ଫଳାଫଳ ବାହାରିବା ଯୋଗୁଁ ସେ ଅଂଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା ଓ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ସହଭାଗିତାରେ ଜି-୨ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ଚାଲୁରହିଛି । ଅନୁସନ୍ଧାନକାରୀ ସଂସ୍ଥାମାନେ ଚୂଡାନ୍ତ ରିପୋର୍ଟ ପ୍ରଦାନ କଲା ପରେ ବୈଷୟିକ କମିଟିର ସୁପାରିସ କ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ।




ଚାମ୍ପିଅନ୍‌ସ ଟ୍ରଫିରେ ବାଂଲାଦେଶ ବିପକ୍ଷରେ ଶତକ ହାସଲକାରୀ ଭାରତର ଶୁବମନ ଗିଲ୍ ।

# ଆଜି ହାଜର ହେବେ କିଟ୍ ପ୍ରତିଷ୍ଠାତା

ଭୁବନେଶ୍ୱର, ୨୦।୨ (ମହାଭାରତ): କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କମିଟି ଆଗରେ ହାଜର ହେବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । କିଟ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସମସ୍ତ କାଗଜାତ ସହ ଆସନ୍ତାକାଲି (ଶୁକ୍ରବାର) ସନ୍ଧ୍ୟା ୬.୩୦ ସମୟରେ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କମିଟି ଆଗରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଜଣେ ଛାତ୍ରୀଙ୍କ ଆତ୍ମହତ୍ୟା ଅଭିଯୋଗ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରବର୍ତ୍ତୀ ପଦକ୍ଷେପର ତଦନ୍ତ କରିବାକୁ ଉଚ୍ଚସ୍ତରୀୟ କମିଟି ନିଷ୍ପତ୍ତି ନେଇଛି ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଉଚ୍ଚ ଶିକ୍ଷା ବିଭାଗ ଚିଠି ଲେଖିଛି । ତେଣୁ, ତାଙ୍କୁ ଶୁକ୍ରବାର ସନ୍ଧ୍ୟା ୬.୩୦ ସମୟରେ ଭୁବନେଶ୍ୱରର ନୂତନ ଆନେକ୍ସ ବିଲ୍ଡିଂ, ରାଜ୍ୟ ଅତିଥି ଭବନରେ ମିନି ସମ୍ମିଳନୀ ହଲ୍‌ରେ ଉଚ୍ଚସ୍ତରୀୟ କମିଟି ସମ୍ମୁଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ଉଚ୍ଚ ଶିକ୍ଷା ବିଭାଗର ଆଦେଶରେ ଉଲ୍ଲେଖ କରାଯାଇଥିବା ସର୍ତ୍ତାବଳୀ ଅନୁଯାୟୀ କମିଟି ସମ୍ମୁଖରେ ପର୍ଯ୍ୟାପ୍ତ ଡକ୍ୟୁମେଣ୍ଟାରୀ ପ୍ରମାଣ ସହିତ ପ୍ରମାଣ ଦାଖଲ କରିବାକୁ ଅଚ୍ୟୁତ ସାମନ୍ତଙ୍କୁ ଅନୁରୋଧ କରାଯାଇଛି ବୋଲି ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ।

# ବିଦେଶରେ ଏମବିବିଏସ୍ ପାଇଁ ନିଟ୍ ୟୁଜି ପାସ୍ ବାଧ୍ୟତାମୂଳକ

## ଏମ୍‌ସିଆଇ ନିୟମକୁ 'ସୁପ୍ରିମ୍' ମଞ୍ଜୁରି

ନୂଆଦିଲ୍ଲୀ, ୨୦।୨ (ମହାଭାରତ): ବିଦେଶରେ ଏମ୍‌ବିବିଏସ୍ କରିବା ପାଇଁ ମଧ୍ୟ ନିଟ୍ ୟୁଜି ପରୀକ୍ଷା ପାସ୍ କରିବା ବାଧ୍ୟତାମୂଳକ । ସୁପ୍ରିମକୋର୍ଟ ମେଡିକାଲ୍ କାଉନସିଲ୍ ଅଫ୍ ଇଣ୍ଡିଆର ଏହି ନିୟମକୁ ବଳବତ୍ତର ରଖିଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୧୮ରେ ଲାଗୁ କରାଯାଇଥିବା ଏହି ନିୟମ ବିଦେଶରେ ମେଡିକାଲ ପଢୁଥିବା ଭାରତୀୟ ଛାତ୍ରଛାତ୍ରୀଙ୍କୁ ଭାରତରେ ମେଡିସିନ୍ ପ୍ରାକ୍ଟିସ୍ କରିବା ପାଇଁ ଜରୁରୀ ମାନଦଣ୍ଡ ପୂରଣକୁ ସୁନିଶ୍ଚିତ କରୁଛି । ଶୀର୍ଷ ଅଦାଲତ ନିଜ ରାୟରେ କହିଛନ୍ତି ଯେ ଏହି ନିୟମ ନିରପେକ୍ଷ ଓ ପାରଦର୍ଶୀ ଅଟେ ଏବଂ କୌଣସି ବି ବୈଧାନିକ ପ୍ରବଧାନ କିମ୍ବା ସମ୍ବିଧାନର ବିରୁଦ୍ଧାଚରଣ ନୁହେଁ । ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ନିୟମ ଇଣ୍ଡିଆନ ମେଡିକାଲ୍ କାଉନସିଲ୍ ଆକ୍ଟ ୧୯୫୬ର କୌଣସି ପ୍ରାବଧାନର ବିପରୀତ ନୁହେଁ ଓ କୌଣସି ପ୍ରକାରେ ଭୁଲ ନୁହେଁ । ନିଟ୍ ୟୁଜି ପାସ୍ କରିବାର ଆବଶ୍ୟକତା ଗ୍ରାଜୁଏଟ୍ ମେଡିକାଲ୍ ମେଡିକାଲ୍ ଏଜୁକେସନ ରେଗୁଲେସନ, ୧୯୯୭ରେ ନିର୍ଦ୍ଧାରିତ ଯୋଗ୍ୟ ମାନଦଣ୍ଡ ପୂରଣ ଅତିରିକ୍ତ ଅଟେ । ସୁପ୍ରିମକୋର୍ଟରେ ଜଷ୍ଟିସ୍ ବି ଆର ଗଭଇ ଏବଂ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଆବେଦନ ଉପରେ ଶୁଣାଣି କରିଛନ୍ତି ।



ଉଲ୍ଲେଖଯୋଗ୍ୟ ଯେ ୨୦୧୮ରୁ ବିଦେଶରେ ଏମ୍‌ବିବିଏସ୍ କରି ଭାରତରେ ଡାକ୍ତର ହେବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ପାଇଁ ବି ୟୁଜି ନିଟ୍ ବାଧ୍ୟତାମୂଳକ କରାଯାଇଥିଲା । ଆବେଦନକାରୀ ଏମ୍ପିଆଇ ନିୟମକୁ ଚ୍ୟାଲେଞ୍ଜ ଦେଇ ତର୍କ ରଖିଥିଲେ ଯେ ଇଣ୍ଡିଆନ ମେଡିକାଲ୍ କାଉନସିଲ୍ ଆକ୍ଟ ୧୯୫୬ରେ ସଂଶୋଧନ ନକରି ଏହାକୁ ଲାଗୁ କରାଯାଇଛି । ତେବେ ସର୍ବୋଚ୍ଚ ଅଦାଲତ ସ୍ୱୀକାର କରିଛନ୍ତି ଯେ ମେଡିକାଲ କାଉନସିଲ୍ ପାଖରେ ଆକ୍ଟର ଧାରା ୩୩ ଅନୁସାରେ ରେଗୁଲେସନ ଆଣିବାର ଅଧିକାର ରହିଛି ।

ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି ଯେ ନିୟମରେ ହସ୍ତକ୍ଷେପ କରିବା ନେଇ କୌଣସି କାରଣ ଆମ ନଜରକୁ ଆସୁନାହିଁ । ଖଣ୍ଡପୀଠ କହିଛନ୍ତି, 'ଏହା ସାଧାରଣ କଥା ଯେ ସଂଶୋଧିତ ରେଗୁଲେସନ ଲାଗୁ ହେବା ପରେ ଯଦି କୌଣସି ପ୍ରାର୍ଥୀ ପ୍ରାଇମେରୀ ମେଡିକାଲ୍ ଏଜୁକେସନ୍ ନେବା ପାଇଁ କୌଣସି ବିଦେଶୀ ସଂସ୍ଥାରେ ନାମ ଲେଖାଇବାକୁ ଚାହାନ୍ତି, ତେବେ ସେ ରେଗୁଲେସନରୁ ରିହାତି ମାଗି ପାରିବେ ନାହିଁ । ଏହି ନିୟମ ଦେଶ ଭିତରେ ଡାକ୍ତର ହେବା ପାଇଁ ଆବଶ୍ୟକୀୟ ଯୋଗ୍ୟ ମାନଦଣ୍ଡ ନିର୍ଦ୍ଧାରିତ କରିଥାଏ । ଏହା ଭାରତ ବାହାରେ କୌଣସି ବି ସ୍ଥାନରେ ଡାକ୍ତର ହେବାର ସେମାନଙ୍କ ଅଧିକାରକୁ ପ୍ରତିବନ୍ଧିତ କରୁ ନାହିଁ ।' ଏହି ରାୟର ଅର୍ଥ ଏହା ହେଉଛି ଯେ ବିଦେଶରେ ଅଣ୍ଡର୍ ଗ୍ରାଜୁଏଟ୍ ମେଡିକାଲ୍ କୋର୍ସ କରିବା ପାଇଁ ଇଚ୍ଛୁକ ଭାରତୀୟ ଛାତ୍ରଛାତ୍ରୀଙ୍କୁ ଏବେ ବିଦେଶୀ ମେଡିକାଲ୍ ସଂସ୍ଥାରେ ନାମ ଲେଖାଇବା ପାଇଁ ନିଟ୍‌ୟୁଜିପାସ୍‌କରିବାକୁପଡ଼ିବ ।

# ସମସ୍ତଙ୍କୁ ଆଇନ ପରିସରଭୁକ୍ତ କରାଯାଇ ଉଚିତ୍ ଦଣ୍ଡ ବିଧାନ କରାଯିବ : ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୦।୨ (ମହାଭାରତ) କିଟ୍ ଘଟଣାକୁ ନେଇ ଆଇନ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି । ସରକାର ଗଠନ କରୁଥିବା ଉଚ୍ଚ ସ୍ତରୀୟ କମିଟି କିଟ୍‌ରୁ ଯାଇ ତଦନ୍ତ କରିଛନ୍ତି । ପୋଲିସ ବି ତଦନ୍ତ ଜାରି ରଖିଛି । କିଟ୍ କର୍ତ୍ତୃପକ୍ଷ ହୁଅନ୍ତୁ କି କେହି ବ୍ୟକ୍ତିଗତ ଭାବେ ସମ୍ପୃକ୍ତ ଥିବେ । ତଦନ୍ତ ପ୍ରକ୍ରିୟାରେ ଯାହାର ନାଁ ଆସିବ, କାହାକୁ ବି ଛଡାଯିବ ନାହିଁ । ସମସ୍ତଙ୍କୁ ଆଇନ ପରିସରଭୁକ୍ତ କରାଯାଇ, ଉଚିତ୍ ଦଣ୍ଡ ବିଧାନ କରାଯିବ । ମୁଖ୍ୟମନ୍ତ୍ରୀ ମଧ୍ୟ ସ୍ପଷ୍ଟ କରିଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀ ନେପାଳ ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ଆଶ୍ୱାସନା ଦେଇଛନ୍ତି, ଯେ ଆଗାମୀ ଦିନରେ ଏଭଳି କୌଣସି ଘଟଣା ହେବ ନାହିଁ । ଏଥିପାଇଁ ସରକାର ମଧ୍ୟ ସଜାଗ ରହିବେ । ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦାୟିତ୍ୱ ମଧ୍ୟ ସରକାର ନେବେ । ଏଭଳି ଘଟଣା କୌଣସି ଶିକ୍ଷାନୁଷ୍ଠାନରେ ନହେଉ ଏ ବାବଦରେ ସରକାର ସଜାଗ ରହିବେ । କିଟରେ ଘଟିଥିବା ଦୁର୍ଭାଗ୍ୟଜନକ ଘଟଣାରେ ଯାହାର ବି ସଂପୃକ୍ତି ଥିବ, କାହାକୁ ବି ଛଡା ଯିବ ନାହିଁ । ଆଇନ ତା ରାସ୍ତାରେ ଯିବ । ଦଣ୍ଡ ବିଧାନ ପ୍ରକ୍ରିୟା ଜାରି ରହିବ । ଆତ୍ମହତ୍ୟା ଓ ତା ପରବର୍ତ୍ତୀ ପର୍ଯ୍ୟାୟରେ ଛାତ୍ରଛାତ୍ରୀ ମାନଙ୍କୁ ଦୁର୍ବ୍ୟବହାର ଓ ଧମକ ଦେଲେ । ସେ ଦିଗ ଉପରେ ବି ତର୍ଜମା କରାଯାଉଛି । ଯେତେ ବଡ ଲୋକ ହୋଇଥିଲେ ବି ଆକ୍ସନ ହେବ । ଏସିଏସଙ୍କ ନେତୃତ୍ୱରେ ହୋଇଥିବା ଟିମ୍ ପରାମର୍ଶ ଆଧାରରେ ନିଷ୍ପତି ନିଆଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

# ବିଜେଡିକୁ ୫-ଟି ଜବାବ

ଭୁବନେଶ୍ୱର, ୨୦।୨ (ମହାଭାରତ): ଆଜି ବିଧାନସଭାରେ ୫-ଟିକୁ ବିରୋଧୀ ଦଳକୁ ସିଧାସଳଖ ନିଶାନା କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଏଥିସହ ପୂର୍ବ ସରକାରରେ ବିନା ବଜେଟରେ କୋଟି କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଥିବା ୫-ଟିର ସତକୁ ଗୃହରେ ସାମ୍ନାକୁ ଆଣିଛନ୍ତି । ପ୍ରତାପ ଦେବଙ୍କ ପ୍ରଶ୍ନର ଉତ୍ତର ରଖି ବିରୋଧୀ ବିଜେଡିକୁ ୫-ଟି ତୀର ମାରିଛନ୍ତି ସୁରେଶ ପୂଜାରୀ ।



ଆଜି ପ୍ରଶ୍ନକାଳରେ୍ ବିଗତ ସରକାର ସମୟରେ ଯେତିକି ବାତ୍ୟା ଆଶ୍ରୟସ୍ଥଳୀ ଘୋଷଣା ହୋଇଥିଲା, କାହିଁକି ସେହି କାର୍ଯ୍ୟ ତ୍ୱରାନ୍ୱିତ କରିନାହାନ୍ତି ? ୫୨ଟି ପ୍ରକଳ୍ପ କାହିଁକି କାର୍ଯ୍ୟକାରୀ ହୋଇନାହିଁ ? ଏହାର ରହସ୍ୟ କଣ ବୋଲି ପ୍ରଶ୍ନକାଳ ଆଲୋଚନା ବେଳେ ରାଜସ୍ୱ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ ।

ଏହାର ଉତ୍ତରରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଏହାର ରହସ୍ୟ ହେଉଛି, ବିଗତ ସରକାର ଅନେକ ନିଷ୍ପତ୍ତି ନେଉଥିଲେ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ସେଗୁଡିକ କାର୍ଯ୍ୟକାରୀ ହେଉନଥିଲା । ଯେଉଁ ନିଷ୍ପତ୍ତି ନେଇଥିଲେ, ବିଜେପି ସରକାରକୁ ଆସିଲେ କରିବ ବୋଲି ଛାଡ଼ି ଦେଇଥିଲେ । ପୂର୍ବ ସରକାର ୫୨ଟି ବାତ୍ୟା ଆଶ୍ରୟସ୍ଥଳୀ କରିବା ପାଇଁ ରାଜସ୍ୱ ବିଭାଗ ନିଷ୍ପତ୍ତି ନେଇନଥିଲା, ସେହି ନିଷ୍ପତ୍ତି ନେଇଥିଲେ ୫ଟି । କାଗଜ ପତ୍ରରେ ପ୍ରୋସେସିଂ ନକରି ଖାଲି ଘୋଷଣା କରିଥିଲେ ୫-ଟି । ୫-ଟି ସେତେବେଳେ କେତେ ଶକ୍ତିଶାଳୀ ଥିଲା ତାହା ସମସ୍ତଙ୍କୁ ଜଣା । ୫-ଟି ଘୋଷଣା ପରେ ବିଭାଗ ଏଷ୍ଟିମେଟ କଲା, ଟେଣ୍ଡର ହେଲା କିନ୍ତୁ ୱାର୍କ ଅର୍ଡର ବେଳକୁ ପଇସା ନାହିଁ । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଖର୍ଚ୍ଚ କରିବେ ବୋଲି କୁହାଯାଇଥିଲା । ରିଲିଫ ପାଣ୍ଠିରୁ ଯେତିକି ଅର୍ଥ ନାହିଁ, ତା ଠାରୁ ଅଧିକ ଘୋଷଣା କରାଯାଇଥିଲା । ବିଜେପି ସରକାର ୫୦୦ଟି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ସେଥିରେ ଏହି ୫୨ଟି ମଧ୍ୟ ହେବ । ଅର୍ଥ କମିଶନଙ୍କୁ ମଧ୍ୟ ସରକାର ଜଣାଇଛନ୍ତି । ବିଗତ ସରକାର ଘୋଷଣା କଲେ କିନ୍ତୁ କଲେ ନାହିଁ । ନୂଆ ସରକାର କରିବା ପାଇଁ ଛାଡ଼ି ଦେଇଗଲେ । ବିଗତ ସରକାର ଛାଡ଼ି ଥିବା ସବୁ କାର୍ଯ୍ୟ ବିଜେପି ସରକାର କରିବେ ବୋଲି କହିଲେ ରାଜସ୍ୱ ମନ୍ତ୍ରୀ ।

## 'ମଲାଇ ମଶରୁମ୍'

**ଆବଶ୍ୟକୀୟ ସାମଗ୍ରୀ :** ମଶରୁମ, କଟା ପିଆଜ, ଟମାଟୋ ପ୍ୟୁରି କାଜୁ ବଟା,ଅଦା-ରସୁଣ ବଟା, କସ୍ତୁରୀ ମେଥି, ଗରମ ମସଲା, ଫ୍ରେଶ୍ କ୍ରିମ,ଗୋଲମରିଚ ଗୁଣ୍ଡ, ଲୁଣ, ତେଲ

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ। ଟିକେ କଷି ହୋଇଗଲେ ଏଥିରେ ଟମାଟୋ ପ୍ୟୁରି ପକାଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ପକାଇ କଷନ୍ତୁ। କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏବେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସୁଆଦିଆ। 'ମଲାଇ ମଶରୁମ୍'। ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ।



### ଖବର

## ସନମ ତେରି କସମ-୨ରେ ମାଓ୍ୱରାଙ୍କ ସ୍ଥାନ ନେବେ ଶ୍ରଦ୍ଧା !





ଫିଲ୍ମ ସନମ୍ ତେରି କସମ୍ ୯ବର୍ଷ ପୂର୍ବେ ସିନେମା ହଲରେ ମୁକ୍ତିଲାଭ କରିଥିଲା। ଚଳିତ ବର୍ଷ ଏହି ଫିଲ୍ମଟି ଭାଲେଣ୍ଟାଇନ୍ସ ସପ୍ତାହରେ ପୁଣିଥରେ ମୁକ୍ତିଲାଭ କରିଥିଲାୟ ସନମ୍ ତେରୀ କସମ୍ ପୁନଃ ମୁକ୍ତିଲାଭ କରିବା ପରେ ପ୍ରଥମ ରିଲିଜ୍ ଅପେକ୍ଷା ରେ ଅଧିକ ଟଙ୍କା ରୋଜଗାର କରିଛି। ଫିଲ୍ମର ଆୟକୁ ଦେଖି ର୍ନିମାତା ଏହାର ଦ୍ୱିତୀୟ ଭାଗ ଘୋଷଣା କରିଛନ୍ତି। ସନମ ତେରି କସମ୍-୨ ଘୋଷଣା ସହିତ, ଷ୍ଟାରକାଷ୍ଟକୁ ନେଇ ମଧ୍ୟ ଆଲୋଚନା ଆରମ୍ଭ ହୋଇଯାଇଛି। ମାଓ୍ୱରା ହୋକେନଙ୍କ ସ୍ଥାନରେ ବଲିଉଡ ଷ୍ଟାର ଶ୍ରଦ୍ଧା କପୁରଙ୍କୁ କାଷ୍ଟ କରାଯିବା ନେଇ ଆଲୋଚନା ହେଉଛି।ସନମ ତେରି କସମର ଲେଖକ ଏବଂ ନିର୍ଦ୍ଦେଶକ ଏକ ସାକ୍ଷାତକାରରେ କହିଛନ୍ତି ଯେ, କିଛି ପ୍ରଶଂସକ ଚାହୁଁଛନ୍ତି ଯେ ଫିଲ୍ମରେ ହର୍ଷବର୍ଦ୍ଧନଙ୍କ ବିପକ୍ଷରେ ଶ୍ରଦ୍ଧା କପୁରଙ୍କୁ କାଷ୍ଟ କରାଯାଉ। ଏହି ବୟାନ ପରେ ଏବେ ଲୋକମାନେ ଏହା ଉପରେ ପ୍ରତିକ୍ରିୟା ମଧ୍ୟ ଦେବା ଆରମ୍ଭ କରିଛନ୍ତି।କିଛି ଏହି ଖବର ଶୁଣି ଖୁସି ହୋଇଥିବା ବେଳେ କିଛି ନିରାଶ ହୋଇଛନ୍ତି। ଶ୍ରଦ୍ଧାଙ୍କୁ ନେଲେ ଆମେ ଫିଲ୍ମ ଦେଖିବାକୁ ଯିବୁ ନାହିଁ। କାରଣ ସେ ଅଧିକ ଖରାପ ଅଭିନୟ କରନ୍ତି ବୋଲି କିଛି ଲୋକ ମତ ରଖିଛନ୍ତି।

## ମନୁଷ୍ୟ ଦୁଃଖର ସବୁଠୁ ବଡ଼ କାରଣ



ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିରେ ସଫଳ ଜୀବନ ପାଇଁ କେତେକ ନୀତି କହିଛନ୍ତି । ଏହି ନୀତି ଗୁଡିକ ଭିତରୁ କେତେ ନୀତି ବା ବିଚାର ଆପଣଙ୍କୁ କଠୋର ଲାଗିପାରେ କିନ୍ତୁ ଏହି କଠୋରତା ହିଁ ଜୀବନର ସତ୍ୟ ଅଟେ । ବ୍ୟସ୍ତ ବହୁଳ ଜୀବନରେ ଆପଣ ଏହି ବିଚାରଗୁଡିକୁ ଅଣଦେଖା କରିଦେଇ ପାରନ୍ତି କିନ୍ତୁ ଏହା ଜୀବନର ପ୍ରତିଟି ଘଡ଼ିସନ୍ଧି ମୁହୂର୍ତ୍ତରେ ଆପଣଙ୍କୁ ସାହାଯ୍ୟ କରିଥାଏ । କୁହାଯାଏ ଯଦି କେହି ଚାଣକ୍ୟଙ୍କ ନୀତି ମାନିଥାନ୍ତି, ତାଙ୍କୁ ନିଶ୍ଚିତ ଭାବେ ସଫଳତା ମିଳିଥାଏ ।

☐ ଚାଣକ୍ୟ କହିଛନ୍ତି, ଦୁଃଖ ଓ ସୁଖ ମନୁଷ୍ୟ ଜୀବନର ଜଣେ ସାଥୀ । ଯାହା ସମୟ ସମୟରେ ମନୁଷ୍ୟ ପାଖକୁ ଆସିଥାଏ । ହେଲେ ଏପରି ଏକ ଜିନିଷ ଯାହା ମନୁଷ୍ୟ ପାଇଁ ଦୁଃଖର କାରଣ ହୋଇଯାଏ । ଯଦି ଏହାକୁ ବ୍ୟକ୍ତି କାବୁ କରିଦିଏ, ତେବେ ଖୁସିରେ ଆପଣଙ୍କ ଜୀବନ ଭରିଯିବ । ମନୁଷ୍ୟ ନିଜେ ହିଁ ନିଜ କର୍ମ ଦ୍ୱାରା ଜୀବନରେ ଦୁଃଖକୁ ଆମନ୍ତ୍ରଣ କରିଥାଏ:

☐ କର୍ମ ହେଉଛି ପୂଜା, ଯେମିତି କର୍ମ କରିବ ସେମିତି ଫଳ ପାଇବ । ଭଲ କର୍ମ କରୁଥିବା ବ୍ୟକ୍ତି ସବୁ ସ୍ଥାନରେ ସମ୍ମାନ ପାଇଥାଏ । ଖରାପ କର୍ମ କରୁଥିବା ବ୍ୟକ୍ତି ସର୍ବଦା ଦୁଃଖକୁ ଆମନ୍ତ୍ରଣ କରିଥାଏ । ମନୁଷ୍ୟକୁ ବର୍ତ୍ତମାନ ସହ ତା'ର ପୂର୍ବ ଜନ୍ମର ଫଳ ମଧ୍ୟ ମିଳିଥାଏ । ଅନ୍ୟର ଯଦି ଭଲ ନ କରିପାରୁଛ, ତେବେ ଖରାପ କରନାହିଁ ।

☐ ଦୁଃଖ ଓ ସୁଖ ସ୍ଥାୟୀ ନୁହେଁ, ହେଲେ ଯେଉଁ ବ୍ୟକ୍ତି ଅଧିକ ସମୟ ଦୁଃଖ ଓ କଷ୍ଟରେ ରହିଥାଏ ତାହା ତାର କର୍ମ ଫଳ ହୋଇଥାଏ । କେତେକ କର୍ମ ଫଳ ଏହି ଜନ୍ମରେ ମଧ୍ୟ ମିଳିଥାଏ । ଖୁସି ସମୟ ଆସିଲେ ମନୁଷ୍ୟ ନିଜର ଦୁଃଖ ସମୟ ଭୁଲିଯାଏ । ତାକୁ ସେତେବେଳେ ଭଲ, ମନ୍ଦ ଓ ଛୋଟ-ବଡ଼ କାମର ବୁଝିବା ଆସିନଥାଏ । ପାରିବାରିକ, ଆର୍ଥିକ, ସାମଜିକ ସ୍ତରରେ କିଛି ଭୁଲ କରି ବସନ୍ତି, ଯାହାକି ଦୁଃଖର କାରଣ ହୋଇଯାଏ । ଚାଣକ୍ୟ କୁହନ୍ତି ଯେ ବ୍ୟକ୍ତି ନିଜର କର୍ମଫଳ ଦ୍ୱାରା ଦୁଃଖକୁ ନିମନ୍ତ୍ରଣ କରିଥାଏ ।

## ମଙ୍ଗଳସୂତ୍ରର ମହତ୍ତ୍ୱ

ମଙ୍ଗଳସୂତ୍ର ଧାରଣ କରିବା ଏକ ପରମ୍ପରା ଭାବେ ବହୁ ପୁରାତନ ସମୟରୁ ପାଳନ ହୋଇଆସୁଛି । ମଙ୍ଗଳସୂତ୍ରକୁ ବିବାହର ଓ ସ୍ୱାମୀଙ୍କର ଏକ ପ୍ରତୀକ ବୋଲି କୁହାଯାଏ । ବିବାହ ପରେ ସଧବା ନାରୀମାନେ ମଙ୍ଗଳସୂତ୍ରକୁ ଶ୍ରଦ୍ଧାପୂର୍ବକ ଧାରଣ କରି ଥାଆନ୍ତି। ଏହା ଷୋହଳ ଶୃଙ୍ଗାର ମଧ୍ୟରୁ ଗୋଟିଏ ଅଟେ । ମାତ୍ର ଏହା କେବଳ ଏକ ଗହଣା ନୁହେଁ, ଏଥିରେ ବହୁ ଚମତ୍କାରୀ ଓ ଲାଭଦାୟକ ଗୁଣ ମଧ୍ୟ ରହିଛି ।

**ମଙ୍ଗଳସୂତ୍ର ଧାରଣ କରିବାର ବୈଜ୍ଞାନିକ ମହତ୍ତ୍ୱ-**

ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ, ମଙ୍ଗଳସୂତ୍ର ସୁନା ଅଥବା ଚାନ୍ଦି ଓ କଳା ମୋତିରେ ର୍ନିମିତ ହୋଇଥାଏ। ଦୁଇଟି ଧାତୁ ଚାନ୍ଦି ଓ ସୁନା ମହିଳାଙ୍କ ହୃଦୟକୁ ସୁସ୍ଥ ରଖିଥାଏ । ଏହି ଧାତୁ କାରଣରୁ ନାରୀମାନଙ୍କ ରକ୍ତଚାପ ସଠିକ ରହିଥାଏ। ମଙ୍ଗଳସୂତ୍ରରେ ଥିବା ସୁନା ଶକ୍ତି ଓ ତେଜର ପ୍ରତୀକ । ତେଣୁ ସୁନା ଧାରଣ କରିବା ଦ୍ୱାରା ମହିଳାଙ୍କୁ ଶକ୍ତି ମିଳିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ବାୟୁଜନିତ ରୋଗରୁ ରକ୍ଷା କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ । ମଙ୍ଗଳସୂତ୍ର ଧାରଣ କରିବା ଦ୍ୱାରା ମହିଳାଙ୍କ ଶରୀରରେ ସକରାତ୍ମକ ଶକ୍ତି ରହିବା ସହ ସେ ନିଜକୁ ଶକ୍ତିଶାଳୀ ଅନୁଭବ କରିଥାଆନ୍ତି ।



**ମଙ୍ଗଳସୂତ୍ରର ଧାର୍ମିକ ମହତ୍ତ୍ୱ ଓ ଏହା ସହ ଜଡ଼ିତ ମାନ୍ୟତା-**

ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ବିବାହ ପରେ ମହିଳାମାନେ ବିଭିନ୍ନ ଶୃଙ୍ଗାର ଦ୍ରବ୍ୟ ବ୍ୟବହାର କରିଥାଆନ୍ତି । ଏହାସହ ବହୁ ଗହଣା ପିନ୍ଧିବାର ମଧ୍ୟ ଆବଶ୍ୟକତା ଥାଏ । ମଙ୍ଗଳସୂତ୍ର ମଧ୍ୟ ସେହି ଗହଣା ମଧ୍ୟରୁ ଗୋଟିଏ । ମଙ୍ଗଳସୂତ୍ର କଳା ମୋତି ଓ ସୁନାର ଲକେଟକୁ ନେଇ ତିଆରି କରାଯାଏ । ଏହା ଅଖଣ୍ଡ ସୌଭାଗ୍ୟର ପ୍ରତୀକ କାରଣ ନାରୀଟି ନିଜ ସ୍ୱାମୀଙ୍କ ଦ୍ୱାରା ହିଁ ବିବାହ ସମୟରେ ମଙ୍ଗଳସୁତ୍ର ପିନ୍ଧିଥାଏ। ମଙ୍ଗଳସୂତ୍ରରେ ଥିବା କଳା ମୋତି ନାରୀମାନଙ୍କୁ ନକରାତ୍ମକ ଦୃଷ୍ଟିରୁ ରକ୍ଷା କରିଥାଏ।

## ନଟରାଜ



ତନ ଧର୍ମରେ ତ୍ରିଦେବଙ୍କ ମଧ୍ୟରୁ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ବିବେଚିତ ହେଉଥିବା ଭଗବାନ ଶିବଙ୍କ ବିବିଧ ସ୍ୱରୂପ ଏବଂ ଲୀଳା ସର୍ବଦା ଭକ୍ତଗଣଙ୍କ ପାଇଁ ଜିଜ୍ଞାସାର ବିଷୟ ପାଲଟିଛି । ଐତିହାସିକ ମାନ୍ୟତା ଅନୁଯାୟୀ, ଶିବଙ୍କ ଅର୍ଦ୍ଧନାରୀଶ୍ୱର ଏବଂ ହରିହର ସ୍ୱରୂପ ଗୁପ୍ତଯୁଗ ସମୟରୁ ପୂଜିତ ହୋଇଆସୁଛନ୍ତି । ହରିହର ସ୍ୱରୂପ ସମ୍ବନ୍ଧରେ କୁହାଯାଇଛି ଯେ ଏହାର ପ୍ରବର୍ତ୍ତନ ଶୈବ ଏବଂ ବୈଷ୍ଣବ ଧର୍ମ ମଧ୍ୟରେ ରହିଥିବା ବିଭେଦ ଦୂର କରିବା ଲାଗି ହୋଇଥିଲା । ନାରୀ-ପୁରୁଷଙ୍କୁ ପରସ୍ପରର ପରିପୂରକ ବୋଲି ଦର୍ଶାଇବା ଲାଗି ଅର୍ଦ୍ଧନାରୀଶ୍ୱର ସ୍ୱରୂପରେ ଭଗବାନ ଶିବଙ୍କୁ ପୂଜା କରାଯାଉଥିଲା । ଏହିପରି ଭଗବାନ ଶିବଙ୍କ ନଟରାଜ ସ୍ୱରୂପର ଉତ୍ପତି ବିଷୟକ ଧାରଣା "ଆନନ୍ଦମ୍ ତାଣ୍ଡବମ୍" ସହିତ ଜଡ଼ିତ । 'ନଟରାଜ' ଶବ୍ଦର ଅର୍ଥ ହେଉଛି ନଟ ବା ନାଚ କରୁଥିବା ରାଜା । ଏହାର ସହଜ ଅର୍ଥ ହେଉଛି ସଂସାରର ସମସ୍ତ ନୃତ୍ୟରତ ପ୍ରାଣୀଙ୍କ ନେତୃତ୍ୱ ଭଗବାନ ଶିବ ନେଇଥାନ୍ତି । ସେହିପରି ସୃଷ୍ଟିର ପୁନଃନିର୍ମାଣ ଲାଗି ଭଗବାନ ଶିବ ନିର୍ଦ୍ଦେଶକ ଭୂମିକା ତୁଲାଇଥାନ୍ତି । ଭଗବାନ ଶିବଙ୍କ ତାଣ୍ଡବର ଦୁଇଟି ସ୍ୱରୂପ ରହିଛି । ପ୍ରଥମଟି କ୍ରୋଧର ପରିଚାୟକ, ଅର୍ଥାତ୍ ପ୍ରଳୟଙ୍କାରୀ ରୌଦ୍ର ତାଣ୍ଡବ । ଅନ୍ୟଟି ଆନନ୍ଦ ପ୍ରଦାନକାରୀ, ଆନନ୍ଦ ତାଣ୍ଡବ । ଅଧିକାଂଶ ଲୋକ ତାଣ୍ଡବ ଶବ୍ଦକୁ ଶିବଙ୍କ କ୍ରୋଧ ସ୍ୱରୂପ ବୋଲି ମାନିଥାନ୍ତି । ରୌଦ୍ର ତାଣ୍ଡବ କରୁଥିବା ଶିବ ରୁଦ୍ର କହିଥାନ୍ତି । ଆନନ୍ଦ ତାଣ୍ଡବ କରୁଥିବା ଶିବ ନଟରାଜ । ପ୍ରାଚୀନ ଆଚାର୍ଯ୍ୟଙ୍କ ମତାନୁସାରେ ଶିବଙ୍କ ଆନନ୍ଦ ତାଣ୍ଡବ ସହିତ ସୃଷ୍ଟି ଅସ୍ତିତ୍ୱ ମଧ୍ୟକୁ ଆସିଛି ତଥା ତାଙ୍କର ରୌଦ୍ର ତାଣ୍ଡବ ଯୋଗୁ ସୃଷ୍ଟିର ବିନାଶ ହୋଇଥାଏ । ଶିବଙ୍କ ନଟରାଜ ସ୍ୱରୂପ ମଧ୍ୟ ତାଙ୍କର ଅନ୍ୟ ସ୍ୱରୂପ ଭଳି ମନମୋହକ ।

ନଟରାଜ ଶିବଙ୍କ ପ୍ରସିଦ୍ଧ ପ୍ରାଚୀନ ମୂର୍ତ୍ତିରେ ତାଙ୍କର ୪ ବାହୁ ରହିଛି । ତାଙ୍କର ଚାରିପାଖେ ଅଗ୍ନି ପ୍ରଜ୍ୱଳିତ । ତାଙ୍କର ଗୋଟିଏ ପାଦ ଏକ ଦୈତ୍ୟକୁ ଚାପି ଧରିଥିବା ବେଳେ ଅନ୍ୟ ପାଦଟି ନୃତ୍ୟ ମୁଦ୍ରାରେ ଥାଏ । ସେ ନିଜର ପ୍ରଥମ ଡାହାଣ ହାତରେ ଡମ୍ବରୁ ଧରିଛନ୍ତି (ଯାହା ଉପରେ ରହିଛି) । ଡମ୍ବରୁ ସ୍ୱର ସୃଜନ ବା ସୃଷ୍ଟିର ପ୍ରତୀକ । ଏଥିରୁ ଜଣାପଡ଼େ ଶିବ ସୃଷ୍ଟି ନିର୍ମାଣ କରିଥାନ୍ତି । ଉପରେ ଥିବା ତାଙ୍କର ବାମ ହାତରେ ଅଗ୍ନି ଥାଏ, ଯାହା ବିନାଶର ପ୍ରତୀକ । ଅର୍ଥାତ୍ ଶିବ ମଧ୍ୟ ବିନାଶର କାରଣ ସାଜିଥାନ୍ତି । ତଳେ ଥିବା ତାଙ୍କର ଡାହାଣ ହାତ ବିଳୟର ପ୍ରତୀକ । ଅନ୍ୟ ହାତ ଅଭୟ ମୁଦ୍ରାରେ ଥାଏ । ଯାହାର ଅର୍ଥ ହେଉଛି ଭଗବାନ ଶିବ ସମସ୍ତ ସଂସାରକୁ କୁଦୃଷ୍ଟିରୁ ରକ୍ଷା କରିଥାନ୍ତି ।

ଶିବଙ୍କ ଉଠି ରହିଥିବା ନୃତ୍ୟରତ ପାଦ ମୋକ୍ଷର ପ୍ରତୀକ । ତାଙ୍କର ଦ୍ୱିତୀୟ ବାମ ହାତ ତାଙ୍କର ପାଦ ଆଡ଼କୁ ଇଙ୍ଗିତ କରିଥାଏ । ଏହାର ଅର୍ଥ ଭଗବାନ ଶିବ ମୋକ୍ଷ ମାର୍ଗ ଲାଗି ପରାମର୍ଶ ଦେଇଥାନ୍ତି । ଏଥିରୁ ଆମେ ବୁଝିବା ଉଚିତ ଯେ ଶିବଙ୍କ ଚରଣରେ ମୋକ୍ଷ ରହିଛି । ତାଙ୍କ ପାଦ ତଳେ ଚାପି ହୋଇରହିଥିବା ଦାନବ ଅଜ୍ଞାନତାର ପ୍ରତୀକ । ଯାହାକୁ ଶିବ ନଷ୍ଟ କରିଦେଇଥାନ୍ତି । ଶିବ ଅଜ୍ଞାନର ବିନାଶ କରିଥାନ୍ତି । ନଟରାଜଙ୍କ ଚର୍ତୁଦିଗରେ ଉଠୁଥିବା ଗୋଲାକାର ଅଗ୍ନି ସ୍ଫୁଲିଙ୍ଗ ବ୍ରହ୍ମାଣ୍ଡର ପ୍ରତୀକ । ତାଙ୍କ ଶରୀରରେ ଝୁଲି ରହିଥିବା ସର୍ପ କୁଣ୍ଡଳିନୀ ଶକ୍ତିର ପ୍ରତୀକ । ତାଙ୍କର ସମ୍ପୂର୍ଣ୍ଣ ଆକୃତି 'ଓଁ'କାର ସ୍ୱରୂପ ଭଳି ଦେଖାଯାଇଥାଏ । ଯାହା ସୂଚାଇ ଦିଏ ଯେ ଶିବଙ୍କ ମଧ୍ୟରେ ହିଁ 'ଓଁ' ନିହିତ ରହିଛି ।

## ଭଗବାନଙ୍କ ମନରୁ ସୃଷ୍ଟି ସପ୍ତର୍ଷି

ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, "ମହର୍ଷୟଃ ସପ୍ତ ପୂର୍ବେ ଚତ୍ୱାରୋ ମନବସ୍ତଥା । ମଦ୍‌ଭାବା ମାନସା ଜାତା ଯେଷାଂ ଲୋକ ଇମାଃ ପ୍ରଜାଃ ।।" ଅର୍ଥାତ୍



ସପ୍ତର୍ଷି ମୋର ମନରୁ ଉତ୍ପନ୍ନ ହୋଇଛନ୍ତି ଏବଂ ସେମାନେ ମୋର ହିଁ ବିଭୂତି । ଯେଉଁ ବ୍ୟକ୍ତି ପ୍ରାତଃ କାଳରୁ ଉଠି ଏମାନଙ୍କ ନାମ ଧ୍ୟାନ କରିଥାଏ, ତାହାର ଫଳ ସ୍ୱରୂପ ଉକ୍ତ ବ୍ୟକ୍ତିର ସାରାଦିନ ଉତ୍ସାହ ଏବଂ ଆନନ୍ଦରେ କଟିଥାଏ । ଦିନର ଆରମ୍ଭ ଉତ୍ତମ ହେଲେ ଏହାର ପ୍ରଭାବରେ ସାରା ଦିନ ଭଲରେ କଟିଥାଏ । ଏଣୁ ସବୁ ପରିସ୍ଥିତିକୁ ଅନୁକୂଳ କରିବା ଲାଗି ଦିନର ପ୍ରାରମ୍ଭ ଭଲ କରିବା ଲାଗି ସର୍ବଦା ଚେଷ୍ଟା କରିବା ଉଚିତ୍ । ସକାଳୁ ଉଠି ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା କୁହାଯାଇଥିବା ଉପାୟ ଅବଲମ୍ବନ କଲେ ସାରା ଦିନ ଭଲରେ କଟିଥାଏ । ଶାସ୍ତ୍ରରେ ସପ୍ତର୍ଷିଙ୍କ ବିଷୟରେ ଉଲ୍ଲେଖ ରହିଛି । ସେମାନେ ହେଲେ - ବଶିଷ୍ଠ, କଶ୍ୟପ, ଅତ୍ରି, ଯମଦଗ୍ନି, ଗୌତମ, ବିଶ୍ୱାମିତ୍ର ଓ ଭରଦ୍ୱାଜ ।

# ଅର୍ଥ ଓ ସମନ୍ୱିତ ଯୋଜନା ଦ୍ୱାରା ବିକାଶ ତ୍ୱରାନ୍ୱିତ ହେବ

**ଭୁବନେଶ୍ୱର,୨୦।୨ (ମହାଭାରତ):** ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ହାସଲ ସଂପର୍କିତ ଦ୍ରୁତ ସୂଚନା ପ୍ରାପ୍ତି, ଅନୁଧ୍ୟାନ( ଟ୍ରାକିଂ) ଏବଂ ବିବରଣୀ ପ୍ରଦାନ (ରିପୋର୍ଟିଂ) ଉପରେ ଏକ ଜାତୀୟ କର୍ମଶାଳା ଆଜି ଭୁବନେଶ୍ୱରସ୍ଥିତ ମେଫେୟାର କନଭେନସନ ହଲରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସହାୟତା ମିଶନ ଓ ୟୁଏନଡିପି ଅଧୀନରେ ନୀତି ଆୟୋଗ ସହଯୋଗରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି କର୍ମଶାଳା ଆୟୋଜନ କରାଯାଇଥିଲା।




ସମନ୍ୱିତ ଯୋଜନା, ଅର୍ଥ ଯୋଗାଣ ଏବଂ ତଦାରଖ ପଦ୍ଧତି ମାଧ୍ୟମରେ ନିରନ୍ତର ବିକାଶ ଲକ୍ଷ୍ୟ କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ରଣନୀତି ଆପଣାଇବା ସମ୍ପର୍କରେ ପାରସ୍ପରିକ ଜ୍ଞାନ ଆହରଣ ଏବଂ ଆଲୋଚନା ପାଇଁ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରମୁଖ ନୀତି ନିର୍ଦ୍ଧାରକ, ବରିଷ୍ଠ ସରକାରୀ ଅଧିକାରୀ ଏବଂ ବିଶେଷଜ୍ଞମାନେ ଏହି ଦିନିକିଆ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

ଏହି କର୍ମଶାଳାରେ ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ ବେରୀ ଯୋଗଦେଇ ତାଙ୍କର ବକ୍ତବ୍ୟରେ ବିକାଶ ବ୍ୟବଧାନକୁ ଦୂର କରିବା, ପ୍ରଶାସନିକ ଢାଞ୍ଚାରେ ଉନ୍ନତି ଆଣିବା ଏବଂ ନିରନ୍ତର ଅର୍ଥ ଯୋଗାଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏକ ପ୍ରମାଣଭିତ୍ତିକ ଏବଂ ବହୁ-ଅଂଶୀଦାର ଆଭିମୁଖ୍ୟର ଜରୁରୀ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ।

ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବି.ଭି.ଆର ସୁବ୍ରମଣ୍ୟମ ଦାରିଦ୍ର୍ୟ ଦୂରୀକରଣ ପଦକ୍ଷେପଠାରୁ ଆରମ୍ଭ କରି ପ୍ରଭାବଶାଳୀ ସ୍ଥାନୀୟ ପ୍ରୟାସ ସଂପର୍କରେ ଆଲୋକପାତ କରିଥିଲେ। ଏସଡିଜି କାର୍ଯ୍ୟକାରୀ କରିବାରେ ଭାରତର ଉଲ୍ଲେଖନୀୟ ସଫଳତା ଉପରେ ଆଲୋଚନା କରିବା ସହିତ ଅଧିକ ସାମୂହିକ ପ୍ରଭାବ ପାଇଁ ଜ୍ଞାନ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ସେ ଅନୁରୋଧ କରିଥିଲେ।

ମୁଖ୍ୟ ଶାସନ ସଚିବ, ଓଡ଼ିଶା ମନୋଜ ଆହୁଜା ଉଦଘାଟନୀ ଅଭିଭାଷଣ ପ୍ରଦାନ କରି ଓଡ଼ିଶାର ପ୍ରମୁଖ ଏସଡିଜି ସଫଳତା ସମ୍ପର୍କରେ ବିବରଣୀ ପ୍ରଦାନ କରିବା ସହ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲରେ ଏସଡିଜିର ଗୁରୁତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ଅଞ୍ଚଳରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟଭିତ୍ତିକ ନିରନ୍ତର ବିକାଶରେ ତଥ୍ୟ (ଡାଟା)ର ଭୂମିକା ଏବଂ ଶାସନ ପ୍ରକ୍ରିୟାରେ ବିକେନ୍ଦ୍ରୀକରଣର ଗୁରୁତ୍ୱ ରହିଥିବା ସଂପର୍କରେ ସେ ପ୍ରକାଶ କରିଥିଲେ। ଉନ୍ନୟନ କମିଶନର ତଥା ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗ ତାଙ୍କ ଉପସ୍ଥାପନାରେ ଓଡ଼ିଶା ସରକାରଙ୍କ ଦ୍ୱାରା ଏସଡିଜି କାର୍ଯ୍ୟକାରିତା ଓ ତଦାରଖ ପାଇଁ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଏହା ଅଧୀନରେ ପ୍ରମୁଖ ସଫଳତା ଉପରେ ଆଲୋକପାତ କରିବା ସହ ଓଡ଼ିଶାରେ ଏସଡିଜିକୁ ତ୍ୱରାନ୍ୱିତ କରିବା ପାଇଁ ସମନ୍ୱିତ ଯୋଜନା, କାର୍ଯ୍ୟକାରିତା ଏବଂ ତଦାରଖ କରାଯାଉଥିବା ସଂପର୍କରେ ଗୁରୁତ୍ୱାରୋପ କରିଥିଲେ। ନୀତି ଆୟୋଗର ବରିଷ୍ଠ ପରାମର୍ଶଦାତା (ଏସଡିଜି) ରାଜୀବ କୁମାର ସେନ ସ୍ୱାଗତ ଭାଷଣ ପ୍ରଦାନ କରି ଏହି କର୍ମଶାଳାରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଆଇଜେଡ୍, ଇଣ୍ଡିଆର କଣ୍ଟ୍ରି ଡାଇରେକ୍ଟର ଡ. ଉଲରିକେ ରେଭିୟର ଏସଡିଜିକୁ ତ୍ୱରାନ୍ୱିତ କରିବାରେ ବିଭିନ୍ନ ରାଜ୍ୟରେ ରହୁଥିବା ଆହ୍ୱାନ ଏବଂ ଏହାକୁ ହାସଲ କରିବାର ସୁଯୋଗ ଉପରେ ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ ୟୁଏନଡିପି ଦ୍ୱାରା ପରିଚାଳିତ ପ୍ରଥମ ବୈଷୟିକ ଅଧିବେଶନରେ ବିଭିନ୍ନ ନିର୍ଦ୍ଦିଷ୍ଟ ଅଂଚଳଭିତ୍ତିକ ବିକାଶକୁ ସୁଦୃଢ଼ କରିବା ଉପରେ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, କେରଳ, ବିହାର ଏବଂ ଝାଡ଼ଖଣ୍ଡ ଭଳି ରାଜ୍ୟଗୁଡ଼ିକ ଦ୍ୱାରା ଗ୍ରହଣ କରାଯାଇଥିବା ଅଭିନବ ପଦ୍ଧତି ଏବଂ ସମ୍ପୃକ୍ତ ସ୍ଥାନୀୟ ସରକାରୀ ସ୍ତରରେ ଏସଡିଜିଗୁଡ଼ିକୁ ଅନୁଷ୍ଠାନିକ ରୂପ ଦେବାରେ ଗ୍ରହଣ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା ଯନୀତି ଆୟୋଗ ଏବଂ ଦକ୍ଷତା ବିକାଶ ଆୟୋଗର ଅଧିକାରୀମାନେ ଯଥାକ୍ରମେ ରାଜ୍ୟ ସହାୟତା ମିଶନ ଏବଂ ମିଶନ କର୍ମଯୋଗୀ ଅଧୀନରେ ନିଆଯାଇଥିବା ପଦକ୍ଷେପ ବିଷୟରେ ପାରସ୍ପରିକ ଆଲୋଚନା କରିଥିଲେ।

# ସମାପନା ହେଲା କଂଗ୍ରେସ ସଂକଳ୍ପ ଯାତ୍ରା

**ଭୁବନେଶ୍ୱର,୨୦।୨ (ମହାଭାରତ):** ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ସଂକଳ୍ପ ପଦଯାତ୍ରା ଚନ୍ଦନପୁର ଠାରୁ ଦିନ ୧୦ ଘଟିକା ସମୟରେ ଆରମ୍ଭ ହେଲା। ଏହି ପଦଯାତ୍ରାରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ଅଖିଳ ଭାରତ କଂଗ୍ରେସ କମିଟିର ଓଡ଼ିଶା ସହ ପ୍ରଭାରୀ ରୋଜାଲୀନି ତିର୍କୀ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ୍, ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନିପତି, ବିଧାୟକ ଅଶୋକ ଦାସ, ଦାଶରଥି ଗମାଙ୍ଗ, ମଙ୍ଗୁ ଖିଲ, ପବିତ୍ର ସାଉଂଟା, ଆପାଲା ସ୍ୱାମୀ କାଡରେକା, ସାଗର ଦାସ, ବରିଷ୍ଠ କଂଗ୍ରେସ ନେତା ଉମାବଲ୍ଲଭ ରଥ, ଦେବାଶିଷ ପଟ୍ଟନାୟକ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ଜିଲ୍ଲା ସଭାପତି ବିଶ୍ୱଜିତ ଦାଶ, ଜାନକୀ ବଲ୍ଲଭ ପଟ୍ଟନାୟକ, ବାଲେଶ୍ୱର ଜିଲ୍ଲା ସଭାପତି ସଂଜିବ ଗିରି, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଅଶିତ ପଟ୍ଟନାୟକ, ନଳିନୀ ମହାନ୍ତି ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ।

ସଂକଳ୍ପ ପଦଯାତ୍ରା ଦିନ ୨.୩୦ ମିନିଟ୍ ସମୟରେ ଅଠରନଳା ପାଖରେ ପହଂଚିଲା। ସେଠାରେ ଥିବା ଶ୍ରୀ ହରି ଭିଲାରେ ପଦଯାତ୍ରୀମାନେ ମଧ୍ୟାହ୍ନ ଭୋଜନ କରିବା ସହିତ ବିଶ୍ରାମ ନେଲେ। ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା ଦିନ ୪.୧୫ ମିନିଟ ସମୟରେ ଆରମ୍ଭ ହେଲା। ହଜାର ହଜାର ପୁରୀ ଜିଲ୍ଲାରେ କଂଗ୍ରେସ କର୍ମୀ, ଶୁଭେଚ୍ଛୁ ଓ ନେତୃବୃନ୍ଦ ମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ସନ୍ଧ୍ୟା ୬.୧୫ ମନିଟ୍ ସମୟରେ ସଂକଳ୍ପ ପଦଯାତ୍ରା ଶ୍ରୀମନ୍ଦିର ସିଂହ ଦ୍ୱାର ପାଖରେ ପହଂଚିଲା। ପୁରୀ ଜିଲ୍ଲା ପୁଲିସ ପ୍ରଶାସନ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଓ ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ, ସମସ୍ତ ବିଧାୟକ ଓ ବରିଷ୍ଠ କଂଗ୍ରେସ ନେତୃବୃନ୍ଦମାନେ ମହାପ୍ରଭୁଙ୍କୁ ଦର୍ଶନ କଲେ। ମହାପ୍ରଭୁଙ୍କ ଦର୍ଶନସାରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସ ଗଣମାଧ୍ୟମଙ୍କୁ ସୂଚନା ଦେଇ କହିଲେ ଯେ, ଆସନ୍ତା ଦିନରେ ଏକ ରାଜନୈତିକ ମହାବିପ୍ଳବ ସୃଷ୍ଟି ହେବ। ହଜାର ହଜାର କଂଗ୍ରେସ କର୍ମୀ ଏ ବିପ୍ଳବରେ ଯୋଡ଼ି ହେବେ। ଓଡ଼ିଶା ଦିନେ କଂଗ୍ରେସ ଶାସନରେ ଥିଲା। ଖୁବ୍ ଅଳ୍ପ ଦିନ ମଧ୍ୟରେ କଂଗ୍ରେସ କ୍ଷମତା ଦଖଲ କରିବ। ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥକୁ କେବଳ କଂଗ୍ରେସ ହିଁ ରକ୍ଷା କରିପାରିବ। ଓଡ଼ିଶାର କୃଷକ, ଯୁବକ, ମହିଳା, ଛାତ୍ର, ଶ୍ରମିକ ଏବଂ ଉଠା ଦୋକାନୀମାନଙ୍କ ସମସ୍ୟାକୁ ନିଶ୍ଚିତ ରୂପେ ଅଗ୍ରାଧିକାର ଦିଆଯାଇ କଂଗ୍ରେସ ଲଢ଼ିବ। ଏହି ସଂକଳ୍ପ ପଦଯାତ୍ରାରେ ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ।

# କୃଷିଜାତ ଦ୍ରବ୍ୟର ରପ୍ତାନୀ ବୃଦ୍ଧି ନେଇ ବୈଠକ

**ଭୁବନେଶ୍ୱର,୨୦।୨ (ମହାଭାରତ):** କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶାରୁ କୃଷି-ରପ୍ତାନୀକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପରାମର୍ଶ ବୈଠକ କୃଷି ଭବନରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଦେଶ ବିଦେଶରେ ବହୁତ ଚାହିଦା ରହିଛି। ରପ୍ତାନୀ ସମୟରେ ବ୍ୟବସାୟୀମାନେ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡ଼ିକର ସମାଧାନ କରି ବ୍ୟବସାୟୀଙ୍କ ପାଇଁ ଏକ ଅନୁକୂଳ ଇକୋସିଷ୍ଟମ ସୃଷ୍ଟି କରିବା ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଦେଶ ବିଦେଶରେ ଚାହିଦା ଥିବା ରପ୍ତାନୀ ଉଦ୍ଦିଷ୍ଟ ପ୍ରମୁଖ କୃଷି ଉତ୍ପାଦଗୁଡ଼ିକୁ ଚିହ୍ନଟ କରି ଓଡ଼ିଶାରୁ କୃଷି ରପ୍ତାନୀ ବୃଦ୍ଧି କରିବା ଏହି ବୈଠକର ପ୍ରମୁଖ ଲକ୍ଷ୍ୟ। ରପ୍ତାନୀ ପ୍ରକ୍ରିୟାକୁ ସହଜ,ସୁଗମ କରିବା ସହିତ କୃଷିଜାତ ଦ୍ରବ୍ୟର ରପ୍ତାନୀ କ୍ଷେତ୍ରକୁ ଅଧିକ ସମ୍ପ୍ରସାରିତ କରିବା ପାଇଁ ଆବଶ୍ୟକ ନୀତିଗତ ସହାୟତା ପ୍ରଦାନ କରାଯିବ ବୋଲି ଡ଼ ପାଢ଼ୀ ମତବ୍ୟକ୍ତ କରିଥିଲେ। ରପ୍ତାନୀ ଢାଞ୍ଚାକୁ ସୁଦୃଢ଼ କରି, ବିଶ୍ୱ ବଜାରରେ ଓଡ଼ିଶା ନିଜର ଉପସ୍ଥିତି ଜାହିର କରିପାରିବ। କୃଷକ ଓ କୃଷି ଉତ୍ପାଦକ ସଂଗଠନଗୁଡ଼ିକୁ ଅନ୍ତର୍ଜାତୀୟ ବଜାର ସହ ସଂଯୋଗୀକରଣ କୃଷକଙ୍କ ଆୟ ବହୁଗୁଣିତ କରିବାରେ ସହାୟକ ହେବ। ଓଡ଼ିଶାର କୃଷି କ୍ଷେତ୍ରରେ ଥିବା ଭରପୂର ସମ୍ଭାବନାକୁ ସମ୍ପ୍ରସାରଣ କରି ରାଜ୍ୟର ଅର୍ଥନୀତିରେ ଏକ ଅର୍ଥପୂର୍ଣ୍ଣ ଯୋଗଦାନ କରିବା ପାଇଁ ଡ଼ ପାଢ଼ୀ ରପ୍ତାନିକାରୀ ଓ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଠ୍ୱନ କଲ୍ୟାଣ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ବାଣିଜ୍ୟ ଓ ପରିବହନ ବିଭାଗ, କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀ ବିକାଶ ପ୍ରାଧିକରଣ, ୱାର୍ଲ୍ଡ ଟ୍ରେଡ୍ ସେ ର, ଇଇଓ କାର୍ଗୋ ଲଜିଷ୍ଟିକ୍ସ ଆଣ୍ଡ ଆଲାଏଡ୍ ସର୍ଭିସେସ୍ କମ୍ପାନୀ ଲିମିଟେଡ୍ ଏବଂ ପାଲାଡିୟମ୍ ର ବୈଷୟିକ ସହାୟତା ୟୁନିଟ୍ ପ୍ରତିନିଧିଙ୍କ ସମେତ ପ୍ରମୁଖ ଅଧିକାରୀମାନେ ଯୋଗଦେଇଥିଲେ।

# ୪ ଲକ୍ଷ ଚାଷୀଙ୍କୁ ମିଳିଲାଣି ବର୍ଷା କ୍ଷୟକ୍ଷତି ସହାୟତା

**ଭୁବନେଶ୍ୱର,୨୦।୨ (ମହାଭାରତ):** ନିକଟରେ ହୋଇଥିବା ଅଦିନିଆ ବର୍ଷାରେ ରାଜ୍ୟରେ ୧୬ଟି ଜିଲ୍ଲାରେ ଧାନ ଓ ଅନ୍ୟାନ୍ୟ ଫସଲ କ୍ଷୟକ୍ଷତି ହୋଇଥିଲା। ଏହିସବୁ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୪,୯୧,୧୭୮ଜଣ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। ଚାଷୀଙ୍କ କ୍ଷୟକ୍ଷତି ପ୍ରଦାନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କ୍ଷେତ୍ର ଅଧିକାରୀମାନଙ୍କ ଦ୍ୱାରା ଯୁଗ୍ମ ଟିମ୍ ଗଠନ କରାଯାଇ କ୍ଷୟକ୍ଷତିର ଆକଳନ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା କ୍ଷୟକ୍ଷତି ବାବଦରେ ସହାୟତା ରାଶି ପାଇଥିବା ମୋଟ୍ ୪,୯୧,୧୭୮ ଜଣ ଚାଷୀଙ୍କ ମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧,୨୫,୭୨୪ ଜଣ ଥିବାବେଳେ କେନ୍ଦ୍ରାପଡ଼ାରେ ୧,୦୬,୩୧୧ଜଣ, ପୁରୀରେ ୮୫,୯୦ ଜଣ, ଜଗତ୍‌ସିଂହପୁରରେ ୫୫,୨୯୧ ଜଣ, କଟକରେ ୩୭,୫୧୩ଜଣ, ନୟାଗଡରେ ୩୬,୧୯୦ଜଣ, ଖୋରଧାରେ ୧୯,୮୨୩ ଜଣ ଓ ଯାଜପୁରରେ ୧୩,୭୯୬ ଜଣ ପାଇଛନ୍ତି। ସବଠାରୁ କମ୍ ନୂଆପଡା ଜିଲ୍ଲାରେ ମାତ୍ର ୨୯ଜଣ ଚାଷୀଙ୍କୁ ଏହି ସହାୟତା ମିଳିଛି।

ଏହା ବ୍ୟତିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅଦିନିଆ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତିରେ ବର୍ତ୍ତମାନ ସୁଦ୍ଧା ୨,୦୭,୮୮୭ ସଂଖ୍ୟକ ଆବେଦନକାରୀ ଚାଷୀଙ୍କୁ ଫସଲବୀମା ଅର୍ଥରାଶି ପ୍ରଦାନ କରାଯାଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

# ୮ ମାସରେ ଦୁର୍ଘଟଣାରେ ୩୭୧୭ ଜଣଙ୍କ ମୃତ୍ୟୁ

**ଭୁବନେଶ୍ୱର,୨୦।୨ (ମହାଭାରତ):** ଦୁର୍ଘଟଣାରେ ଗତ ୮ ମାସ ମଧ୍ୟରେ ୩୦୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ଦିନକୁ ଦିନ ଦୁର୍ଘଟଣାଜନିତ ମୃତ୍ୟୁ ବଢୁଥିବା ବେଳେ ଏବେ ଏହାକୁ ନେଇ ବିଧାନସଭାରେ ତଥ୍ୟ ରଖିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ରାଜ୍ୟର ଦୁର୍ଘଟଣାଜନିତ ମୃତ୍ୟୁ ପ୍ରସଙ୍ଗରେ ବିଜେଡି ବିଧାୟକ ଅରୁଣ ସାହୁଙ୍କ ପ୍ରଶ୍ନରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି, ଗତ ୮ ମାସ ମଧ୍ୟରେ ଦୁର୍ଘଟଣାରେ ୩୭୧୭ ଜଣଙ୍କର ମୃତ୍ୟୁ ହୋଇଛି । ସେହି ସମାନ ସମୟ ଅବଧି ମଧ୍ୟରେ ୬୩୨୭ ଟି ସଡକ ଦୁର୍ଘଟଣା ହୋଇଛି। ଏହି ଦୁର୍ଘଟଣାରେ ୩୭୧୭ ଜଣଙ୍କର ଜୀବନ ଯାଇଥିବା ବେଳେ ୩୪୦୧ ଜଣ ଗୁରୁତର ହୋଇଛନ୍ତି। ଏହିସବୁ ଦୁର୍ଘଟଣା ମଧ୍ୟରୁ ୯୧୮ ଟି ଦୁର୍ଘଟଣା ଦୃତ ଗାଡି ଚଳନା କାରଣରୁ ହୋଇଥିବା ବେଳେ ୧୦୫୨ ଟି ଦୁର୍ଘଟଣା ବେପରୁଆ। ଗାଡି ଚଳନା ପାଇଁ ଘଟିଛି। ସେହିଭଳି ୪୬ଟି ଦୁର୍ଘଟଣା ମଦ୍ୟପାନ କରି ଗାଡି ଚଳନା ପାଇଁ ହୋଇଥିବା ବେଳେ ୪୬୭୭ ଟି ଦୁର୍ଘଟଣା ଅନ୍ୟାନ୍ୟ କାରଣ ପାଇଁ ଘଟିଛି ବୋଲି ତଥ୍ୟ ରଖିଛନ୍ତି ମନ୍ତ୍ରୀ।

# ଛାତ୍ରୀ ଆକ୍ରମଣ ଘଟଣାରେ ଯୁବକ ଗିରଫ

**ଭୁବନେଶ୍ୱର,୨୦।୨ (ମହାଭାରତ):** ବୁର୍ଲା ଜ୍ୟୋତିବିହାରରୁ ଅଟଳ ଛକକୁ ସଂଯୋଗ କରୁଥିବା ଭିଆଇପି ରୋଡ କଡ଼ରୁ ରକ୍ତାକ୍ତ ଓ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ବର୍ତ୍ତମାନ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣାରେ ସଂପୃକ୍ତ ଥିବା ସନ୍ଦେହରେ ପୋଲିସ ରାଜେଶ ଦାସ ନାମକ ଜଣେ ଯୁବକକୁ ଗିରଫ କରାଯାଇଛି ବୋଲି ଉତ୍ତରାଞ୍ଚଳ ଆଇଜି ଏବଂ ସମ୍ବଲପୁର ଏସପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



ସେମାନେ କହିଛନ୍ତି ଯେ, ରାଜେଶ ଓ ସଂପୃକ୍ତ ଛାତ୍ରୀଙ୍କ ମଧ୍ୟରେ ମେଟକାନି ମନ୍ଦିର ପାଖ ପଡ଼ିଆରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଅଭିଯୁକ୍ତ ରାଗିଯାଇ ଛାତ୍ରୀ ଜଣଙ୍କୁ ଇଟାରେ ପିଟି ଆକ୍ରମଣ କରିଥିଲା। ଅଭିଯୁକ୍ତର ଆକ୍ରମଣରେ ଛାତ୍ରୀ ଜଣକ ରକ୍ତାକ୍ତ ହୋଇ ତଳେ ପଡ଼ି ଯାଇଥିଲେ ଏବଂ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଉଦ୍ଧାର ପରେ ଗୁରୁତର ଛାତ୍ରୀଙ୍କୁ ଚିକିତ୍ସା ପାଇଁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି ଏବା ତାଙ୍କ ଅବସ୍ଥାରେ ଉନ୍ନତି ଆସୁଛି। ଅଧିକ ଚିକିତ୍ସା ପାଇଁ ଛାତ୍ରୀଙ୍କୁ ଭୀମସାରରୁ ଭୁବନେଶ୍ୱରର ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ପରିବାର ଲୋକ ସୂଚନା ଦେଇଛନ୍ତି। ଏନେଇ ପୋଲିସ ତଦନ୍ତ କରୁଥିବାବେଳେ ଅଟୋରେ ଥିବା କିଛି ଲୋକଙ୍କୁ ଅଟକ ରଖି ଜେରା କରୁଛି। କ୍ୟାଟରିଂ କାମ ପାଇଁ ଅଟୋରେ ଯାଉଥିବା ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି। ଘଟଣାସ୍ଥଳରେ ସେମାନେ ଅଟୋ ଅଦଳବଦଳ କରିବାକୁ ଓହ୍ଲାଇଥିବା କହିଛନ୍ତି।

# ଟିପି ସ୍କିମ୍ ମାଧ୍ୟମରେ ବିକଶିତ ସହର ବୃଦ୍ଧି କରାଯିବ

**ଭୁବନେଶ୍ୱର,୨୦।୨ (ମହାଭାରତ):** ରାଜ୍ୟ ସରକାରଙ୍କ ଗୁରୁତ୍ୱ ବିକଶିତ ଓଡିଶା ବିକଶିତ ସହର। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଉନ୍ନୟନ କର୍ତ୍ତୃପକ୍ଷଗୁଡିକ ମାଧ୍ୟମରେ ଯୋଜନାବଦ୍ଧ ଭାବେ ରାଜ୍ୟରେ ବିକଶିତ ସହର ବୃଦ୍ଧି କରାଯିବା ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଏ ନେଇ ଆଜି ଗୃହ ନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନଷ୍ଠିତ ହୋଇଯାଇଛି। ଖାରବେଳ ଭବନ ଠାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ , ପୌର ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆଙ୍କ ସମେତ ଭୁବନେଶ୍ୱର , କଟକ , ବ୍ରହ୍ମପୁର ଏବଂ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଭିସି , ସହର ପ୍ଲାନର ଏବଂ ଅନ୍ୟାନ୍ୟ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଡିଏ ଦ୍ୱାରା ଆରମ୍ଭ କରାଯାଇଥିବା ଟିପି ସ୍କିମ୍ କଟକ , ବ୍ରହ୍ମପୁର ଏବଂ ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟକାରୀ ଲାଗି ଆଲୋଚନା ହୋଇଥିଲା। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପିପିପି ମୋଡରେ ସେମାନଙ୍କ ଅଧିନରେ ଥିବା ସରକାରୀ ଜମିଗୁଡିକର ସଦୁପଯୋଗ କର ନିଜର ଆୟ ବୃଦ୍ଧି କରିବା ନିମନ୍ତେ ପରାମର୍ଶ ଦିଆଯାଇଛି। ଖାଲିଥିବା ଟାଉନପ୍ଲାନର ପଦବୀର



ଆବଶ୍ୟକତା, ପ୍ରସ୍ତୁତ କରାଯାଉଥିବା ଭିଜନ ଡକ୍ୟୁମେଣ୍ଟଗୁଡିକର କ୍ରିୟାଶୀଳ ଓ ଆବଶ୍ୟକତା ଦୃଷ୍ଟିରୁ ପରିବର୍ତ୍ତନ କରାଯିବା ଉପରେ ମଧ ଆଲୋଚ୍ନ କରାଯାଇଛି।

ବୈଠକ ପରେ ମନ୍ତ୍ରୀ ଡାଃ ମହାପାତ୍ର ଗଣମାଧ୍ୟମକୁ ସୁଚନା ଦେଇ କହିଛନ୍ତି ଯେ ଆମେ ୨୦୩୬ ରେ ବିକଶିତ ଓଡିଶା ପାଇଁ ଚିନ୍ତା କରୁଛୁ ତେଣୁ ସହରର ବିକାଶରେ ଓଡ଼ିଶାର ବିକାଶ ହେବ ଏନେଇ ଗୁରୁତ୍ୱ ଦିଆଯାଉଛି। ସବୁ ଡେଭଲପମେଣ୍ଟ ଅଧିକାରୀ ମାନଙ୍କ ସହ ଆଲୋଚନା ହୋଇଛି। କିଛି ଏଜେଣ୍ଡା ଅନୁସାରେ ଟାଉନସିପ ବଢିଲେ ସହରର ବିକାଶରେ ଓଡ଼ିଶାର ବିକାଶ ହେବ। ଯେଉଁଠି ଟାଉନ ପ୍ଲାନର ଅଭାବ ଅଛି ତାହା ପୂରଣ କରାଯିବ। ବିଭିନ୍ନ ଯୋଜନା କେନ୍ଦ୍ର ଓ ରାଜ୍ୟ ସରକାର କରୁଛନ୍ତି। ଯେଉଁ ଅଞ୍ଚଳରେ ପୁରୁଣା ସହର ରହିଛି ପୁରୁଣା ଘର ବା ଜାଗା ଅଛି ହେଲେ ଲୋକ ରାସ୍ତା କଥା ଭାବି ଘରଟିର କରି ପାରୁନାହାନ୍ତି ସେଥିପାଇଁ ନୂଆ ଆଇନ ଆସିବାକୁ ଯାଉଛି। ଯଦ୍ୱାରା ସହରିକରଣ ସରଳିକାରଣ ହେବ ଓ ପୁରୁଣା ସିଟି ଗୁଡିକରେ ମଧ ଲୋକମାନେ ଘର କରିପାରିବେ। ବିଲ୍ଡର ହୁଅନ୍ତୁ କି ସାଧାରଣ ଲୋକ ସରଳ ପ୍ରକ୍ରିୟାରେ ଲୋକମାନେ ନିର୍ଦ୍ଧାରିତ ସମୟରେ ଘର କରିବା କେମିତି ସମ୍ଭବ ହେବ ସେନେଇ ଗୁରୁତ୍ୱ ଆରୋପ କରାଯାଇଛି। ଏହି ଅବସରରେ ବିଡିଏ ତରଫରୁ କାର୍ଯ୍ୟକାରୀ ହେଉଥିବା ଏହି ଟିପି ସ୍କିମର ଅଗ୍ରଗତି ନେଇ ସମୀକ୍ଷା କରାଯିବା ସହିତ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। କଟକ , ବ୍ରହ୍ମପୁର ଓ ପୁରୀ-କୋଣାର୍କ କର୍ତ୍ତୃପକ୍ଷ ସେମାନଙ୍କର ପ୍ରାରମ୍ଭିକ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦିଆଯାଇଛି।

# ଜିରୋ ଆୟକରଦାତାଙ୍କ ରାସନ କାର୍ଡ କଟା ନଯାଉ

**ଭୁବନେଶ୍ୱର,୨୦।୨ (ମହାଭାରତ):** ଯେଉଁମାନେ ଜିରୋ ଆୟକର ଦେଉଛନ୍ତି ସେମାନଙ୍କ ରାସନ କାର୍ଡ ନକାଟିବାକୁ ଗୃହରେ ଦାବି ରଖିଛନ୍ତି ବିଜେଡି ବିଧାୟକ ଗଣେଶ୍ୱର ବେହେରା। ଏନେଇ ବିଧାୟକ କହିଛନ୍ତି, ଇ-କେଓ୍ୱାଇସି ବେଳେ ଆୟକର ଦେଉଥିବା ଲୋକଙ୍କ ରାସନ କାର୍ଡ କଟାଯାଉଛି କିନ୍ତୁ ଅନେକ ଗରିବ ଲୋକ ପିଲାଙ୍କ ପଠାପଢା, ଘର ତିଆରି, ଝିଅ ବାହାଘର ପାଇଁ ଲୋନ କରିବାକୁ ଅନେକ ବ୍ୟକ୍ତି ଜିରୋ ରିଟର୍ଣ୍ଣରେ ଇନକମ ଟ୍ୟାକ୍ସ ଫାଇଲ କରୁଛନ୍ତି। ତେଣୁ ସବୁ ବ୍ଲକକୁ ନିର୍ଦ୍ଦେଶ ଦିଆଯାଉ, ଯେଉଁମାନେ ଜିରୋ ରିଟର୍ଣ୍ଣ ଇନକମ ଟ୍ୟାକ୍ସ ଫାଇଲ କରୁଛନ୍ତି, ସେମାନଙ୍କର ରାସନ କାର୍ଡ କଟାନଯାଉ। ଯେଉଁମାନେ ଅଧିକ ଆୟ କରି ଅଧିକ ଇନକମ ଟ୍ୟାକ୍ସ ଫାଇଲ କରୁଛନ୍ତି , କେବଳ ସେମାନଙ୍କର ନାଁ ରାସନ୍ କାର୍ଡରୁ ବାଦ ଦିଆଯାଉ ବୋଲି ଦାବି କରଇଛନ୍ତି ଗଣେଶ୍ୱର।

# ପୁଲୱାମା ସହିଦଙ୍କ ସ୍ମୃତିରେ ରକ୍ତଦାନ ଶିବିର

**ଭୁବନେଶ୍ୱର,୨୦।୨ (ମହାଭାରତ):** ପୁଲୱାମା ସହିଦ ଦିବସର ବୀର ଯବାନଙ୍କ ସ୍ମୃତିରେ ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର ୱେଲଫେୟାର ଆସୋସିଏସନ୍ (ଏଓସିଡବ୍ଲ୍ୟୁଏ) ଓ ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର ଆସୋସିଏସନ (ଏଓସିଏ) ଏବଂ ଇଣ୍ଡିଆନ୍ ରେଡ୍ କ୍ରସ୍ ସୋସାଇଟିର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍




ଅଫ୍ ଇଞ୍ଜିନିୟର୍ସ ପରିସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ମୋଟ ୨୦୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ରକ୍ତଦାନ କରି ଆଗେଇ ଆସିଥିବା ସ୍ୱେଚ୍ଛାସେବୀ, ଦାତା ଓ ବିଶିଷ୍ଟ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ବହୁ ମାତ୍ରାରେ ନିଜର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଶିବିରକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର ବିଧାୟକ ବାବୁ ସିଂ, ଉତ୍ତଳିର ବିଧାୟକ ଇରାସିସ୍ ଆଚାର୍ଯ୍ୟ, ଭୁବନେଶ୍ୱର ଉତ୍ତର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଉଦଘାଟନ କରିଥିଲେ। ଏଓସିଡବ୍ଲ୍ୟୁଏର ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ପ୍ରଧାନ, ଏଓସିଏର ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଜେନା ଏବଂ ଏଓସିଡବ୍ଲ୍ୟୁଏ ସଭାପତି ଜଗଦୀଶ ପାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏଭଳି ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ରକ୍ତ ଦାନ ହେଉଛି ଏକ ମହତ କାମ। ସହିଦଙ୍କ ସ୍ମୃତିରେ ଏହି ଅର୍ଥପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜନ କରିବାରେ ଏଓସିଡବ୍ଲ୍ୟୁଏ, ଏଓସିଏ ଏବଂ ରେଡ୍ କ୍ରସ୍ ସୋସାଇଟିର ପ୍ରୟାସକୁ ମୁଁ ପ୍ରଶଂସା କରୁଛି। ଶିବିରରେ ଇଞ୍ଜିନିୟର, କଣ୍ଟ୍ରାକ୍ଟର, ଛାତ୍ରଛାତ୍ରୀ ଓ ସାଧାରଣ ନାଗରିକଙ୍କ ସମେତ ବିଭିନ୍ନ ବ୍ୟକ୍ତି ସକ୍ରିୟ ଅଂଶଗ୍ରହଣ କରିଥିବା ସହିତ ଅନେକ ପ୍ରଥମଥର ପାଇଁ ରକ୍ତଦାନ କରିଥିଲେ। ବିଧାୟକ ବାବୁ ସିଂ ମଧ ସମର୍ଥନ ଜଣାଇ କହିଛନ୍ତି ଯେ, ଏହି ରକ୍ତଦାନ ଶିବିର କେବଳ ଶ୍ରଦ୍ଧାଞ୍ଜଳି ନୁହେଁ ବରଂ ଏହା ସ୍ମରଣ କରାଇ ଦେଉଛି ଯେ ଆମେ ସବୁ ପ୍ରକାର ଦେଶ ସେବା କରିବା ପାଇଁ ସର୍ବଦା ପ୍ରସ୍ତୁତ ରହିବା ଉଚିତ। ବିଧାୟକ ଇରାସିସ୍ ଆଚାର୍ଯ୍ୟ ଦାତା ଓ ସ୍ୱେଚ୍ଛାସେବୀଙ୍କ ଉତ୍ସାହକୁ ପ୍ରଶଂସା କରିବା ସହ ଭବିଷ୍ୟତରେ ଏଭଳି ଆହୁରି ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।

# କରୋନା ମହାମାରୀ ସମୟରେ ନର୍ସମାନଙ୍କ ତ୍ୟାଗ ଅଭୂତପୂର୍ବ

**ଭୁବନେଶ୍ୱର,୨୦।୨ (ମହାଭାରତ):** ହସ୍ପିଟାଲ୍‌ରେ ରୋଗୀଟିଏ ନର୍ସମାନଙ୍କର ଚିକିତ୍ସା ଓ ସେବା ଦ୍ୱାରା ହିଁ ସୁସ୍ଥତା ପାଇଥାଏ। କରୋନା ମହାମାରୀ ସମୟରେ ସେମାନଙ୍କର ତ୍ୟାଗ ସମ୍ପୂର୍ଣ୍ଣ ସମାଜ ଉପଲବ୍ଧି କରିଛି ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ। ସୋଆ ପରିଚାଳିତ ସମ୍ ନର୍ସିଂ କଲେଜର ଚଳିତ ଶିକ୍ଷା ବର୍ଷର ପ୍ରଥମ ବର୍ଷ ବିଏସ୍‌ସି ନର୍ସିଂ ଏବଂ ଜିଏନ୍‌ଏମ୍ ଛାତ୍ରଛାତ୍ରୀମାନଙ୍କର ଶପଥ ଗ୍ରହଣ ଏବଂ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଥିଲେ ଯେ ଏଭଳି କାର୍ଯ୍ୟକ୍ରମ ନର୍ସିଂ ବୃତିରେ ଅଧ୍ୟୟନ ପାଇଁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ଜୀବନରେ ଏକ ନୂଆ ଅନୁଭୂତି ଆଣିଦେବ।



କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କଲେଜ ପକ୍ଷରୁ ଆୟୋଜିତ ପର୍ସନାଲିଟି ପ୍ରତିଯୋଗିତାର ମହିଳା ବିଭାଗରେ କଲେଜର ଦୁଇ ଜଣ ଆନ୍ତର୍ଜାତୀୟ ଛାତ୍ରୀ ବିଏସ୍‌ସି ନର୍ସିଂ ପ୍ରଥମରେ ଅଧ୍ୟୟନ କରୁଥିବା ଲିଲେ ଥାଣ୍ଡୋଲଉଥୁସିବୋଣ୍ଡଜା 'ମିସ୍ ଏସ୍‌ଏନ୍‌ସି' ଆଖ୍ୟା ହାସଲ କରିଥିବା ବେଳେ ବିଏସ୍‌ସି ନର୍ସିଂର ପ୍ରଥମ ବର୍ଷର ଆଉ ଜଣେ ବିଦେଶୀ ଛାତ୍ରୀ ଫେଥ ଲିକାନ୍‌ଡୋମୁନିଉ ଦ୍ୱିତୀୟ ରନର ଅପ୍ ଆଖ୍ୟା ହାସଲ କରିଛନ୍ତି। ଥାଣ୍ଡୋଲଉଥୁସିବୋଣ୍ଡଜା ଆଫ୍ରିକାର ସ୍ୱାଜିଲ୍ୟାଣ୍ଡ ଦେଶରୁ ଆସିଥିବା ବେଳେ ଲିକାନ୍‌ଡୋମୁନିଉ ଜାମ୍ବିଆର ନାଗରିକ। ସେହିପରି ବିଏସ୍‌ସି ନର୍ସିଂ ଚତୁର୍ଥ ବର୍ଷର ଛାତ୍ରୀ ସୁଶ୍ରୀ ଦେବସ୍ମିତା ଦାସ ପ୍ରଥମ ରନର ଅପ୍ ଆଖ୍ୟା ହାସଲ କରିଛନ୍ତି। ସେମାନଙ୍କୁ ପୁରସ୍କୃତ କରିବା ଅବସରରେ ଶ୍ରୀମତି ଦାସ ନିଜର ଖୁସି ବ୍ୟକ୍ତ କରିଥିଲେ। ବିଦେଶରୁ ଆସି ସୋଆରେ ଅଧ୍ୟୟନ କରୁଥିବା ଛାତ୍ରୀ ନିଜ ପ୍ରତିଭାର ପରିପ୍ରକାଶ କରିବା ଆମ ପାଇଁ ଗର୍ବର ବିଷୟ ବୋଲି ସେ କହିଛନ୍ତି। ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବା ଷ୍ଟେଟ୍ ଆଡଭାନ୍ ରିସର୍ଚ୍ଚ ଏଜେନ୍ସି (ସାରା), ଓଡ଼ିଶାର ଗଭର୍ଣ୍ଣିଂ ବଡି ସଦସ୍ୟା ଶ୍ରୀମତି କାନ୍ତା ମହାନ୍ତି କହିଥିଲେ ଯେ ନର୍ସମାନେ କୋଭିଡ ସମୟରେ ନିଜ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କର ଜୀବନ ରକ୍ଷା କରିଥିଲେ। ତେଣୁ ନୂତନ ଭାବରେ ଏହି ପାଠ୍ୟକ୍ରମରେ ପ୍ରବେଶ କରି ଶପଥ ଗ୍ରହଣ କରିବା ପାଇଁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏହି ଶପଥ ଗୋଟିଏ ଦିନ ନୁହେଁ ବରଂ ସାରା ଜୀବନ ପାଇଁ ଏକ ସମର୍ପଣ ବୋଲି ସେ କହିଥିଲେ। ତେବେ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ) ରୁ ବାହାରି ଇମୋସ୍‌ନାଲ୍ ଇନ୍‌ଟେଲିଜେନ୍ସକୁ ଅଧିକ ଗୁରୁତ୍ୱ ଦେବା ଦରକାର ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡାଇରେକ୍ଟର ଅଫ୍ ମେଡିକାଲ୍ ଏଜୁକେସନ୍ ଆଣ୍ଡ ଟ୍ରେନିଂ ଓଡ଼ିଶାର ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର (ଡାକ୍ତର) ବ୍ରଜକିଶୋର ଦାଶ, ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଓ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଯୋଗ ଦେଇ ବକ୍ତବ୍ୟ ରଖିଥିବା ବେଳେ ପ୍ରଫେସନାଲ ଗେଷ୍ଟ ଭାବେ ସୋମି, ଓଡ଼ିଶା ଶାଖାର ସଚିବ ପ୍ରଫେସର ଅମ୍ରିତା ଲେଙ୍କା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

କାର୍ଯ୍ୟକ୍ରମରେ ସମ୍ ନର୍ସିଂ କଲେଜର ଡିନ୍ ପ୍ରଫେସର ସସ୍ମିତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଆଡିସ୍‌ନାଲ୍ ଡିନ୍ (ପ୍ଲେସ୍‌ମେଂଟ ଆଣ୍ଡ ଟ୍ରେନିଂ) ପ୍ରଫେସର ତପତୀ ଶାହା ବକ୍ତବ୍ୟ ରଖିଥିଲେ। ସମ୍ ନର୍ସିଂ କଲେଜର ଆସୋସିଏଟ୍ ପ୍ରଫେସର ଦେବଯାନୀ ନାୟକ ଛାତ୍ରଛାତ୍ରୀମାନଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗେଲ୍ ଶପଥ ପାଠ କରାଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଆସୋସିଏଟ୍ ପ୍ରଫେସର ମନୀଷା ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# ଭକ୍ତଙ୍କୁ ଦାୟିତ୍ୱ

ଭକ୍ତ ଚରଣ ଦାସଙ୍କୁ ପିସିସି ସଭାପତି କରି କଂଗ୍ରେସ ହାଇକମାଣ୍ଡ ଆଉ ଏକ ପରୀକ୍ଷଣ କରିଛନ୍ତି। ସେ ଜଣେ ନିର୍ବିବାଦୀୟ ଏବଂ ପଶ୍ଚିମ ଓଡ଼ିାର ଟାଣୁଆ ନେତା। ରାହୁଲଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଛି। ତେଣୁ ହାତୀ ତାଙ୍କ ଭୁଣକ୍ଡରେ ସୁନା କଳସ ଢାଳିଲା। ଗତ ନିର୍ବାଚନରେ ଦଳର ଶୋଚନୀୟ ପ୍ରଦର୍ଶନ ପରେ ପିସିସି ସଭାପତି ପଦରୁ ଶରତ ପଟ୍ଟନାୟକ ଇସ୍ତଫା ଦେଇଥିଲେ। କଂଗ୍ରେସ ହାଇକମାଣ୍ଡ ଏହାକୁ ଗ୍ରହଣ କରିନେବା ସହିତ ବିକଳ୍ପ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ଦଳର ପରିଚାଳନା ନିମନ୍ତେ ଏକ ଷ୍ଟିୟରିଂ କମିଟି ଗଠନ କରିଥିଲେ। ଏଥିରେ ଦଳର ପ୍ରାୟ ସବୁ ବରିଷ୍ଠ ନେତା ସଦସ୍ୟ ଥିଲେ। ଦଳର ସମସ୍ତ ଛାମୁଆ ସଙ୍ଗଠନ ଏବଂ ଜିଲ୍ଲାଠାରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ସବୁ ସ୍ତରରେ ସଙ୍ଗଠନକୁ ଭାଙ୍ଗି ଦିଆଯାଇଛି। ଗତ ୬ ମାସ ହେବ ରାଜ୍ୟ କଂଗ୍ରେସ ନେତୃତ୍ୱହୀନ ହୋଇ ପଡ଼ି ରହିଛି। ଦଳ ପକ୍ଷରୁ କୌଣସି କାର୍ଯ୍ୟକ୍ରମ ଗ୍ରହଣ କରାଯାଉନାହିଁ। ଏହି ପରିପ୍ରେକ୍ଷୀରେ ପିସିସିର ଜଣେ ନୂଆ ସଭାପତି ଚୟନ ଏବଂ ସଙ୍ଗଠନର ପୁନର୍ଗଠନ ନିହାତି ଜରୁରୀ ଥିଲା। ଏଥିଲାଗି ଅନେକ ଆଶାୟୀ ଥିଲେ ଏବଂ ସମ୍ଭାବ୍ୟ ତାଲିକାରେ ପ୍ରାୟ ୨୦ଜଣଙ୍କ ନାମ ଥିଲା। ଶେଷରେ ଭକ୍ତଙ୍କ ମୁଣ୍ଡରେ ହାତୀ ସୁନାକଳସ ଢାଳିଛି। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ସବୁ ବିଷୟ ଚିନ୍ତା କରିବା ପରେ ପରେ ଭକ୍ତଙ୍କୁ ପିସିସି ନେତୃତ୍ୱ ପ୍ରଦାନ କରିଛନ୍ତି। ସେ କେବଳ ଦଳର ଜଣେ ବରିଷ୍ଠ ନେତା ନୁହଁନ୍ତି, ଦଳର ସବୁ ଗୋଷ୍ଠୀ ସହ ତାଙ୍କର ଉତ୍ତମ ସମ୍ପର୍କ ଏବଂ ସମନ୍ୱୟ ରହିଛି। ତେଣୁ ବର୍ତ୍ତମାନ ପରିସ୍ଥିତିରେ ଭକ୍ତଙ୍କୁ ପିସିସି ସଭାପତି କରାଯିବାର ଯଥାର୍ଥତା ରହିଛି। ପୂର୍ବରୁ ସେ ପିସିସିର କାର୍ଯ୍ୟକାରୀ ସଭାପତି ଥିଲେ। ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତା ଭାବେ ତାଙ୍କର ସୁଖ୍ୟାତି ରହିଛି। ଅତୀତରୁ ଯେବେ ବି ପିସିସି ସଭାପତି ପରିବର୍ତ୍ତନ ଚର୍ଚ୍ଚା ହୋଇଛି, ସେସତେବେଳେ ତାଙ୍କ ନାମ ଚର୍ଚ୍ଚାକୁ ଆସିଛି। ସତୁରୀ ଦଶକରେ ଜରୁରୀ ପରିସ୍ଥିତି ବେଳେ ସେ ଛାତ୍ର ଜୀବନରୁ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ଅଶୀ ଦଶକରେ ସକ୍ରିୟ ରାଜନୀତିରେ ସାମିଲ ହୋଇଥିଲେ। ୧୯୮୫ରେ ପ୍ରଥମ ଥର ପାଇଁ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଧାନସଭାରେ ସେ ପଶ୍ଚିମ ଓଡ଼ିାର ଜଣେ ଟାଣୁଆ ଯୁବନେତାଭାବେ ନିଜକୁ ପ୍ରମାଣିତ କରିପାରିଥିଲେ। ସେ ଥିଲେ ଚନ୍ଦ୍ରଶେଖରଙ୍କ ଅନୁଗାମୀ ଏବଂ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ କରୁଥିଲେ। ଭି ପି ସିଂହଙ୍କ ନେତୃତ୍ୱରେ ଜନତା ଦଳ ଗଠନ ପରେ ସେ ଏଥିରେ ସାମିଲ ହୋଇ କଳାହାଣ୍ଡିରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ ଏବଂ କେନ୍ଦ୍ରରେ ଜଣେ କନିଷ୍ଠ ମନ୍ତ୍ରୀ ମଧ୍ୟ ହୋଇଥିଲେ। ଜନତା ଦଳର ବିଭାଜନ ପରେ ସେ ଚନ୍ଦ୍ରଶେଖରଙ୍କ ନେତୃତ୍ୱାଧିନ ସମାଜବାଦୀ ଜନତା ପାର୍ଟୀ (ଏସଜେପି)ରେ ସାମିଲ ହୋଇ କେନ୍ଦ୍ରରେ ରେଳ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। କିନ୍ତୁ ଏହି ସରକାର ଅଧିକ ଦିନ ତିଷ୍ଠିପାରିନଥିଲା। ସମାଜବାଦୀ ଜନତା ପାର୍ଟୀ ମଧ୍ୟ ଧିରେ ଧିର ପ୍ରଭାବଶୂନ୍ୟ ହୋଇଗଲା। ଶେଷରେ ଭକ୍ତ ନିଜ ରାଜନୈତିକ ସୁରକ୍ଷା ଏବଂ ଭବିଷ୍ୟତ ପାଇଁ କଂଗ୍ରେସରେ ସାମିଲ ହୋଇଥିଲେ। ଆଜିକୁ ତିନି ଦଶନ୍ଧି ଧରି ସେ କଂଗ୍ରେସ ଦଳରେ ରହି ଆସିଛନ୍ତି। ୨୦୦୯ରେ ଓଡ଼ିଶାରୁ କଂଗ୍ରେସର ୬ଜଣ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ସେମାନଙ୍କ ମଧ୍ୟରେ ଭକ୍ତ ଚରଣ ଦାସ ଥିଲେ ଅନ୍ୟତମ। ଆଶା କରାଯାଉଥିଲା ମନମୋହନ ସିଂହଙ୍କ ନେତୃତ୍ୱାଧିନ ସରକାରରେ ସେ ମନ୍ତ୍ରୀ ପଦ ପାଇବେ। କିନ୍ତୁ ତାହା ହେଲା ନାହିଁ। ଯଦିଓ ଏଥିପାଇଁ ସେ ଯୋଗ୍ୟ ଥିଲେ, କିନ୍ତୁ ଓଡ଼ିଶା ପ୍ରତି କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱର ଅବହେଳା ଏବଂ ହେୟଜ୍ଞାନ ଯୋଗୁ ଭକ୍ତ କେନ୍ଦ୍ରରେ ମନ୍ତ୍ରୀ ପଦ ପାଇଲେ ନାହିଁ। ତାଙ୍କୁ ଏଆଇସିସିର ଅନ୍ୟତମ ସମ୍ପାଦକ କରାଯାଇଥିଲା।

# ବ୍ୟାଙ୍କ ଗୁଡ଼ିକର ଅସରନ୍ତି ଏନପିଏ ବୋଝ

॥ ଯୁଧିଷ୍ଠିର ମହାରଣା ॥

"

**ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା।**

ଭାରତରେ ବର୍ଷକୁ ବର୍ଷ ଅନାଦାୟ ବ୍ୟାଙ୍କଋଣ ଉଦବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦର ଚଳିତ ଶୀତ ଅଧିବେଶନରେ ଦେଇଥିବା ତଥ୍ୟାନୁଯାୟୀ ଗତ ପାଞ୍ଚ ବର୍ଷ ଭିତରେ ଭାରତର ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ଗୁଡ଼ିକର ଏନପିଏ ପାଖାପାଖି ୧୦.୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କୁ ଦେଇଥିବା ଋଣ ଅସୁଲ ନକରିପାରିବା ସମ୍ପୃକ୍ତ ବ୍ୟାଙ୍କର ପରିଚାଳନାଗତ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲେ ହେଁ ସେଥିପାଇଁ ପରିଚାଳନା ଓ ନିର୍ଦ୍ଦେଶକ ମଣ୍ଡଳୀକୁ ସିଧାସଳଖ ଦଣ୍ଡିତ କରାଯିବାର ନିୟମ ଆମ ଦେଶରେ ନାହିଁ। ଅପରପକ୍ଷରେ ବ୍ୟାଙ୍କ ଅଧିକାରୀମାନଙ୍କ ପାଇଁ ଯେଉଁ ବ୍ୟବସାୟିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ ତାହାକୁ ପୂରଣ କରିବା ପାଇଁ କିପରି ଅଧିକରୁ ଅଧିକ ଋଣ ମଞ୍ଜୁର କରାଯାଇପାରିବ ତାହାକୁ ଅଗ୍ରାଧିକାର ଦିଆଯାଏ। ବିଡ଼ମ୍ବନା ହେଲା ଜରୁରୀ ସମ୍ବଳ ଆବଶ୍ୟକ କରୁଥିବା ସାଧାରଣ ଗ୍ରାହକଟିଏ ଋଣ ପାଇବାକୁ ନୟାନ୍ତ ହୋଇପଡୁଥିଲେ ମଧ ତାହାକୁ ନେଇ ସେ ଚିନ୍ତାରେ ପଡ଼ିଯାଏ। ସୁଧ ଓ କିସ୍ତି ପୈଠରେ ସାମାନ୍ୟ ଖିଲାପ ହେଲେ ଋଣଦାତା ବ୍ୟାଙ୍କ ବିଚରା ଋଣ ଗ୍ରହୀତାର ଘରବାଡ଼ି ସମ୍ପତ୍ତି ଜବତ କରିଦେବାର ଉଦାହରଣ ବହୁଳ। ଅପରପକ୍ଷରେ ଥିଲାବାଲା ବା ଅତ୍ୟୁଚ୍ଚ ଧନୀମାନେ କିସ୍ତି ଓ ସୁଧ ପୈଠରେ ଉଦ୍ଦେଶ୍ୟମୂଳକ ଖିଲାପ କରି ଆସୁଥିଲେ ମଧ ସେମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅକୁଣ୍ଠ ଚିତ୍ତରେ ହଜାର ହଜାର କୋଟି ଟଙ୍କାର ଋଣ ପୁନଃ ମଞ୍ଜୁର କରିବାରେ ଅବହେଳା କରନ୍ତିନାହିଁ। ଏଥିରେ ଉଚ୍ଚ ରାଜନୈତିକ ମହଲରୁ ଚାପ ମଧ ପଡ଼ିବାର ନଜିର ରହିଛି। ଏଥିପାଇଁ ବିଜୟ ମାଲ୍ୟା, ନିରବ ମୋଦି, ମେହୁଲ ଚୋକ୍ସିଙ୍କ ଭଳି ଅନେକ ଅଭ୍ୟାସଗତ ଋଣ ଖିଲାପୀବାଲାଙ୍କ ଉଦାହରଣ ନିଆଯାଇପାରେ। ଭାରତରେ ବ୍ୟାଙ୍କ ଏନପିଏ ଉଦବେଗଜନକ ଭାବେ ବୃଦ୍ଧି ପାଇବା ପଛରେ ଏହା ଏକ ବଡ଼ କାରଣ।

ବାଣିଜ୍ୟିକ ବ୍ୟାଙ୍କର ମୂଳ ଲକ୍ଷ୍ୟ ହେଲା ଋଣ ସହାୟତା ଜରିଆରେ ଦେଶର ବ୍ୟବସାୟ କ୍ଷେତ୍ରକୁ ସହାୟତା ତଥା ଦେଶର ଅଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା। ବ୍ୟାଙ୍କ ଦେଉଥିବା ଋଣ ତାହାର ଆସେଟ ବା ସମ୍ପଦ ଭାବରେ ପରିଗଣିତ ହୁଏ। କାରଣ ଋଣଦାତା ବ୍ୟାଙ୍କ ଏହି ଋଣରୁ ସୁଧ ଆକାରରେ ନିୟମିତ ଆୟ କରିଥାଏ। ବ୍ୟବସାୟ ଆରମ୍ଭ କରୁଥିବା କିମ୍ବା ସମ୍ପ୍ରସାରଣ କରିବାକୁ ଚାହୁଁଥିବା ବ୍ୟବସାୟୀ ଯେପରି ଠିକ ସମୟରେ ଋଣ ପାଇବାରେ ଅସୁବିଧା ନ ଭୋଗନ୍ତି ବା ପାତର ଅନ୍ତରର ଶିକାର ନହୁଅନ୍ତି ସେଥିପାଇଁ କେନ୍ଦ୍ର ସରକାର ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ଜାତୀୟକରଣ କରିଥିଲେ। କିନ୍ତୁ ଅସଲରେ ବ୍ୟାଙ୍କ ଜାତୀୟକରଣର ମହତ ଲକ୍ଷ୍ୟ ଯେ ପରାହତ ହୋଇଛି ତାହା ପ୍ରାୟ ୫ ଦଶନ୍ଧି ପରେ ସ୍ପଷ୍ଟ ହୋଇଛି। ବ୍ୟାଙ୍କର ଆଉ ଏକ ଦାୟିତ୍ୱ ହେଉଛି ଯେ ଠିକ ସମୟରେ ଋଣ ଗ୍ରହୀତାଙ୍କ ଠାରୁ ସୁଧ ସମେତ କିସ୍ତି ଅସୁଲ କରିବା। ଏଥିରେ ଖିଲାପ ହେଲେ ଋଣ ରାଶି ଏନପିଏ ବା ନନ ଫରଫର୍ମିଂ ଆସେଟ ଭାବରେ ଗଣାଯାଏ। ବ୍ୟାଙ୍କ ଖାତାରେ କୌଣସି ଋଣ ପରିଶୋଧ ତାରିଖର ୯୦ ଦିନ ପର୍ଯ୍ୟନ୍ତ ଅନାଦାୟ ରହିଲେ ତାହାକୁ ଏନପିଏ ଭାବରେ ଘୋଷିତ କରାଯାଏ।

ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା। ତେଣୁ ସ୍ୱାଭାବିକ ଭାବରେ ଅନାଦାୟ ଋଣ ସମସ୍ୟା ସୃଷ୍ଟି ହେଲା। ବିଶେଷକରି ୨୦୧୪ ପରେ ଏନପିଏ ପରିମାଣ ବୃଦ୍ଧି ପାଇ ଏକ ବିଶାଳ ପାହାଡ଼ ଆକାରରେ ଦେଶର ଅର୍ଥନୀତି ଆଗରେ ଉଭା ହୋଇଥିଲା। ଭାରତରେ ଏନପିଏ ବୃଦ୍ଧି ପାଇବା ପଛରେ ଆଉ ଏକ କାରଣ ହେଉଛି ଋଣ ନେଇଥିବା ବୃହତ ଶିଳ୍ପ ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତି ଓ ଋଣ ପରିଶୋଧ କରିବାର କ୍ଷମତା ନିୟମିତ ଆକଳନ କରାଗଲା ନାହିଁ। ଅଧିକନ୍ତୁ ଶିଳ୍ପାୟନ ଆଳରେ ଶିଳ୍ପପତିମାନଙ୍କୁ ଋଣ ନିୟମକୁ କୋହଳ କରିଦିଆଗଲା। ଏହାଛଡ଼ା ଅତୀତରେ ଉଦ୍ୟୋଗପତିମାନଙ୍କ ବିପୁଳ ଋଣ ଚାହିଦା ମେଣ୍ଟାଇବା ପାଇଁ ଏକାଧିକ ବ୍ୟାଙ୍କ ମିଳିତ କନ୍ସୋର୍ଟିୟମ ଗଠନ କରାଗଲା। ମାଲ୍ୟାଙ୍କର କିଙ୍ଗଫିସର ପରି କମ୍ପାନୀମାନେ ବିଶାଳ ପରିମାଣର ଋଣ ପରିଶୋଧରେ କ୍ରମାଗତ ଅସଫଳ ହେବା ପରେ ଋଣଦାତା ବ୍ୟାଙ୍କ କନ୍ସୋଟିୟମ ସହିତ ଦେଶର ସାମଗ୍ରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ତାହା ପ୍ରଭାବିତ କଲା। ଏଥିସହିତ ମରୁଡ଼ି, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁଁ କୃଷି ଋଣ ମଧ ଅନାଦାୟ ହୋଇପଡ଼ିଲା। କେତେଜଣ ଶିଳ୍ପପତି ଜାଲ କାଗଜପତ୍ର ପ୍ରସ୍ତୁତ କରି ଅସାଧୁ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ବିପୁଳ ପରିମାଣର ଋଣ ରାଶି ବିଦେଶରେ ଥିବା ଆକାଉଣ୍ଟକୁ ସ୍ଥାନାନ୍ତରିତ କରିଦେଲେ। ଏହିସବୁ ଘଟଣା ପ୍ରତି ଯଦି କେନ୍ଦ୍ର ସରକାର ପ୍ରାରମ୍ଭରୁ ଯତ୍ନଶୀଳ ହୋଇଥାନ୍ତେ ତେବେ ଆଜି ଭାରତୀୟ ଅର୍ଥନୀତିକୁ ଏନପିଏର ପାହାଡ଼ ମୁଣ୍ଡାଇବାକୁ ପଡ଼ିନଥାନ୍ତା। ମେହୁଲ ଚୋକ୍ସି, ନିରବ ମୋଦୀ, ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷଣା କରାଯିବା ସହିତ ଅନାଦାୟ ଋଣ ବା ଏନପିଏ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ବିଳମ୍ବରେ ହେଲେ ମଧ ଉଦ୍ୟମ ଆରମ୍ଭ କଲେ। ଏହି ଉଦ୍ୟମର ଏକ ଅଂଶସ୍ୱରୂପ ଇନ୍ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ଼ରେ ଆବଶ୍ୟକୀୟ ସଂଶୋଧନ କରାଗଲା। ବ୍ୟାଡ଼ ବ୍ୟାଙ୍କ ଗଠନ ପାଇଁ ମଧ ବାଟ ଫିଟିଲା। ଏହାଦ୍ୱାରା ସମ୍ପୂର୍ଣ୍ଣ ନ ହେଲେ ମଧ ବ୍ୟାଙ୍କର ଏନପିଏ ସମସ୍ୟା କେତେକାଂଶରେ ସମାଧାନ ହେବାର ଦେଖାଗଲା। ଏହି ବ୍ୟବସ୍ଥାର ସୁଫଳ ପାଇବାକୁ ହୁଏତ ଅନେକ ବର୍ଷ ଲାଗିଯାଇପାରେ।

ଶେଷରେ କୁହାଯାଇପାରେ ଯେ କୌଣସି ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ତେବେ କେବଳ ଦେଶ ଦେବାଳିଆ ହେବନାହିଁ ବରଂ ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଆମେରିକାର ଲେହମ୍ୟାନ ବ୍ରଦରସ୍ ଓ ମେରିଲ ଲିଞ୍ଚ ବ୍ୟାଙ୍କ ଭୁଶୁଡ଼ି ଯିବା ପରେ ବିଶ୍ୱ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ସୃଷ୍ଟି ହୋଇଥିବାର ତାହାର ପ୍ରଭାବକୁ ଆଜି ମଧ ଅନେକ ଦେଶ ସମ୍ପୂର୍ଣ୍ଣ ଦୂର କରିବାରେ ସକ୍ଷମ ହୋଇପାରିନାହାନ୍ତି। ତେଣୁ ଭାରତ ସରକାର ମଝିରେ ମଝିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକୁ ବିପୁଳ ପୁଞ୍ଜି ନିବେଶ ଯୋଗାଇ ଆସୁଛନ୍ତି, ଯାହା ସିଧାସଳଖ ଦେଶର ଜନସାଧାରଣ ଦେଉଥିବା ଟିକସରୁ ଭରଣା ହେଉଛି। ଅନ୍ୟ ଅର୍ଥରେ କହିଲେ ଏନପିଏ ବୃଦ୍ଧି ସହିତ ଅତ୍ୟୁଚ୍ଚ ଧନୀ ଶିଳ୍ପପତିମାନେ ଉପକୃତ ହେଉଥିବାବେଳେ ଦେଶର ଜନସାଧାରଣ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏହାର ଦୀର୍ଘସ୍ଥାୟୀ ନିରାକରଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବା ଦରକାର। ଏନପିଏ ସମସ୍ୟାର ସମାଧାନ ପାଇଁ କେବଳ ବ୍ୟାଡ଼ ବ୍ୟାଙ୍କ ଗଠନ କିମ୍ବା ଅତିରିକ୍ତ ପୁଞ୍ଜି ସହାୟତା ଯଥେଷ୍ଟ ନୁହେଁ। ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀମାନଙ୍କୁ ମଧ ଆଇନତଃ ଉତ୍ତରଦାୟୀ କରିବା ପାଇଁ କଠୋର ନିୟମ ପ୍ରଣୟନ ହେବା ଦରକାର।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୩୫୨୮


# ମୋ ଜୀବନର କଳ୍ପବୃକ୍ଷ

॥ ଅନୀତା ପଟ୍ଟନାୟକ ॥

କୁହାଯାଏ 'ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ। ପିତରି ପ୍ରୀତିମାପନ୍ନେ ପ୍ରୀୟେନ୍ତେ ସର୍ବଦେବତା।' ଏହାର ଅର୍ଥ ପିତା ହେଉଛି ଧର୍ମ, ସ୍ୱର୍ଗ ଓ ଜୀବନର ତପସ୍ୟାର ଫଳ। ପିତା ଯଦି ସନ୍ତୁଷ୍ଟ ହୁଅନ୍ତି ସର୍ବ ଦେବତାମାନେ ପ୍ରୀତ ହୋଇଥାନ୍ତି। ମୋର ପିତା ଜଣେ ନିଆରା ଶିକ୍ଷକ ଥିଲେ। ସେ ସକାଳ ହେଲେ ଆମ ଭାଇ ଭଉଣୀ ମାନଙ୍କୁ ଉଠାଇ ଚଲାଇ ଚଲାଇ କିଛି ବାଟ ନେଇ ବିଭିନ୍ନ ମନ୍ଦିର ପ୍ରଭୃତି ଦେଖାଇ ଗାଈର କ୍ଷୀର, ଦହି ଗଉଡଘରୁ ଧରି ଘରକୁ ଫେରୁଥିଲେ। ବାପା କେବେ ଚାହାପି ପିଇବା କିମ୍ବା କ୍ଷୀର ପିଇବା ମୁଁ ଦେଖିନାହିଁ। ବରଂ ମାକୁ ପ୍ରେମପୂର୍ଣ୍ଣ ଶବ୍ଦରେ କୁହନ୍ତି ଆଜି ମୋ ପିଲାମାନେ ସମସ୍ତେ କ୍ଷୀର ପିଇଛନ୍ତିତ ? ବାପା ସବୁ ପିଲାମାନଙ୍କୁ ପାଠ ପଢ଼ିବାକୁ ପ୍ରୋତ୍ସାହିତ କରୁଥିଲେ। ତାଙ୍କର ସମସ୍ତ ଉପାର୍ଜିତ ଧନ ଆମର ସ୍କୁଲ ଡ୍ରେସ, ପାଠପଢ଼ା ଉପକରଣ, ଆମର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଖର୍ଚ୍ଚ କରିଦେଉଥିଲେ। ନିଜେ ଦୁଇହଳ ପୋଷାକରେ ଜୀବନ ଅତିବାହିତ କରିଦେଉଥିଲେ। ହଳେ ପୋଷାକ ଚିରିଗଲେ ବା ନଷ୍ଟ ହୋଇଗଲେ ଆଉ ଗୋଟିଏ ହଳ ତିଆରି କରାଉଥିଲେ।

ମୁଁ ମୋର ବାପାଙ୍କୁ କେବେ କାହାଠାରୁ କିଛି ହାତପାତି କୌଣସି ପଦାର୍ଥ ଗ୍ରହଣ କରିବା ଦେଖିନାହିଁ। ସେ ତାଙ୍କର କଷ୍ଟ ଉପାର୍ଜିତ ଧନକୁ ଅକୁଣ୍ଠିତ ହୋଇ ଦାନ କରି ଦେଉଥିଲେ। ମତେ ଉଦାହରଣ ଦେଇ ବୁଝାଇ କହୁଥିଲେ ଗ୍ରହଣ କରିଥିବା ପାପୁଲି ତଳକୁ ଥାଏ କିନ୍ତୁ ଦାନ କରୁଥିବା ପାପୁଲି ସର୍ବଦା ଉପରେ ଥାଏ। ବାପା ଆମକୁ ଶକ୍ତି, ଧନ, ବାକ୍ୟ ଓ ଖାଦ୍ୟକୁ କିପରି ସଞ୍ଚୟ କରିବାକୁ ହେବ ତାହାକୁ ସେ ଶିଖାଉଥିଲେ। ମୋ ବାପା ସ୍କୁଲରେ ସବୁ ପିଲାଙ୍କୁ ନିଜର ପିଲାପରି ଭଲ ପାଉଥିଲେ। ମୋ ଆଗରେ ଅନ୍ୟ ପିଲାଙ୍କୁ ପ୍ରଶଂସା କରୁଥିଲାବେଳେ ମୁଁ ଯେତେବେଳେ ଈର୍ଷାନ୍ୱିତ ହେଉଥିଲି, ସେ ମତେ କହୁଥିଲେ ସମସ୍ତ ଈଶ୍ୱରଙ୍କର ସନ୍ତାନ। ଈଶ୍ୱରଙ୍କର ସାନ୍ନିଧ ଲାଭ କରିବାର ସୁଯୋଗ ସମସ୍ତଙ୍କର ଅଛି। କିନ୍ତୁ ବାପାଙ୍କ ଠାରୁ ଯଦି ଠିକ ଭାବରେ ଅଧିକ ସ୍ନେହ ଦାବିକରି ମଧ ପାଇନଥାଏ ତାର ମନର ଅବସ୍ଥା ଯାହାହୁଏ ମୁଁ ଅଧିକ ସ୍ନେହ ପାଉନଥିଲା ବେଳେ ମୋର ଅବସ୍ଥା ସେପରି ହୁଏ। ଆମ ପିଲାମାନଙ୍କର ଟିକେ ଦେହ ଖରାପ ହେଲେ ସେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରାଇଥାନ୍ତି। ସେ ଆମ ସବୁ ପିଲାମାନଙ୍କୁ ସକାଳ ସଞ୍ଜରେ ପ୍ରାର୍ଥନା, ଖାଦ୍ୟ ଗ୍ରହଣ ଓ ଶୋଇବା ପୂର୍ବରୁ ପ୍ରାର୍ଥନା, ଗୋଶାଳାକୁ ଯାଇ ଗାଈ ମାନଙ୍କର ସେବା ନିଜେ କରନ୍ତି। ଦୀନଦରିଦ୍ରଙ୍କର ସେବା କରିବାକୁ ଓ ମାଙ୍କୁ ଖାଦ୍ୟ ପୁଡ଼ିଆ ତିଆରି କରି ଦେବା ପାଇଁ ଶିକ୍ଷା ଦେଇଥାନ୍ତି। ମୋର ବାପା ମାଧବଙ୍କର ଭଜନ ଗାନ କରିବାକୁ ଭଲ ପାଉଥିଲେ। ସେ ଏପରି କାହିଁକି କରୁଛନ୍ତି ଦିନେ ପଚାରିବାରୁ ସେ କହିଥିଲେ ମାର ଅର୍ଥ ମାୟା, ଧବର ଅର୍ଥ ପ୍ରଭୁ ସେ ଜାତ ହେଉଛନ୍ତି, ନାଶ ହେଉଛନ୍ତି, ଜୀବନ ମାୟାର ଅଂଶ। ସାଧକ ହେଉଛନ୍ତି ସର୍ବମୟ କର୍ତ୍ତା। ଏତେ ବଡ଼ ବଡ଼ କଥା ମୋ ମୁଣ୍ଡରେ ପଶୁନଥିଲା।

ଖରା ଦିନେ ସହରର ବିଭିନ୍ନ କେନ୍ଦ୍ରକୁ ନେଇ ମାଟି ହାଣ୍ଡିରେ ପାଣି ରଖି ପଥିକମାନଙ୍କୁ ସେ ପାଣି ଯୋଗାଇ ଥାନ୍ତି। ସେ ଧନାଢ଼୍ୟ ବ୍ୟକ୍ତିଙ୍କ ସହାୟତାରେ ଅନେକ ଗରୀବ ଝିଅମାନଙ୍କର ବାହାଘର କରି ତାଙ୍କର ଘର ବସାଇଛନ୍ତି। ଜାନୁଆରୀ ୨୬, ଅଗଷ୍ଟ ପନ୍ଦର ପ୍ରଭୃତି ଦିନ ମାନଙ୍କରେ ସେ ଦେଶପ୍ରେମର ବାର୍ତ୍ତା ସ୍କୁଲର ପିଲାମାନଙ୍କୁ ଦେଉଥିଲେ। ପୂଜାପାର୍ବଣ ଗୁଡ଼ିକରେ ଭଜନ, ଧ୍ୟାନ, ନୀରବତା, ସଞ୍ଚୟ ଅଭ୍ୟାସ ପ୍ରଭୃତିର ମହତ୍ୱ ଅକ୍ଷରେ ଅକ୍ଷରେ ବୁଝାଇ ଦେଉଥିଲେ। ତାଙ୍କୁ ଘରେ ବାହାରେ ସମସ୍ତେ ଏକ ପ୍ରାଣରେ ଭଲ ପାଉଥିଲେ। ମୋ ବାପା ମୋ ପାଇଁ ଏକରନମ୍ବର ଭଗବାନ ଥିଲେ କାରଣ ସେ ସଚରାଚର ଜଗତରେ ଭଗବାନ ବିଦ୍ୟମାନ ଅଛନ୍ତି ବୋଲି ବୁଝାଇବା ସହିତ ଇତର ଜଗତର ସେବା କରୁଥିଲେ। ଭଗବାନଙ୍କ ପ୍ରଦତ୍ତ ପଞ୍ଚମହାଭୂତର (ଆକାଶ, ବାୟୁ, ଜଳ, ପୃଥିବୀ, ଅଗ୍ନି) କିପରି ବ୍ୟବହାର କରିବାକୁ ହୁଏ ତାହାକୁ ଶିକ୍ଷା ଦେଉଥିଲେ। ସମସ୍ତଙ୍କୁ ଭଲ ପାଇବା ଓ ସର୍ବଦା ଆନନ୍ଦରେ ରହିବାକୁ ଉପଦେଶ ଦେଉଥିଲେ। ମୋର କାଲିପରି ମନେ ଅଛି ଯେଉଁଦିନ ମୋ ରବାପା ତାଙ୍କର ଅବସର ନେବା ବିଷୟରେ ଘୋଷଣା କଲେ, ମାଙ୍କ ମନ ଦୁଃଖି ହୋଇଯାଇଥିଲା। ଏତେ ବଡ଼ ସଂସାର ଅଧା ପଇସାରେ ଚଳିବ କିପରି ବାପା କିନ୍ତୁ ଅବସର କଥାରେ ଖୁବ ଖସି। ଡାକ୍ତର, ଇଂଜିନିୟର, ଓକିଲ ଏପରିକି ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ସମସ୍ତେ ଅବସର ନିଅନ୍ତି କିନ୍ତୁ ତାଙ୍କର ଅବସର ନେବାର ଦିନର ଆସିଯାଉଥିବା ସମୟକୁ ନେଇ ପରିବାରର ଲୋକମାନେ ଏତେ ଦୁଃଖିତ କାହିଁକି ? ଏହାର କାରଣ ଥିଲା ବାପା ଥିଲେ ଆମର କଳ୍ପବୃକ୍ଷ। ଆମେ ଜାଣିଥିଲୁ ଆମେ ମାଗିବା ମାତ୍ରେ ଆମର ଉଚିତ ପ୍ରାର୍ଥନା ଗୁଡ଼ିକୁ ସେ ଶୁଣୁଥିଲେ ଓ ପୂରଣ କରୁଥିଲେ ଓ ଅବସର ପରେ ସେ ସବୁ ଉଣା ହୋଇଯିବାର ଆଶଙ୍କାରେ ଆମେ ଶଙ୍କିତ ଥିଲୁ। ମୁଁ କିନ୍ତୁ ମୋର ମନର ଭାବନାକୁ କାହା ଆଗରେ ପ୍ରକାଶ କରିନଥିଲି। ବାପାଙ୍କ ଶେଷ ସମୟ ଉପସ୍ଥିତ ହେଲା। ଭାଇ, ବନ୍ଧୁ, କୁଟୁମ୍ବ ତାଙ୍କର ଛାତ୍ର ସମାଜର ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ଥାଇ କ୍ରନ୍ଦନ କରୁଥାନ୍ତି। ସମସ୍ତଙ୍କ ପାଟିରେ ଗୋଟିଏ କଥା, 'ଆପଣ କାହିଁକି ଆମକୁ ଛାଡ଼ି ଚାଲିଯାଉଛନ୍ତି। ଆପଣଙ୍କୁ ଖୁସି କରିବାରେ କେବେ ଅବହେଳା କରିଛୁକି ? ଆପଣ କୁହନ୍ତୁ ଆପଣଙ୍କୁ ଖୁସି କରିବାକୁ ଆମେ କଣ କରିବୁ ? ଦରକାର ପଡ଼ିଲେ ଆମର ସ୍ତ୍ରୀ ପିଲା ସମସ୍ତଙ୍କୁ ଛାଡ଼ି ତୁମ ପାଖକୁ ଚାଲି ଆସିବୁ। ଆମେ ଆମର ଚକ୍ଷୁ, ବୃକକ, ହୃଦୟ ସବୁ କିଛି ଦାନ କରିବାକୁ ରାଜି ଅଛୁ। ଦରକାର ପଡ଼ିଲେ ସମସ୍ତ ଧନ ମଧ ଆପଣଙ୍କୁ ଦେଇଦେବୁ ହେଲେ ଆପଣ ଆମକୁ ଛାଡ଼ି ଯାଆନ୍ତୁ ନାହିଁ। ମୋର ବାପା ଚିରନିଦ୍ରାରେ ଶୋଇଯିବା ପୂର୍ବରୁ ଯେଉଁ କେତୋଟି କଥା କହିଥିଲେ ତାହା ଆଜି ମଧ ମୋ ମନରେ ଝଙ୍କୃତ ହେଉଛି ତାହାଥିଲା 'ମୁଁ ତୁମକୁ କଷ୍ଟ ଦେବା ପାଇଁ ତୁମର ବାପା ହୋଇନଥିଲି। ମୁଁ ତୁମର ଧନ ସମ୍ପତ୍ତି କିଛି ଚାହୁଁ ନଥିଲି। ତୁମର ସ୍ତ୍ରୀ, ପିଲାଙ୍କୁ ଦୁଃଖ ପହଞ୍ଚାଇବା ପାଇଁ ମୁଁ ଆସି ନଥିଲି। ମୁଁ ତୁମ ମାନଙ୍କ ଠାରୁ ଏତିକି ଚାହୁଁଥିଲି, ତୁମେ ସବୁବେଳେ ସବୁ ସମୟରେ ଆନନ୍ଦରେ ରୁହ। ନିଃସ୍ୱାର୍ଥ ପ୍ରେମ ଓ ସେବାରେ ବ୍ରତୀ ହୁଅ।'


ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ,
କଟକ, ଦୂରଭାଷ : ୯୬୯୨୯୮୦୦୨୬


# କ'ଣ ବିଶ୍ୱରେ ସ୍ଥାୟୀ ଶାନ୍ତି ସମ୍ଭବ ?

॥ ମୌଲାନା ଫଜଲ ହକ ଖାଁ ॥

ସେ ଦିନ ଥିଲା ୨୨ ଜାନୁଆରୀ ୨୦୨୩ । ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ଭୁବନେଶ୍ୱରର ତାରକା ହୋଟେଲ ପାଲ୍ ହାଇଟ୍ସ ଠାରେ ଏକ ଶାନ୍ତି ସମ୍ମିଳନୀରେ ଯୋଗଦେବାର ସୌଭାଗ୍ୟ ପାଇଥିଲି । ଦେଖିବାକୁ ପାଇଲି, ସେଠିକାର ପରିବେଶ, ପରିଭାଷା, ମନ ଓ ମତାମତ ଶାନ୍ତିକୁ ଖୋଜୁଛି । ଏହି ମହାନ ସମ୍ମିଳନୀରେ ସ୍ୱୟଂ ମହାମହିମ ରାଜ୍ୟପାଳ ପ୍ରୋଫେସର ଶ୍ରୀ ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ମଂଚରେ ବିରାଜିତ ଥିଲେ। ତାଙ୍କ ଗହଣରେ ଥିଲେ, କେତେକ ୟୁନିଭରସିଟିର ଉପକୁଳପତିମାନେ ଏବଂ ବୁଦ୍ଧିଜୀବୀମାନେ, ରାଜନେତାମାନେ । ସେହିଭଳି ହଲ୍‌ରେ ଭରି ରହିଥିଲେ ଅନେକ ପୂର୍ବତନ ସାମରିକ ଅଫିସରମାନେ, ଶିକ୍ଷା କ୍ଷେତ୍ରରେ ଥିବା ମେଧାବୀ ଛାତ୍ର-ଛାତ୍ରୀମାନେ, ରିସର୍ଚ୍ଚ ସ୍କଲାରମାନେ, ଆଇନଜୀବୀମାନେ, ଡ଼ାକ୍ତରମାନେ, ଇଂଜିନିୟରମାନେ, ସମାଜସେବୀମାନେ, ସର୍ବଭାରତୀୟ ସ୍ତରର ଅନେକ ଖେଳାଳିମାନେ, ସକଳ ଧର୍ମର ପ୍ରତିନିଧିମାନେ ତଥା ସାମ୍ବାଦିକମାନେ । ତାଙ୍କ ଭିତରେ ଚାଲିଥିଲା ଆଲୋଚନା କି କାହିଁକି ଏଭଳି ଗୋଟିଏ ବିଷୟ ଉପରେ ଚର୍ଚ୍ଚାର ଆବଶ୍ୟକ ଅନୁଭୂତ ହେଲା । ସତରେ କ'ଣ ଏମିତି ଗୋଟିଏ ଆଲୋଚନାର ପ୍ରାସଙ୍ଗିକତା ରହିଛି। ଏକ ବିକଶିତ ସମାଜରେ କାହିଁକି ଏହାର ଦରକାରିତା ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରିପାରିଛି ।

ପ୍ରକୃତରେ ଆଜି ଆମେ ଯେଉଁ ଦିଗକୁ ଦୃଷ୍ଟି ପକାଉଛେ, କେଉଁଠି ଅଘଟଣ, ଦୁର୍ଘଟଣା ତ କେଉଁଠି ବିପଦ ଆପଦ । ଆଉ କେଉଁଠି ଅସ୍ଥିରତା ତ କେଉଁଠି ଅରାଜକତା। କେଉଁଠି ହଣା-କଟା ତ କେଉଁଠି ଟଣା-ଓଟରା । କେହି କାହାର ନେଇଗଲାଣି ତ କେହି କାହାରିକୁ ଦେଉନାହିଁ । ଏହିଭଳି ବ୍ୟକ୍ତିଗତ ଅବସ୍ଥାରୁ ଆରମ୍ଭ କରି ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ବି ଦୈନନ୍ଦିନ ଜୀବନରେ ଆମେ ବ୍ୟସ୍ତ ବିବ୍ରତ ହୋଇଯିବାର ଦେଖୁଛେ । ଆମେ ସମସ୍ତେ ଶାନ୍ତିର ଆଶାରେ ଧାଉଁଛେ, ହେଲେ ତାହା ମରୀଚିକା ପରି ଆମର ହାତରେ ଧରା ପଡୁ ନାହିଁ । ବିଶୃଙ୍ଖଳା ଓ ହିଂସା ସାରା ପୃଥିବୀକୁ ଗିଳିବାକୁ ଲାଗିଛି । ଏପରି କି ଜାତିଭେଦ, ବର୍ଣ୍ଣଭେଦ, ଧର୍ମଭେଦର ବିଦ୍ୱେଷ ଦିନକୁ ଦିନ ବଢିବାରେ ଲାଗିଛି । ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ତଫାତ ବହୁତ ବଢିବାରେ ଲାଗିଛି । ଏହିଭଳି ପରିସ୍ଥିତିରେ ଗୋଟିଏ ଶାନ୍ତ, ସରଳ ଓ ସାଧାରଣ ମଣିଷଟି ଆଜି ବେସାହାରା ହୋଇଯାଇଛି । ଠିକ-ଭୁଲ ବିଚାର କରିବାରେ ଏହି ନିରୀହ ମଣିଷଟି ଦ୍ୱନ୍ଦରେ ପଡ଼ିଯାଇଛି । ବିଶ୍ୱର ଅନେକ ସ୍ଥାନରେ ଯେଉଁ ସରକାର ସାଧାରଣ ଲୋକଙ୍କର ଭଲ କରିବାର ପ୍ରତିଶୃତି ଦେଉଛି, ଶାସନ କ୍ଷମତାକୁ ଆସିବା କ୍ଷଣେ ସେହି ନିରୀହ ଲୋକଙ୍କ ସ୍ୱାର୍ଥ ବିରୁଦ୍ଧରେ କାମ କରୁଛି। ସଂଖ୍ୟାଲଘୁ ଉପରେ ସଂଖ୍ୟା ଗରିଷ୍ଠଙ୍କର ପ୍ରାଦୁର୍ଭାବ ବଢୁଛି । ତେବେ ଏଭଳି ଏକ ପରିସ୍ଥିତିରେ ଆମେ କ'ଣ ଚୁପ ବସିବା । କାହିଁକି ଆମେ ଏକ ସୁସ୍ଥ ଓ ଆଦର୍ଶ ସମାଜର ପରିକଳ୍ପନା କରିପାରିବା ନାହିଁ । କାହିଁକି ବିକାଶର ଫଳ କେବଳ କେତେକ ମୁଷ୍ଟିମେୟ ଲୋକଙ୍କ ପାଖରେ ସୀମିତ ରହିଯାଉଛି । ତେବେ ଏକ ସଭ୍ୟ ସମାଜରେ ସମସ୍ତଙ୍କ ମନ ଓ ସ୍ୱାର୍ଥକୁ ନେଇ ଏକ ବିକଶିତ ସମାଜ କାହିଁକି ଗଠନ ହୋଇପାରିବ ନାହିଁ। କାହିଁକ ଆମେ ନିଜ ସ୍ୱାର୍ଥରୁ ଉପରକୁ ଉଠି ଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା ନାହିଁ । ଏହି ପ୍ରଶ୍ନର ଉତର ଖୋଜିବା ପାଇଁ ତଥା ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେଠି ସମସ୍ତେ ଏକତ୍ରିତ ହୋଇ ପାରିଥିଲେ। ଅହମଦୀୟା ମୁସଲିମ ସଂଗଠନର ଦୃଢ ବିଶ୍ୱାସ ଯେ ଏହିଭଳି ଏକ ପୃଥିବୀ ବା ଶାନ୍ତିର ରାଜ୍ୟ ନିଶ୍ଚିତ ସମ୍ଭବ ।

ଉତ୍କୃଷ୍ଟ କଳାର ଦେଶ ଉତ୍କଳ ବା ଆମ ରାଜ୍ୟ ଓଡ଼ିଶା । ଓଡ଼ିଶାର ଅଧିବାସୀ ଯୁଗେଯୁଗେ ଶାନ୍ତିର ପର୍ବକୁ ବଜାୟ ରଖିବାକୁ ସର୍ବଦା ଚେଷ୍ଟା କରିଆସୁଛନ୍ତି । ଚଣ୍ଡାଶୋକ ଧର୍ମାଶୋକ ହୋଇପାରୁଛି । ସେହି ଭଳି ଭକ୍ତ ସାଲବେଗ ହୁଅନ୍ତୁ ବା ଦାଶିଆ ବାଉରୀ ହୁଅନ୍ତୁ, ମନ୍ଦିର ମାଳିନୀ ସହର ଏହି ଏକାମ୍ର ସହର ହେଉ, ବା ଜଗନ୍ନାଥ ସଂସ୍କୃତିର ଦେଶ, ଓଡ଼ିଆ ସମାଜ ସବୁ ଭେଦଭାବକୁ ଭୁଲି ସବୁଠି ଶାନ୍ତିର ପ୍ରୟାସ ଜାରି ରଖିଛି । ବିଶ୍ୱ ଭାତୃତ୍ୱ ପାଇଁ ଆମ ରାଜ୍ୟ ସବୁବେଳେ ଏକ ଉଦାହରଣ ହୋଇଛି । ଉତ୍କଳର ନୌବାଣିଜ୍ୟ କଥା ହେଉ ବା ସୁକ୍ଷ୍ମ କାରିଗର ଏବଂ କାରିଗରୀ, ତାରକସି ଶିଳ୍ପ ହେଉ ବା ବାନ୍ଧକଳା ସମ୍ବଲପୁରୀ ବା ମାଣିଆବନ୍ଧ, ନୂଆପାଟଣା ପାଟ ଶାଢି ହେଉ । ସବୁ କ୍ଷେତ୍ରରେ ଓଡ଼ିଶାବାସୀ ନିଜର ନିଖୁଣତା ଓ ପାରଦର୍ଶିତା ଦେଖାଇ ଆସିଛନ୍ତି। ଏହି କଥା ସବୁ ମନେ ପଡ଼ିଗଲେ ଲାଗୁଛି ଏହି ଶାନ୍ତି ପ୍ରତିଷ୍ଠା ଦିଗରେ ଆମକୁ ହିଁ ଅଂଟା ଭିଡ଼ିବାକୁ ହେବ । ନିଜେ ଶାନ୍ତିର ମାର୍ଗ ବାହାର କରି ସାରା ବିଶ୍ୱକୁ ଏହି ଶାନ୍ତିର ଆଲୋକରେ ଆଲୋକିତ କରିବାକୁ ହେବ । ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଭୁବନେଶ୍ୱର ଶାଖା ଅହମଦୀୟା ମୁସଲିମ ସଂଗଠନର ଏହି ଶାନ୍ତି ସମ୍ମିଳନୀ ନିଶ୍ଚିତ ଏକ ମାଇଲ ଖୁଂଟ ହେବ । ଶାନ୍ତି ପ୍ରାପ୍ତ ସମ୍ବନ୍ଧରେ ଗୀତାରେ ଲେଖାଅଛି; ତମେବ ଶରଣଂ ଗଚ୍ଛ, ସର୍ବଭାବେନ ଭାରତ / ତତ୍ପ୍ରସାଦାତ୍ ପରାଂଶାନ୍ତି, ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତଂ ॥ ଅର୍ଥାତ୍ ହେ ଭାରତ ! ତୁମ୍ଭେ ସର୍ବତୋ ଭାବରେ ସେହି ପରମେଶ୍ୱରଙ୍କ ଠାରେ ଶରଣ ପଶ । ତାହାଙ୍କ ଅନୁଗ୍ରହରୁ ତୁମ୍ଭେ ପରମ ଶାନ୍ତି ଓ ନିତ୍ୟଧାମ ପ୍ରାପ୍ତ ହେବ । (ଶ୍ରୀମଦ୍‌ଭଗବଦ୍‌ଗୀତା, ଅଧ୍ୟାୟ ୮, ଶ୍ଳୋକ୬୨) ସେହିଭଳି ପବିତ୍ର କୋରାନରେ ଲେଖାଅଛି; "ଅଲା ବିଜିକ୍‌ରିଲ୍ଲାହି ତତ୍‌ମଇନ୍ନଲ୍‌କୁଲୁବ୍" ଅର୍ଥାତ୍ ମନେରଖ ଯେ ଅଲ୍ଲାଃଙ୍କ ସ୍ମରଣରେ ହିଁ ହୃଦୟ ସନ୍ତୋଷ ଲାଭ କରେ । (ପବିତ୍ର କୋରାନ, ଅଧ୍ୟାୟ ୧୩, ଆୟତ ୨୯) ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ପଂଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ଏବେ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରକୁ ଭ୍ରମଣ କରି ସେଠାକାର ନେତା ଓ ରାଜନେତା ତଥା ପ୍ରଶାସକଙ୍କୁ ଭେଟି ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଏବଂ ତୃତୀୟ ବିଶ୍ୱଯୁଦ୍ଧକୁ କିପରି ମିଳିମିଶି ରୋକି ପାରିବା ସେ ବିଷୟରେ ପ୍ରୟାସ କରିଚାଲିଛନ୍ତି । ମିର୍ଜା ମସରୁର ଅହମଦ କୁହନ୍ତି; ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ୧୦ଗୋଟି ମୌଳିକ ନୀତି ରହିଛି । ତାହା ହେଲା ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନିବା। ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରିବା । ବିଶ୍ୱବ୍ୟାପୀ ଏକତାକୁ ପ୍ରଶୟ ଦେବା । ପରମାଣୁ ଅସ୍ତ୍ର ବର୍ଜନ କରିବା। ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ ବନ୍ଦ କରିବା । ଅର୍ଥନୈତିକ ସମାନତା ସୃଷ୍ଟି କରିବା ଏବଂ ଦାରିଦ୍ର ଦୂର କରିବା । ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରିବା। ଚରମପନ୍ଥୀ ଦଳର ପ୍ରତିବାଦ କରିବା । ପାରସ୍ପରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା । ଏବଂ ମାନବ ଜାତିର ସେବା କରିବା ।

ଆସନ୍ତୁ ଆମେ ସମସ୍ତେ ମିଳି ମିଶି ସ୍ଥାୟୀ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ନିଜ ନିଜର କର୍ତ୍ତବ୍ୟ ବହନ କରିବା ଏବଂ ମିର୍ଜା ମସରୁର ଅହମଦଙ୍କ ଏହି ଚିନ୍ତାଧାରାକୁ ସ୍ୱାଗତ କରିବା ସହ ଏହାର ସଦ୍‌ଉପଯୋଗ କରି ବିଶ୍ୱ କଲ୍ୟାଣ ଦିଗରେ ପ୍ରୟାସ ଜାରି ରଖିବା। ଏହା ହିଁ ଆମର କାମନା ।


ଭୁବନେଶ୍ୱର, ୟୁନିଟ-୪
ମୋ.୯୬୯୨୨୨୫୦୫୭



# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଡେରଙ୍ଗ ଶୁଣ୍ଡି ସମାଜର ୪୮ ତମ ବାର୍ଷିକ ବୈଠକ ଅନୁଷ୍ଠିତ

କଣିହାଁ (ମହାଭାରତ): ଅନୁଗୋଳ ଜିଲା କଣିହାଁ ବ୍ଲକ ବଡହୀରା ଗ୍ରାମର କଲ୍ୟାଣୀ ପୁର ଆମ୍ବ ତୋଟା ଠାରେ ଡେରଙ୍ଗ ପଞ୍ଚାୟତର ଶୁଣ୍ଡି ସମାଜର ୪୮ ତମ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଡେରଙ୍ଗ ଶୁଣ୍ଡି ସମାଜର ସଭାପତି ମୂଳିଆ ସେନାପତିଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା, ଏଥିରେ ପ୍ରଥମେ ସମାଜର , ପୂର୍ବରୁ ଯେଉଁ ବ୍ୟକ୍ତି ମାନେ, ଇହଧମ ତ୍ୟାଗ କରିଥିବା ବ୍ୟକ୍ତି ମାନଙ୍କ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ୧ ମିନିଟ ନିରବ ପ୍ରାଥନା କରାଯାଇ,ପରେ ସଭା ଆରମ୍ଭ ହୋଇ ଥିଲା, ପ୍ରଥମେ ସଭାପତି ଓ ସମ୍ପାଦକ ଓ କମିଟି ମେମ୍ବର ମାନଙ୍କୁ ଉତ୍ତରୀ ଦେଇ ସନମାନିତା କରିବା ସହିତ ସମାଜର ସମସ୍ତ ୧୮୨ ଜଣ ସଦସ୍ୟଙ୍କୁ ଉ□ରୀ ଦେଇ ସନମାନିତ କରାଯାଇଥିଲା । ପରେ ସମ୍ପାଦକ ଯୁଗେଶ୍ୱର ସାହୁ ବାର୍ଷିକ ବିବରଣୀ ପାଠ କରିବା ସହିତ, ବାର୍ଷିକ ଆୟ ବ୍ୟୟର ହିସାବ ପ୍ରଦାନ କରିଥିଲେ। ଶୁଣ୍ଡି ସମାଜର ଭାଇ ଚାରା କୁ କିଭଳି ବଜାୟ ରଖିବା ସହିତ ସମାଜର ଶିକ୍ଷା, ନିଯୁକ୍ତି, ସ୍ୱାବଲମ୍ବୀହେବା, ସହିତ ସାମାଜିକ ଓ ଆର୍ଥିକ ପ୍ରଗତି ସହିତ ଅନ୍ୟକୁ ସାହାଯ୍ୟ ସହ ଯୋଗ କରିବାର ମନବୃତ୍ତି କୁ ସୁଦୃଢ଼ କରିବା ନିତି ନିୟମ ଉପରେ ଆଲୋଚନା ହୋଇଥିଲା, ସୁସ୍ଥ ସମାଜର ଗଠନ ମୂଳକ ଆଲୋଚନାରେ, ପରିମଳ, ବ୍ୟବସ୍ଥା, ନିଶାଠାରୁ ଦୁରେଇ ରହିବା, ଅସହାୟ ପରିବାରକୁ ସାହାଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା , ସମାଜର ୧୮୨ ପରିବାର ସଦସ୍ୟ ବୈଠକ ରେ ସାମିଲ ନିଜର ସୁଚିନ୍ତିତ ମତା ମତ, ପ୍ରଦାନ କରିଥିଲେ । ପରେ ପୂର୍ବତନ କମିଟର ଧାର୍ଯ୍ୟ ସମୟ ସିମା ,ପୁରୀ ଯାଇଥିବାରୁ ସଭାପତି, ସମ୍ପାଦକ ଓ କମିଟି ମେମ୍ବରଙ୍କୁ ସମାଜ ପକ୍ଷରୁ ଶୁଭେଚ୍ଛା ଜଣାଇବା ସହିତ, ନୂତନ କମିଟି ଗଠନ କରି, ସଭାପତି ଭାବେ ଇନ୍ଦ୍ର ମଣି ସାହୁ, ସମ୍ପାଦକ ଭାବେ ଦୁଃଶାସନ ସାହୁ, ଓ କମିଟି ମେମ୍ବର,ଦିଲେଶ୍ୱର ସାହୁ, ମୋହନ ଚନ୍ଦ୍ର ସାହୁ, ହରି ସାହୁ, ବିଦ୍ୟାଧର ସାହୁ, ଶଙ୍କରଷଣ ସାହୁ, ଭଜମନ ସାହୁ, ପ୍ରସାଦି ସାହୁ, ଗୁଲେଖ ସାହୁ ଅଥାନି ସାହୁ,ଏହି ନୂତନ କମିଟି ଚୟନ କରାଯାଇଥିଲା, ଏହି ବୈଠକରେ ନୂତନ କମିଟିର ,ପୂର୍ବତନ କମିଟି ଡେରଙ୍ଗ ଶୁଣ୍ଡି ସମାଜର ଆବଶ୍ୟକ ନଥି ପତ୍ର ହସ୍ତାନ୍ତର କରିଥିଲେ । ସମାଜ ପକ୍ଷରୁ ବୁଦ୍ଧଦେବ ସାହୁ, ମଦନ ସାହୁ, ଦୁଃଶାସନ ସାହୁ,ସୁନ୍ଦର ମଣି ସାହୁ,ବିଭୁତି ସାହୁ, ବିନୋଦ ସାହୁ, ହରମୋହନ ସାହୁ, ନୀଳମଣି ସାହୁ, ପରମା ନନ୍ଦ ସାହୁ, ପବିତ୍ର ମୋହନ ସାହୁ, କବି ସାହୁ, ଧୂର୍ଚରଣ ସାହୁ, ମୂଳିଆ ସାହୁ, କୁମୁଦ ସାହୁ, ସୁରେଶ ସାହୁ, ନିରୋଜ ସାହୁ, ନିରାକାର ସାହୁ ବେଣୁଧର ସାହୁ, ରବିନାରାୟଣ ସାହୁ,ସନାତନ ସାହୁ, ଅନିଲ ସାହୁ,ମୁରଲୀ ଧର ସାହୁ, ଅଶୋକ ସାହୁ,ବିଜୟ ସାହୁ,ନରୋତ୍ତମ ସାହୁ, ନରେଶ ସାହୁ,ଙ୍କ ସହିତ ସମାଜର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ଶେଷରେ ମିଳିଲା ନ୍ୟାୟ

## ଭିନ୍ନକ୍ଷମ ଶିଶୁ ର ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲ୍ଲା ଖାଉଟି ଅଦାଲତର ନିର୍ଦ୍ଦେଶ

ପାରାଦୀପ /ଜଗତସିଂହପୁର (ମହାଭାରତ): ଏକ ବର୍ଷ ଧରି ଡାକ୍ତର ଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଅଲଟ୍ରାସାଉଣ୍ଡ ରିପୋର୍ଟରେ ଗର୍ଭସ୍ଥ ବିକଳାଙ୍ଗ ଶିଶୁକୁ ସୁସ୍ଥ ଦର୍ଶାଇବା ପରେ ପରେ ଏକ ହାତ ଓ ପାଦ ବିହୀନ ବିକଳାଙ୍ଗ ଶିଶୁ ଜନ୍ମ ହେବା ଘଟଣା ୨୦୨୧ ମସିହାରେ ସମଗ୍ର ଜିଲ୍ଲା ତଥା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ପ୍ରକାଶଥାଉକି ର୍ତିର୍ତୋଲ ବ୍ଲକ କୋଲର ପଞ୍ଚାୟତ ଅନ୍ତର୍ଗତ ଜୟପୁର ଗ୍ରାମ ର ମନୋରଞ୍ଜନ ଚୁଲି ଙ୍କ ସ୍ତ୍ରୀ ବନ୍ଦନା ଦାସ ପ୍ରଥମେ ଗର୍ଭବତୀ ହେବା ପରେ ରାହାମା ର ଏଲଆଣ୍ଡପି ହସ୍ପିଟାଲ ଓ ଡାକ୍ତର ପ୍ରତାପ କେଶରୀ ଦାସ ଙ୍କ ପାଖରେ ନିୟମିତ ଚିକିତ୍ସିତ ହେଉଥିଲେ। ପ୍ରତିଥର ଅଲଟ୍ରାସାଉଣ୍ଡ ପରେ ମହିଳା ଜଣକ ଗର୍ଭସ୍ଥ ବୋଲି ରିପୋର୍ଟ ପ୍ରଦାନ କରିଥିଲେୟ ତେବେ ବିକଳାଙ୍ଗ ଶିଶୁ ଜନ୍ମ ହେବା ପରେ ଅଲ୍ ଇଣ୍ଡିଆ କଞ୍ଜୁମର ୱେଲ୍ଫେୟଷର କାଉନସିଲ ମହିଳା ଶାଖା ର ଜିଲ୍ଲା ସଭାନେତ୍ରୀ ତଥା ବ୍ୟାସ ଫାଉଣ୍ଡେସନ ର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଙ୍କ ସହାୟତାରେ ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ ଓ ଆଇନଜୀବୀ ଓମ୍ ପ୍ରକାଶ ଦାସ ଙ୍କ



ଜରିଆରେ ଏକ ମାମଲା ଦାୟର କରିଥିଲେ। ଜିଲ୍ଲା ଖାଉଟି ଅଦାଲତ ଏହାର ଶୁଣାଣି କରି ସଂପୃକ୍ତ ଡାକ୍ତର ଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତି ପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଡାକ୍ତର ଦାସ ଜିଲ୍ଲା ଖାଉଟି ଅଦାଲତ ର ନିର୍ଦ୍ଦେଶ କୁ ଚ୍ୟାଲେଞ୍ଜ କରି ରାଜ୍ୟ ଖାଉଟି କମିଶନଙ୍କ ନିକଟରେ କେସ ଦାୟର କରିଥିଲେ।ରାଜ୍ୟ ଖାଉଟି କମିଶନ ଏହାକୁ ଅଗ୍ରାହ୍ୟ କରି ପ୍ରାଥମିକ ସ୍ତରରେ ଶିଶୁ ର କ୍ଷତିପୂରଣ ବାବଦ କୁ ୬୦ ହଜାର ଟଙ୍କା ଦେବା ପାଇଁ ନିର୍ଦ୍ଦେଶ କରି ଜିଲ୍ଲା ଖାଉଟି ଫୋରମ୍ କୁ କେସ ର ପୁନର୍ବାର ବିଚାର ପାଇଁ ପଠାଇଥିଲେ। ଡାକ୍ତର ଦାସ ମଧ୍ୟ ସଂପୃକ୍ତ ପରିବାର କୁ ଚେକ୍ ମାଧ୍ୟମ ରେ ୭୦ ହଜାର ଟଙ୍କା ପୈଠ କରିଥିଲେ। ଦୀର୍ଘ ୪ ବର୍ଷ ପରେ ଜିଲ୍ଲା ଖାଉଟି ଫୋରମ୍ ର ଡିସିଡିଆରସି ପ୍ରଭାତ କୁମାର ପାଢ଼ୀ ଓ ସଭ୍ୟକ୍ଷ ମଧୁସ୍ମିତା ସ୍ୱାଇଁ ବହୁ ବିଚାର ବିମର୍ଷ ପୂର୍ବକ ଜିଲ୍ଲା ଖାଉଟି ଫୋରମ୍ ସଂପୃକ୍ତ ଡାକ୍ତର ଙ୍କ ବିରୁଦ୍ଧ ରେ ୧୧ ଲକ୍ଷ ୭୦ ହଜାର ଟଙ୍କା କ୍ଷତି ପୂରଣ ଦେବା ସହ ପିଲା ଜନ୍ମରୁ ଆଜି ପର୍ଯ୍ୟନ୍ତ ୧୦ଲକ୍ଷ ଟଙ୍କା ର ୧୦ ପର୍ସେ□ ଦେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ଭଳି ଯୁଗାନ୍ତକାରୀ ପଦକ୍ଷେପ କୁ ଜିଲ୍ଲା ର ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ୯.୨୦୦ ଗ୍ରାମର ବ୍ରାଉନସୁଗାର ଜବତ, ଜଣେ ଅଭିଯୁକ୍ତ କୋର୍ଟ ଚାଲାଣ



ପାରାଦୀପ(ମହାଭାରତ): ପାରାଦୀପ ଅଞ୍ଚଳରେ ବଢୁଛି ଧଳାଜହର ବ୍ୟବସାୟ । ଯାହାକୁ ସବାଡ଼ କରିବାରେ ସଫଳ ହୋଇଛି ପାରାଦୀପ ପୋଲିସ । ବିଭିନ୍ନ ସ୍ଥାନରେ ପୋଲିସ ଜାଲ ରେ ଛନ୍ଦି ହେଉଛନ୍ତି ଧଳାଜହର । ବ୍ରାଉନସୁଗାର ବ୍ୟବସାୟୀ । ଗତକାଲି ଜିରୋ ପଏ□ ନିକଟରେ ଦୁଇଜଣ ଯୁବକ ବ୍ରାଉନସୁଗାର ବ୍ୟବସାୟ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଲକଥାନା ପୋଲିସ ଚଢ଼ାଉ କରିଥିଲା । ଦୁଇଜଣ ଯୁବକ ଏକ ପଲିଥିନ ରେ କିଛି ପୁଡିଆ ବିକ୍ରି କରୁଥିବା ନଜର ଆସିଥିଲା । ତେବେ ପୋଲିସ ଗାଡିକୁ ଦେଖିବା ପରେ ଜଣେ ଯୁବକ ଦୌଡ଼ି ପଳାଇ ଯାଇଥିବା ବେଳେ ଅନ୍ୟ ଜଣେ ଯୁବକ କୁ ମାଡି ବସିଥିଲା ପୋଲିସ । ଉକ୍ତ ଯୁବକ ର ଘର ମାର୍ଶାଘାଇ ଥାନା ବଡ଼କୁଳ ଗ୍ରାମର ବିଶ୍ୱନାଥ ବେହେରା ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି । ଲକଥାନା ପୋଲିସ ଅଭିଯୁକ୍ତ ବିଶ୍ୱନାଥ ସହିତ ବ୍ରାଉନ ସୁଗାର ପଲିଥିନ ଏବଂ ମୋଟରସାଇକେଲ ଜବତ କରି ଥାନାକୁ ଆଣିବା ସହିତ ଆଜି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଛି । ତେବେ ଲକଥାନା ପୋଲିସ ଅଭିଯୁକ୍ତ ବିଶ୍ୱନାଥ ଠାରୁ ୯.୨୦୦ ଗ୍ରାମର ବ୍ରାଉନସୁଗାର ଜବତ କରିବା ସହିତ ନଗଦ ଏଗାର ହଜାର କୋଡିଏ ଟଙ୍କା ଜବତ କରି। ସହିତ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଛି। ଉକ୍ତ ଦୁଇଜଣ ଯୁବକ କ୍ରମାଗତ ଭାବରେ ବ୍ରାଉନ ସୁଗାର ବ୍ୟବସାୟ କରୁଥିବା ନେଇ ପୋଲିସ ତଦନ୍ତ ରୁ ସ୍ପଷ୍ଟ ପ୍ରମାଣିତ ହୋଇଛି । ଖସି ଯାଇଥିବା ଅଭିଯୁକ୍ତ କୁ ଧରିବାକୁ ପୋଲିସ କଡା ନଜର ରଖିଥିବା ପ୍ରେସମିଟ ରେ ସୂଚନା ଦେଇଛନ୍ତି ।

## କିଟ୍ ତାତି ର ଝଲକ ଏବେ କାକଟପୁରରେ

କାକଟପୁର(ମହାଭାରତ) : ଭୁବନେଶ୍ୱର ର ବହୁ ପ୍ରସିଦ୍ଧ କୀଟ୍ ବିଶ୍ୱବିଦ୍ୟାଳୟ ରେ ଏବେ ଯେଉଁ ଉଷ୍ମତା ପ୍ରକାଶ ପାଇଛି ତାହାର ଝଲକ ଆଜି କାକଟପୁର ଅଞ୍ଚଳ ରେ ଦୃଷ୍ଟିଗୋଚର ହୋଇଛି, କିଟ୍ କ୍ୟାମ୍ପସ ଭିତରେ ନେପାଳୀ ଛାତ୍ରୀ ଙ୍କ ଆତ୍ମହତ୍ୟା କୁ ନେଇ ବିଶ୍ୱବିଦ୍ୟାଳୟ ପରିସରରେ ଉତ୍ତେଜନା ଲାଗିଥିବାବେଳେ ନେପାଳୀ ଛାତ୍ରଛାତ୍ରୀ ଙ୍କ ପ୍ରତି ହୋଇଥିବା ଅତ୍ୟାଚାର ଏବେ କେବଳ ଓଡିଶା ରାଜ୍ୟ କୀ ଭାରତ ଦେଶ ନୁହେଁ ବରଂ ସମ୍ପୂର୍ଣ୍ଣ ଅନ୍ତର୍ଜାତୀୟ ସ୍ତରରେ ଏହି ଘଟଣା କୁ ନିନ୍ଦାକରାଯାଇଛି, ଆତ୍ମହତ୍ୟା ଘଟଣା ପରେ ବିଦ୍ୟାଳୟ କର୍ତୃପକ୍ଷ ଙ୍କ ଦ୍ୱାରା ହଷ୍ଟେଲ ରୁ ଜୋର ଜବରଦସ୍ତ ନେପାଳୀ ଛାତ୍ରଛାତ୍ରୀ ଙ୍କୁ ହଷ୍ଟେଲ ରୁ ତଡିଦେବା, ସୁରକ୍ଷାକର୍ମୀ ଙ୍କ ଦ୍ୱାରା ଛାତ୍ରଛାତ୍ରୀ ଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବା, ପୋଲିସ ଲଗାଇ ଷ୍ଟେସନ କୁ ପଠେଇବା ଏହି ଘଟଣା ଆମ ଶିକ୍ଷାନୀତି କୁ ଗୋଟେ ପ୍ରକାର କୁପ୍ରଭାବ ପକାଇବା ସହ କ୍ୟାମ୍ପସ ଭିତରେ ଗୋଟେ ଛାତ୍ର ଆନ୍ଦୋଳନ ର ପୃଷ୍ଠଭୂମି ସୃଷ୍ଟି କରିଛି, କୀଟ ନିର୍ମାତା ଅଚ୍ୟୁତ ସାମନ୍ତ ଜଣେ ଏକାଧାର ରେ ପ୍ରଭାବଶାଳୀ ବ୍ୟକ୍ତି ସହିତ ପାୱାରଫୁଲ୍ ରାଜନେତା ମଧ, ଏହିଭଳି ଘଟଣା କୁ ନେଇ ଏବେ ରାଜ୍ୟ ତମାମ ଆନ୍ଦୋଳନ ମୁଣ୍ଡ ଟେକିଛି, ବିଭିନ୍ନ ଅନୁଷ୍ଠାନ ସହିତ ଛାତ୍ରସଂଗଠନ ଏବେ ନେପାଳୀ ଛାତ୍ରୀ ଙ୍କ ନ୍ୟାୟ ପାଇଁ ଦାବୀ ଉଠାଇଛନ୍ତି ତା ସହିତ ବିଶ୍ୱବିଦ୍ୟାଳୟ ର ଉକ୍ତ କର୍ମଚାରୀ ଓ ସୁରକ୍ଷାକର୍ମୀ ଙ୍କ ସହିତ ଭଡାଟିଆ ଗୁଣ୍ଡା ଙ୍କ ବିପକ୍ଷ ରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବୀ କରିଛି ଅନେକ ସଂଗଠନ, ଯାହାର ଏକ ଝଲକ ଆଜି କାକଟପୁର ରେ ଦେଖିବାକୁ ମିଳିଛି। ଏକ ଛାତ୍ର ସମ୍ପୂର୍ଣ୍ଣ ଶରୀର କୁ ଟେଡି ମାଧ୍ୟମ ରେ ସୁସଜିତ କରି ନେପାଳୀ ଛାତ୍ରୀ ଙ୍କୁ ନ୍ୟାୟ ଦାବୀ ପାଇଁ ଭିନ୍ନ ଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି ।

## ଟ୍ରେଲର କୁ ଧକ୍କା ଦେଲା ହାଇୱା ଡ୍ରାଇଭର ମୃତ୍ୟୁ

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ସହର ମଧ ଦେଇ ଯାଇଥିବା ଫ୍ଲାଏ ଓଭର ଉପରେ ଭୟଙ୍କର ଦୁର୍ଘଟଣା ରେ ଚାପି ହୋଇ ଜଣେ ହାଇୱା ଡ୍ରାଇଭର ର ଶୋଚନୀୟ ମୃତ୍ୟୁ ଘଟିଛି ।ମୃତ ହାଇୱା ଡ୍ରାଇଭରଙ୍କ ପରିଚୟ ମିଳପାରିନାହିଁ । ଦୁର୍ଘଟଣା ପରେ ଫ୍ଲାଏ ଓଭର ଉପରେ ଯାତାୟତ ସମ୍ପୂର୍ଣ୍ଣ ଭାବରେ ଠପ୍ ହୋଇଯାଇ ଥିଲା । ଘଟଣା ସ୍ଥଳରେ ଯୋଡ଼ା ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର କରି ଥିଲେ। ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୧୦ ଟା ସମୟରେ ଫ୍ଲାଏ ଓଭର ପିଲର ନଂ ୫୯ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଏକ ଘରୋଇ ଖଣି କମ୍ପାନୀ ର ହୋଲ୍ ପ୍ୟାକ୍ ଡାଲାକୁ ଗୋଟିଏ ଟ୍ରେଲରରେ ଲୋଡ୍ କରି ନିଆଯାଉଥିଲା । ତେବେ ହୋଲ୍ ପ୍ୟାକ୍ ଡାଲା ଅଧିକ ଓସାରିଆ ଥିବାରୁ କିଛି ଅଂଶ ଟ୍ରେଲରର ବାହାରକୁ ବାହାରି ରହିଥିଲା । ଏହି ସମୟରେ ସାମ୍ନାପଟୁ ଆସୁଥିବା ଏକ ଲୁହାପଥର ବୋଝେଇ ହାଇୱା ଦ୍ରୁତ ଗତିରେ ଆସି ଟ୍ରେଲରରେ ଲୋଡ୍ ହୋଇଥିବା ହୋଲ୍ ପ୍ୟାକ୍ ଡାଲାକୁ ଧକ୍କା ମାରି ପଛପଟୁ ଆସୁଥିବା ଆଉ ଏକ ଟ୍ରକ୍ ସହିତ ଧକ୍କା ହୋଇଥିଲା । ଫଳରେ ହାଇୱା ଡ୍ରାଇଭର ଗାଡ଼ି ଭିତରେ ଚାପି ହୋଇ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ଥିଲା । ଦୁର୍ଘଟଣା ପରେ ଟ୍ରେଲର ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଛି । ତେବେ ରାତିରେ ଟ୍ରେଲରରେ ଲୋଡ୍ ହୋଇଥିବା ହୋଲ୍ ପ୍ୟାକ୍ ଡାଲା ର କିଛି ଅଂଶ ବାହାରକୁ ବାହାରି ରହି ଫ୍ଲାଏ ଓଭର ର ଅର୍ଦ୍ଧାଧିକ ରାସ୍ତା କୁ ମାଡ଼ି ଯାଇଥିଲା ଏବଂ ଉକ୍ତ ସ୍ଥାନରେ



ଅନ୍ଧକାର ରହିଥିବାରୁ ହାଇୱା ଡ୍ରାଇଭର ଦେଖି ନ ପାରିବାରୁ ଧକ୍କା ହୋଇଥିବା ସାଧାରଣରେ ଚର୍ଚ୍ଚୟ ହେଉଛି । ପ୍ରତିଦିନ ଦୁର୍ଘଟଣା ଫ୍ଲାଏ ଓଭର ରେ ଘଟୁଛି ।ଏହାର ମୁଖ୍ୟତଃ କାରଣ ସମ୍ପର୍କରେ ଯୋଡା ର ଯୁବ ସଂଗଠକ ରଞ୍ଜିତ ମହାକୁଡ ,ସତ୍ୟ ରଞ୍ଜନ ମହାନ୍ତି,ପିନ୍ଟୁ ଦାସ,ପ୍ରମୁଖ କହିଛନ୍ତି ଯେ,ଫ୍ଲାଏ ଓଭର ରେ ସିମେ□ ଉଠି ଲୁହା ରୋଡ ଦେଖା ଯାଉଥିବା ହେତୁ ଓବି ସି ସି ପକ୍ଷରୁ ଚେଡ୍ରୋକସ ଠିକ୍ୟ ସଂସ୍ଥା ଜରିଆରେ ସ୍ଥାନେ ସ୍ଥାନେ ପ୍ୟୟଚ ପକା କାମ ପାଇଁ ବାରିକେଟ ଦେଇ ବନ୍ଦ କରାଯାଇଛି ।ଏହି ବାରିକେଟ୍ ଦେବା ଫଳରେ ରାସ୍ତା ସଂକୀର୍ଣ୍ଣ ହୋଇ ଯାଉଛି,ଏହା ସହିତ ଏହି ଦୀର୍ଘତମ ଫ୍ଲାଏ ଓଭର ରେ ଲାଇଟ୍ ବନ୍ଦ କରି ଦିଆ ଯାଉଚି ।

## କେନ୍ଦୁପତ୍ର ସିଜିନାଲ କର୍ମଚାରୀଙ୍କ ଆନ୍ଦୋଳନ ,ପ୍ରତିଶୃତି ପରେ ପ୍ରତ୍ୟାହାର

ଟିଟିଲାଗଡ (ମହାଭାରତ)ଟିଟିଲାଗଡ ଡିଭିଜନ ଅନ୍ତର୍ଗତ ସଇଁନ୍ତଳାସ୍ଥିତ କେନ୍ଦୁପତ୍ର ରେଞ୍ଜ ସମ୍ମୁଖରେ ତିନିଦଫା ଦାବୀ ନେଇ ସଇଁନ୍ତଳା ରେଞ୍ଜ ସଭାପତି ପ୍ରଶାନ୍ତ କୁମାର ମେହେର ଙ୍କ ତତ୍ତ୍ୱାବଧାନ ସିଜିନାଲ କର୍ମଚାରୀ ମାନେ ଧାରଣା ଦେଇ ଥିଲେ ଗତ ବର୍ଷ ର ବକେୟା ଦରମା, ଟିଏ ବିଲ ଓ କର୍ମଚାରୀଙ୍କ ୧୨ ମାସ କାର୍ଯ୍ୟ ଦାବୀ ନେଇ ସମସ୍ତ ଫଡିସାଥି ,ଚେକର ,ବାଇଣ୍ଡିଙ୍ଗ ଚେକର ,ସର୍କଲ ଚେକର ମାନଙ୍କୁ ନେଇ ଆନ୍ଦୋଳନ ହେବା ପରେ ସଇନ୍ତଳା ରେଞ୍ଜ ଅଧିକାରୀଙ୍କୁ ଏକଦାବୀ ଦେବା ପରେ କିଛି ଦାବୀ ପୂରଣ କରିବା ପାଇଁ ପ୍ରତିଶୃତି ଦେଲା ଆନ୍ଦୋଳନ ରୁ ପ୍ରତ୍ୟାହାର କରିଥିଲି , ଉକ୍ତ କାର୍ଯ୍ୟକ୍ରମ ଟିଟିଲାଗଡ ଡିଭିଜନ ଉପଦେଷ୍ଟା ଶୁରେଶ ମହାନନ୍ଦ , ଟିଟିଲାଗଡ ଡିଭିଜନ ସଭାପତି ଛବିଳ ସିଂ ଚିନ୍ଦା , ବିବେକ ପାତ୍ର ,ଜଳନ୍ଧର ଦାଶ ,ଟିକେଶ୍ୱର ଭୋଇ ,ଜଗତରାମ ସାହୁ ,ଡମନ ଦେଓ , ହେମନ୍ତସାହୁ ,ହରି ସାହୁ ଓ ସମସ୍ତ ସିଜିନାଲ କର୍ମଚାରୀ ଉପସ୍ଥିତ ଥିଲେ ,ଏବଂ ଫରେଷ୍ଟର ହେମସାଗାର ସାହୁ ଓ ସମସ୍ତଫରେଷ୍ଟର , ଓ ସଇଁନ୍ତଳା ପୋଲିସ ପ୍ରଶାସନ ମଧ୍ୟ ଉପସ୍ଥିତ ଥିଲେ।

## ଟାଟା ଷ୍ଟିଲ୍ କଳିଙ୍ଗନଗରରେ ରକ୍ତଦାନ ଶିବିରରେ ୫୦୦ ୟୁନିଟ୍ ରକ୍ତ ସଂଗ୍ରହ

କଳିଙ୍ଗନଗର,(ମହାଭାରତ): ଟାଟା ଷ୍ଟିଲ୍ କଳିଙ୍ଗନଗରର ଗ୍ରୀନ୍ ଟ୍ରାନ୍ସପୋର୍ଟ ପାର୍କରେ ଗୁରୁବାର ଦିନ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ଟାଟା ଷ୍ଟିଲ୍ କର୍ମଚାରୀମାନଙ୍କ ବ୍ୟତୀତ, ଠିକା କର୍ମଚାରୀ ଏବଂ ଭେଣ୍ଡର ଅଂଶୀଦାରମାନେ ୫୦୦ ୟୁନିଟ୍ ରକ୍ତ ଦାନ କରିଥିଲେ ।ଏହି ରକ୍ତଦାନ ଶିବିର ଟାଟା ଷ୍ଟିଲ କଳିଙ୍ଗନଗର ଲଜିଷ୍ଟିକ୍ସ ବିଭାଗ, ଆମ ଓଡ଼ିଶା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯାଜପୁର ଏବଂ ରେଡକ୍ରସ୍ ରକ୍ତଭଣ୍ଡାର, କଟକର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା ।ଏହି ଶିବିରର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ଜେନେରାଲ ମ୍ୟାନେଜର (ଅପରେସନ୍ସ) କରମବୀର ସିଂହ, ଟିଏସକେ ଏବଂ ଟିଏସଏମ ସୁରକ୍ଷା ବିଭାଗ ଚିଫ୍ ସଞ୍ଜୟ ପ୍ରକାଶ, ସମ୍ବାଦର ଜିଲ୍ଲା ପ୍ରତିନିଧି ସଂଗ୍ରାମ ସିଂହ ଏବଂ ଆମ ଓଡ଼ିଶା ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଦ୍ୟାପନୀ ସମାରୋହରେ ଆଶୁତୋଷ କୁମାର , ଚିଫ୍, ଷ୍ଟିଲ୍ ମେଲ୍ଟିଙ୍ଗ ସପ୍ ଙ୍କ ସହ ଟାଟା ଷ୍ଟିଲ୍ କଳିଙ୍ଗନଗରର ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରିବା ସହିତ ଚାରା ପ୍ରଦାନ କରିଥିଲେ।ଟାଟା ଷ୍ଟିଲ୍ କଳିଙ୍ଗନଗରର ଲଜିଷ୍ଟିକ୍ସ ବିଭାଗ ନେତୃତ୍ୱରେ ଏହି ପଦକ୍ଷେପର ଲକ୍ଷ୍ୟ ରକ୍ତ ସଂରକ୍ଷଣକୁ ବୃଦ୍ଧି କରିବା ସହିତ ଜନସାଧାରଣଙ୍କ ରକ୍ତ ଆବଶ୍ୟକତାରେ ସହଯୋଗ କରିବା ଥିଲା।ଏକ ନିରାପଦ ଏବଂ ଦକ୍ଷ ରକ୍ତଦାନ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ ଶିବିରରେ ଆମ ଓଡ଼ିଶା ଏବଂ ରେଡକ୍ରସ୍ ସୋସାଇଟିର ପ୍ରତିନିଧିମାନଙ୍କ ସହିତ ଟାଟା ଷ୍ଟିଲ୍ କଳିଙ୍ଗନଗରର ଲଜିଷ୍ଟିକ୍ସ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ହଳଦା ଷ୍ଟେଟ ବ୍ୟାଙ୍କରେରେ ବନ୍ଧୁକ ମୁନରେ ୫ ଦୁର୍ବୃତ୍ତ ଙ୍କ ଦ୍ୱାରା ଲକ୍ଷାଧିକ ଟଙ୍କା ଲୁଟ

ରାଇରଙ୍ଗପୁର(ମହାଭାରତ):ମୟୂରଭଞ୍ଜ ଜିଲ୍ଲାର ସିମାନ୍ତ ହଳଦା ଥାନା ଅନ୍ତର୍ଗତ ହଳଦା ବଜାରରେ ଆଜି ଗୁରୁବାର ପୂର୍ବାହ୍ନ ୧୦.୧୫/୧୦.୨୦ ରେ ୫ ଜଣ ଅଜ୍ଞାତ ଯୁବକ ଗ୍ରାହକ ହିସାବରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ରେ ପଶି ବ୍ୟାଙ୍କ ମେନେଜର ବୈଦ୍ୟନାଥ ହେମ୍ବ୍ରମ ଏବଂ କର୍ମଚାରୀ ସନ୍ତୋଷ ମହାନ୍ତଙ୍କୁ ଂଧୁକରେ ଆକ୍ରମଣ କରିବା ସହ ବ୍ୟାଙ୍କ ଭିତରେ ୧୭/୧୮ ଜଣ ଗ୍ରାହକଙ୍କୁ ଭୟଭୀତ କରି ଲକ୍ଷାଧିକ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା,ସିସିକେମେରାର ହାର୍ଡ ଡିସ୍କ ନେଇ ବ୍ୟାଙ୍କ ବାହାର ପଟୁ ତାଲା ମାରି ଖସି ପଳାଇ ଯାଇଥିବା ଅଭିଯୋଗ ହୋଇଛି । ହଳଦା ଜାର ଗହଳି ସମୟରେ ଏଭଳି ଡକାୟତି କାଣ୍ଡ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଓ ଭୟଭୀତ କରାଇଛି ।ଖବର ପାଇ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଦୁନାଥ ସେଠୀ, ରାଇରଙ୍ଗପୁର ଏସଡିପିଓ ଗୋକୁଳାନନ୍ଦ ସାହୁ ଓ ପୋଲିସ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଲା ଭାଙ୍ଗି ଆହତ ବ୍ୟାଙ୍କ ମେନେଜର ଏବଂ କର୍ମଚାରୀ ଓ ଗ୍ରାହକଙ୍କୁ ଉଦ୍ଧାର କରିବା ସହ ଆହତ ଦୁଇ କର୍ମଚାରୀ ହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଇ ୍ୟାଙ୍କ ଭିତରକୁ ନେଇ ତଦନ୍ତ ଓ ତନାଘନା ଜୋରଦାର କରିଛନ୍ତି ।ତଦସହ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।ସମସ୍ତ ସୀମାକୁ ସିଲ କରିବା ସହ ସମସ୍ତ ଥାନାକୁ ସୂଚନା ଦିଆଯାଇଛି ।

## ମହିଳା ଓ ବାଳ ବିକାଶ ମନ୍ତ୍ରଣାଳୟର ରାଜ୍ୟମନ୍ତ୍ରୀଙ୍କ ଢେଙ୍କାନାଳ ଗସ୍ତ

୧୧ ଘଟିକା ସମୟରେ ମାନନୀୟା ମନ୍ତ୍ରୀଙ୍କୁ ସ୍ଥାନୀୟ ସର୍କିଟ୍ ହାଉସ ଠାରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କାମାକ୍ଷାନଗରର ମାନ୍ୟବର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳର ମାନ୍ୟବର ବିଧାୟିକା ସୀମାରାଣୀ ନାୟକ, ପୌର ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, ସି.ଡବ୍ଲ୍ୟୁ.ସି. ର ଚେୟାରମ୍ୟାନ ପୁଷ୍ପକ ତ୍ରିପାଠୀଙ୍କ ସମେତ ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ । ପରେ ମାନନୀୟା ମନ୍ତ୍ରୀ ସଦର ବ୍ଲକ ଅନ୍ତର୍ଗତ ବାଞ୍ଛ କୁସୁମର ଜୁଆଙ୍ଗ ସାହିସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ଅଙ୍ଗନୱାଡ଼ି କର୍ମୀ ଓ ପିଲାମାନଙ୍କ ସହିତ ମନ ଖୋଲା କଥା ହୋଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ଆଇନୱାଡ଼ିର ପରିଚାଳନା ସଂପର୍କରେ ଅବଗତ କରାଇଥିଲେ । ପରେ ସେ ଗୋବିନ୍ଦପୁର ସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନର ଶିଶୁ ଗୃହ ପରିଦର୍ଶନ କରି ପିଲାମାନଙ୍କ ଖାଦ୍ୟପେୟ, ରହଣି ବ୍ୟବସ୍ଥା ସଂପର୍କରେ ପିଲାମାନଙ୍କ ସହ କଥା ହୋଇ ବିଭିନ୍ନ କାର୍ଯ୍ୟ ତଦାରଖ କରିଥିଲେ । ଶେଷରେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ କାର୍ଯ୍ୟ କରୁଥିବା ମହିଳା ସହାୟତା କେନ୍ଦ୍ର ସଖୀ କେନ୍ଦ୍ରକୁ ଯାଇ ନିର୍ଯ୍ୟାତିତ ମହିଳାମାନେ ପାଉଥିବା ସୁବିଧା ସୁଯୋଗ ସଂପର୍କରେ ଅବଗତ ହୋଇଥିଲେ । ମଧ୍ୟାହ୍ନରେ ଜିଲ୍ଲା କାର୍ଯ୍ୟାଳୟ



ସହଭାବନା ସଭାଗୃହ ଠାରେ ମାନନୀୟା କେନ୍ଦ୍ରମନ୍ତ୍ରୀ ଅଙ୍ଗନୱାଡ଼ି କାର୍ଯ୍ୟକ୍ରମ ସମୀକ୍ଷା କରିଥିଲେ । ଜିଲ୍ଲାରେ ୨୨୨୦ ଟି ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯ୍ୟକ୍ଷମ ଥିବା ବେଳେ ସେଥିରୁ ୭୧୪ ଟି କେନ୍ଦ୍ରରେ ସମସ୍ତ ସୁବିଧା ଉପଲବ୍ଧ ଥିବା ସକ୍ଷମ ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି ବୋଲି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା ସୂଚ୍ନା ଦେଇଥିଲେ । ମମତା ଯୋଜନାରେ ୧୮୫୭୫୦ ଜଣ ଗର୍ଭବତୀ ମହିଳା ଉପକୃତ ହୋଇଥିଲା ବେଳେ ସୁଭଦ୍ରା ଯୋଜନାରେ ଅଦ୍ୟାବଧି ୩୦୦୫୧୪ ଜଣ ମହିଳାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ବୋଲି ସେ ସୂଚନା ଦେଇଥିଲେ। ମାନନୀୟା ମନ୍ତ୍ରୀ ବିଭାଗୀୟ ଅଧିକାରୀ ଓ ସିଡ଼ିପିଓ ମାନଙ୍କ ସହିତ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚ୍ନା କରିଥିଲେ । ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ସାକାର ପାଇଁ ସରକାରଙ୍କ ଶିଶୁ ଓ ମହିଳା ବିକାଶ ନିମନ୍ତେ କାର୍ଯ୍ୟକାରୀ ସମସ୍ତ ଯୋଜନାକୁ ନିଷ୍ଠାର ସହିତ କରିବାକୁ ପରାମର୍ଶ ଦେଇଥିଲେ । ବୈଠକ ପ୍ରାରମ୍ଭରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଯୁକ୍ତ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସେଠି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଧନ୍ୟ ଚାଷୀ, ଧନ୍ୟ କୃଷକ ସାଥି ଏବଂ ଗ୍ରାମ୍ୟ କୃଷି ଅଧିକାରୀ



କରଞ୍ଜିଆ,(ମହାଭାରତ): ମୟୁରଭଞ୍ଜ ଜିଲ୍ଲା, ଠାକୁରମୁଣ୍ଡା ବ୍ଲକ,ଜରକ ପଂଚାୟତ ର ଜରକ ଗ୍ରାମର ମାନସିଂ ବାନାରାଙ୍କ ଘର ଅଗଣାରେ ପଡିଛି ଚାଷୀଙ୍କ ବିହନ ଓ ସାର ପେକେଟ । ଏହିପରି ଅଭିଯୋଗ କରିଛନ୍ତି ଏହି ଗ୍ରାମର ଜଣେ ଅବସର ପ୍ରାପ୍ତ ବନବିଭାଗ ଅଧିକାରୀ ୨୦୨୩/୨୪ ବର୍ଷ ଚାଷୀମାନଙ୍କୁ ରବି ଚାଷ ପାଇଁ ଦିଆ ଯାଇଥିବା ବିହନ ଓ ସାର ପ୍ୟାକେଟ କୁ ଚାଷୀ ମାନଙ୍କୁ ଦିଆ ନଯାଇ ଏହି ବିହନ ଓ ସାର ପ୍ୟାକେଟ ଗୁଡିକୁ ବାହାରେ ଫୋପଡ଼ା ହୋଇ ଥିବାର ଅଭିଯୋଗ କରିଛନ୍ତି। ଅବସର ପ୍ରାପ୍ତ ବନ ବିଭାଗୀୟ ଅଧିକାରୀ କେଶୁରାମ ହୋ ଚାଷୀ ମାନଙ୍କୁ ଏହି ରବି ଚାଷ ପାଇଁ ବିହନ ଓ ସାର ପ୍ୟାକେଟ କୁ ଚାଷୀ ମାନଙ୍କୁ ନଦେଇ କୃଷକ ସାଥି,ଏ ସବୁକୁ ମାନ ସିଂ ବାନାରା ଙ୍କ ଘର ସାମନାରେ ଫୋପାଡ଼ି ଦେଇଥିବାର ଅଭିଯୋଗ ହୋଇଛି। ଏସବୁକୁ କୃଷକ ସାଥି ଚାଷୀ ମାନଙ୍କୁ ବିତରଣ କରି ନପାରି ଫୋପାଡ଼ି ଦେଇଛନ୍ତି ବୋଲି ଅଭିଯୋଗ ହୋଇଛି । ତେବେ ଏହି ରବି ବିହନ ଓ ସାର ୨୦୨୩/୨୪ ବର୍ଷର ଏବଂ ଏହି ଅଭିଯୋଗ ପାଇବା ପରେ ଠାକୁରମୁଣ୍ଡା କୃଷି ଅଧିକାରୀ ଅଭିଯୋଗ ର ତଦନ୍ତ କରି ବାହାରେ ପଡ଼ିଥିବା ରବି ବିହନ ଓ ସାର ଗୁଡିକୁ ଯାଞ୍□ କରି ଚାଷୀ ମାନଙ୍କୁ ବିତରଣ କରିବାର ବ୍ୟବସ୍ଥା କରାଯାଉ ଥିବାର ପ୍ରକାଶ କରିଛନ୍ତି । ତେବେ ଏହି ପରିପ୍ରେକ୍ଷୀରେ ଧନ୍ୟ ଚାଷୀ, ଧନ୍ୟ କୃଷକ ସାଥି ଏବଂ ଧନ୍ୟ ଗ୍ରାମ୍ୟ କୃଷି ଅଧିକାରୀ ବୋଲି ସାଧାରଣ ରେ କୁହାଯାଉଛି ହେଲେ ମଧ ଏହା ତଦନ୍ତ ସାପେକ୍ଷ ବୋଲି ସାଧାରଣ ରେ ମତ ପ୍ରକାଶ ପାଉଛି ।

## ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ପ୍ରେରଣା '' ଉଦଯାପିତ




ବାଣପୁର :( ମହାଭାରତ )ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ନିର୍ଦ୍ଦେଶକ୍ରମେ ତଥା ଖୋର୍ଦ୍ଧା ଜିଲ୍ଲା ସମଗ୍ର ଶିକ୍ଷା ସହାୟତାରେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଆନୁକୂଲ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟ -୧ ବାଣପୁର ଠାରେ ପାଞ୍ଚ ଦିନିଆ ନବ ନିଯୁକ୍ତ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ପର୍ଯ୍ୟାୟ-୨ ପ୍ରେରଣା '' ଉଦଯାପିତ ହୋଇଯାଇଛି। ଏହି କର୍ମଶାଳାରେ ନବ ନିଯୁକ୍ତ ଶିକ୍ଷକ ମାନଙ୍କ ମଧ୍ୟରୁ ଅବଶିଷ୍ଟ ୩୯ ଜଣ କନିଷ୍ଠ ଶିକ୍ଷକଙ୍କୁ ସମ୍ବଲ ଶିକ୍ଷକ ତଥା ସାଧନ କର୍ମୀ ସନ୍ତୋଷ କୁମାର ଷଡଙ୍ଗୀ, ବିଭୂତି ଭୂଷଣ ଦାଶ, ଦିଲ୍ଲିପ କୁମାର ନିଶଙ୍କ, ସୁମତି ଘଡ଼େଇ ପ୍ରମୁଖ ବରିଷ୍ଠ ଶିକ୍ଷକଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଥିଲା। ଜାତୀୟ ଶିକ୍ଷାନୀତି ଅନୁସାରେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ର ଛାତ୍ରୀ ଙ୍କ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି,ଆମ ବିଭାଗର କାର୍ଯ୍ୟଧାରା ,ଅନ୍ତର୍ନିବେଶୀ ଶିକ୍ଷାର ସଫଳ ରୂପାୟନ, କ୍ରିୟାତ୍ମକ ଗବେଷଣା, ଶିକ୍ଷଣ ପ୍ରକ୍ରିୟା ଓ ଶିକ୍ଷାଶାସ୍ତ୍ର ସହିତ ଶ୍ରେଣୀ ପରିଚାଳନା ପାଇଁ ପ୍ରେରଣା '' କର୍ମଶାଳାରେ ପରାମର୍ଶ ଦିଆଯାଇଥିଲା। ଉଦଯାପନୀ ଦିବସରେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସିଏଚ୍. ବିଜୟା ଲକ୍ଷ୍ମୀ , ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଝରଣା ଓଝା, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ପ୍ରଭାତ କୁମାର ସେଠୀ, ଗୋଷ୍ଠୀ ସାଧନ ଶିକ୍ଷୟିତ୍ରୀ ବିଶ୍ୱଜିତା ଜେନା ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଆମର ଶିଶୁଙ୍କର ଓ ରାଷ୍ଟ୍ରର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷକ ମାନଙ୍କୁ ପ୍ରେରଣା ଦେବା ଓ ସଶକ୍ତ କରିବା ଅତ୍ୟନ୍ତ ଆବଶ୍ୟକ।

## ୮୫ ବର୍ଷର ବୃଦ୍ଧାଙ୍କୁ ମାଡ ମାରି କ୍ଷ୍ୟତାକ୍ତ କଲେ ପୁଅ

### ନିର୍ଯାତନା ସହିନପାରି ଥାନାର ଦ୍ୱାରସ୍ଥ ହେଲେ ବୃଦ୍ଧା ମା

କଳାହାଣ୍ଡି/ମହାଭାରତ : ସମାଜ ଆଜି କଳୁଷିତ ହେବାକୁ ଲାଗିଲାଣି ଧୀରେ ଧୀରେ ମଣିଷ ପଣିଆ ଲୋପ ପାଇଗଲାଣି ହୃଦୟରେ ମାନବିକତା ମଧ୍ୟ ମରିଗଲାଣି ପ୍ରତେକ ଦିନ ବୃଦ୍ଧ ପିତାମାତା ପୁଅ ବୋହୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହେବା ଆଜି ପ୍ରମୁଖ ଗଣ ମଧ୍ୟମର ଶିରୋନାମା ପାଲଟୁଛି। ଗତ କାଲି ଭଦ୍ରକ ବାସୁଦେବ ପୁରରେ ସେଇଭଳି ଏକ ସ୍ୱର୍ଶକାତର ହୃଦୟବିଦାରକ ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ଆଜି ପୁଣି ଏକ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ଟାଉନ ଥାନା ଅଧୀନ ମହାବୀର ପଡ଼ାରେ ରହୁଥିବା ୮୫ ବର୍ଷୀୟ ବୃଦ୍ଧା ଲାବନ୍ୟ ନାୟକ। ବୃଦ୍ଧା ନିଜ ପୁଅ ବୋହୁ ଏବଂ ନାତୁଣୀଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବୃଦ୍ଧା ଜଣକ ନିଜ ପୁଅ ଦୁଷ୍ମନ୍ତ କୁମାର ନାୟକ ବୋହୁ ଗୀତାଞ୍ଜଳି ନାୟକ ଏବଂ ନାତୁଣୀଙ୍କ ନାମରେ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ଆଜି କୁଆଡେ ପ୍ରଥମ ଘଟଣା ନୁହେଁ ପୂର୍ବରୁ ମଧ ମା ପୁଅ ବିରୋଧରେ ଅନେକ ବାର ଅଭିଯୋଗ ଆଣିଛନ୍ତି। ଘଟଣାରୁ ପ୍ରକାଶଯେ ମା'ଙ୍କ ପେନସନ ଟଙ୍କା ଏବଂ ଜମିବାଡ଼ିକୁ ହାତେଇବା ପାଇଁ ମନ୍ଦ ଉଦେଶ୍ୟ ରଖି ମା କୁ ବାଧ୍ୟ କରିଥିଲେ ପୁଅ ଏଥିରେ ମା ରାଜି ନହେବାରୁ ଉତକ୍ଷିପ୍ତ ହୋଇ ପୁଅ, ବୋହୁ ଏବଂ ନାତୁଣୀ ସଂଘବଧ ଭାବେ ମା 'କୁ ଅକ୍ରମଣ କରି ଘରୁ ତଡ଼ିଦେବାଭଳି ସାଙ୍ଘାତିକ ଅଭିଯୋଗ ଆଣି ଛନ୍ତି ଖୋଦ ମା । ଉକ୍ତ ଘଟଣାଟି ଅତ୍ୟନ୍ତ ସ୍ୱର୍ଶିକାତର ଏବଂ ସମ୍ବେଦନଶିଳ ହୋଇଥିବାରୁ ପୋଲିସ ମାମଲା ଜୁକରି ଘଟଣାଟିକୁ ଗୁରୁତ୍ୱର ସହନେଇ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବିହେଉଛି।

## କଣିହାଁ ଅଂଚଳର ବିଭିନ୍ନ ସମସ୍ୟା ନେଇ ତାଳଚେର ଜନ ବିକାଶ କଲ୍ୟାଣ ସଙ୍ଘର ଦାବୀପତ୍ର

କଣିହାଁ,(ମହାଭାରତ): ତାଳଚେର ଉପଖଣ୍ଡ କଣିହାଁ ସ୍ଥିତ ପବିତ୍ର ମୋହନ ସଭାଘର ଠାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ କଣିହାଁ ଅଂଚଳର ବିପର୍ଯ୍ୟସ୍ତ ଗମନାଗମନ,ସ୍ୱାସ୍ଥ୍ୟ ସେବା ଏବଂ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ଦାବୀ ନେଇ ତାଳଚେର ଜନ ବିକାଶ କଲ୍ୟାଣ ସଙ୍ଘ ତରଫରୁ ୪ ଦଫା ସମ୍ବଳିତ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ତାଳଚେର ଉପଖଣ୍ଡ ଅନ୍ତର୍ଗତ କଣିହାଁ ବ୍ଲକ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ଜନ୍ମ ଭୂମି ହୋଇଥିଲେ ମଧ ଅଂଚଳବାସୀ ବାହ୍ୟଜଗତରୁ ବିଛିନ୍ନ କହିଲେ ଅତ୍ୟୁକ୍ତି ହେବନାହିଁ ।ଅଂଚଳବାସୀ ଦୈନନ୍ଦିନ ବିଭିନ୍ନ ପ୍ରକାରର ସମସ୍ୟାର ସମ୍ମୁଖୀନ ହେଉଥିଲେ ସୁଦ୍ଧା ଏହାର ସ୍ୱାଧୀନତାର ଛସ୍ତରୀ ବର୍ଷ ବିତି ଯାଇଥିଲା ସୁଦ୍ଧା ଗମନାଗମନ କ୍ଷେତ୍ରରେ ଉପଖଣ୍ଡ କାର୍ଯ୍ୟାଳୟ, ତାଳଚେର ତହସିଲ, ଉପଖଣ୍ଡ ଚିକିତ୍ସାଳୟ ଯିବାକୁ ସରକାରଙ୍କ ପୂର୍ତ୍ତ ବିଭାଗ, ଆରଡ଼ିସି, ପଂଚାୟତରାଜ ଏବଂ ବ୍ଲକ ସ୍ତରରେ କୌଣସି ଗୋଟିଏ ବି ରାସ୍ତା ନାହିଁ । ଏନଟିପିସିର ନିଜସ୍ୱ ରାସ୍ତା ଉପରେ ଶହ ଶହ କୋଇଲା ପାଉଁଶ ବୋଝେଇ ଟ୍ରକ ମଝିରେ ଜୀବନକୁ ବାଜି ଲଗାଇ ଜନସାଧାରଣ ନିଜ ଦୈନନ୍ଦିନ ଆବଶ୍ୟକତା ପୂରଣ କରୁଛନ୍ତି । ସେହିପରି କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ସାଙ୍ଗକୁ ଅସ୍ତ୍ରପ୍ରଚାର ଗୃହରେ ଡାକ୍ତରୀ ଯନ୍ତ୍ରପାତି ନଥିବାରୁ ଦୂର ଦୁରାନ୍ତରୁ ପ୍ରସବ ବେଦନା ନେଇ ଆସୁଥିବା ଗରିବ ମହିଳା ନାହିଁ ନଥିବା ହଇରାଣ ହେଉଛନ୍ତି ।ପ୍ରତେକ କ୍ଷେତ୍ରରେ ତାଙ୍କୁ ଘରୋଇ ହସ୍ପିଟାଲକୁ ରେଫର କରିବା ଦ୍ୱାରା ଅଯଥାରେ ଖର୍ଚ୍ଚାନ୍ତ ହୋଇ ସର୍ବସ୍ୱାନ୍ତ ହେଉଛନ୍ତି । ରାସ୍ତା ଉପରେ ଜାମରେ ଫସି ଆମ୍ବୁଲାନ୍ସ ଭିତରେ ଜନନୀ ଯନ୍ତ୍ରଣା ପାଉଛି ବୋଲି ଦାବୀପତ୍ରରେ ଉଲ୍ଲେଖ କରାଯାଇଛି । ଏଣୁ ତାଳଚେର ଜନ ବିକାଶ କଲ୍ୟାଣ ଏବଂ ଅଂଚଳବାସୀ ପକ୍ଷରୁ ପତ୍ରରେ ଉଲ୍ଲେଖିତ ଅଭିଯୋଗ ଗୁଡିକ ପ୍ରତି ଧ୍ୟାନ ଦେଇ ଲୋକଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦିଆଯାଉ ।୪ ଦଫା ଦାବୀଗୁଡ଼ିକ ମଧ୍ୟରେ ହଜାର ହଜାର ଭାରି ଯାନ ଚଳପ୍ରଚଳ କରୁଥିବାରୁ କଣିହାଁରୁ ଗୋଡିବନ୍ଧ ରାସ୍ତାକୁ ୪ ଲେନ ବିଶିଷ୍ଟ କରାଯିବା । ବିଜିଗୋଳ ବାରଡାଙ୍ଗୁଆ ଗ୍ରାମ ଦେଇ ଯାଇଥିବା ପୁରୁଣା ବଲାଙ୍ଗି ରାସ୍ତାରେ ନୂତନ ବ୍ରିଜ ତିଆରି କରାଯାଇ ସମଲ ରାସ୍ତା ସହ ସଂଯୋଗ କରାଯିବା । ସରକାରଙ୍କ ଘୋଷଣା ଅନୁସାରେ କଣିହାଁ ତହସିଲରେ ଯଥା ଶୀଘ୍ର ନିବନ୍ଧନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରାଯିବା । କଣିହାଁକୁ ଆସୁଥିବା ଜଗନ୍ନାଥ ଏକ୍ସପ୍ରେସ ବସ ସେବା ବନ୍ଦ ଥିବାରୁ ତାହାକୁ ପୁନଃ ଚଳାଇବାର ବ୍ୟବସ୍ଥା କରିବା ସହ ଅନଗୋଳ ଓଏସଆରଟିସି ବସ ଷ୍ଟାଣ୍ଡ ଠାରୁ କିଛି ବସ କଣିହାଁ ଓଏସଆରଟିସି ବସଷ୍ଟାଣ୍ଡ ପର୍ଯ୍ୟନ୍ତ ସଂପ୍ରସାରଣ ପାଇଁ ବ୍ୟବସ୍ଥା କରି ଜିଲ୍ଲା ଅଫିସ ଏବଂ ମୁଖ୍ୟ ଚିକିତ୍ସାଳୟ ଯିବାକୁ ଲୋକଙ୍କ ଗମନାଗମନ ସୁଗମ କରାଯିବା ଆଦି ରହିଛି । ଜିଲ୍ଲା ପ୍ରଶାସନ ଲୋକେ ଭୋଗୁଥିବା ସମସ୍ୟା ଗୁଡିକର ସମାଧାନ କରିପାରିଲେ ନିଶ୍ଚିତ ଭାବେ ତାଳଚେର ଉପଖଣ୍ଡ ସମିତ କଣିହାଁ ବାସୀ ଉପକୃତ ହୋଇପାରିବେ ସଂଘ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି । ଏହି ଦାବୀପତ୍ର ସମୟରେ ତାଳଚେର ଜନ ବିକାଶ କଲ୍ୟାଣ ସଙ୍ଘର ସଭାପତି ଭୂପେନ ଥମ୍ବ, ଦ୍ରୁମୁଦ କୁମାର ପ୍ରଧାନ, ଦୁଃଖବନ୍ଧୁ ଭୂତିଆ, ପୂର୍ବତନ ସରପଂଚ କମରେଇ ଜିତେନ୍ଦ୍ର ମହାପାତ୍ର ଏବଂ କଣିହାଁ ଅଂଚଳବାସୀ ଉପସ୍ଥିତ ଥିଲେ । ଏଥିସହିତ ଏହାର ଏକାକିତ ନକଲ କେନ୍ଦ୍ର ଶିକ୍ଷାମନ୍ତ୍ରୀ,ଢେଙ୍କାନାଳ ସାଂସଦ,ପାଲଲହଡ଼ା ବିଧାୟକ ଓ ତାଳଚେର ବିଧାୟକଙ୍କୁ ମଧ ପ୍ରଦାନ କରାଯାଇଛି।

## ଓଡିଶା ସାମ୍ବାଦିକ ୟୁନିୟନ ଅନୁବନ୍ଧିତ ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସାଧାରଣ ବୈଠକ ଓ ବନ୍ଧୁ ମିଳନ ଅନୁଷ୍ଠିତ

ଅନୁଗୋଳ,(ମହାଭାରତ):ଓଡିଶା ସାମ୍ବାଦିକ ୟୁନିୟନ ଅନୁବନ୍ଧିତ ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ଅଜିତ କୁମାର ଧରଙ୍କ ନେତୃତ୍ୱରେ ଏକ ସାଧାରଣ ପରିଷଦ ଓ ବନ୍ଧୁ ମିଳନ ଚଣ୍ଡିଖମଣ ଶିବ ମନ୍ଦିର ଆମ୍ବତୋଟା ଠାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ସଭାପତି ଙ୍କ ନେତୃତ୍ୱରେ ଗତ ତିନି ମାସର ଧାରା ବିବରଣୀ ସମ୍ପର୍କରେ କାର୍ଯ୍ୟକାରୀ ସଭାପତି ସୁଶାନ୍ତ ସାହୁ ସୂଚନା ପ୍ରଦାନ କରିଥିଲେ । ଆଗାମୀ ଦିନରେ ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଂଘ କିଭଳି ସୁଦୃଢ ହେବ ଓ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ଏବଂ ସାମ୍ବାଦିକ ବୀମା ଓ ସୁରକ୍ଷା ଆଇନ, ପେନସନ ବାବଦରେ ଆଲୋଚନା ହୋଇଥିଲା । ଆସନ୍ତା ଜୁନ ମାସରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ଏହି ଅବସରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିରେନ୍ଦ୍ର ପ୍ରଧାନ, ଆଠମଲ୍ଲିକ ବିନୟ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ଦିନେଶ ଦେହୁରୀ ମଞ୍ଚାସିନ ହେବା ସହ ଜିଲ୍ଲାର ବହୁ ସଦସ୍ୟ ଯୋଗ ଦେଇଥିଲେ । ପରିଶେଷରେ ସାଧାରଣ ସମ୍ପାଦକ ସ୍ୱାଧୀନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



## ବୃନ୍ଦାବାହାଲ ଶିଶୁ ବିଦ୍ୟା ମନ୍ଦିର ର ବାର୍ଷିକ ଉତ୍ସବ



ଗୋଲାମୁଣ୍ଡା (ମହାଭାରତ ):କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୃନ୍ଦାବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି ।ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଶ୍ରୀମାନ ବିନ୍ଦୁ ମହାନନ୍ଦ ଉପସ୍ଥିତ ଥିବାବେଳେ ସମ୍ମାନୀତ ଅତିଥି ଭାବରେ ସମାଜ ସେବୀ ଅଶୋକ ପଟ୍ଟଯୋଶୀ,ମୁଖ୍ୟ ବକ୍ତା ଭାବରେ କଳାହାଣ୍ଡି ବିଭାଗ ପ୍ରମୁଖ ଗରିବ ସୁନାନି , ବିଦ୍ୟାଳୟ ର ସଭାପତି ଶତ୍ରୁଘ୍ନ ନାଏକ , ବିଦ୍ୟାଳୟ ର ସଂପାଦକ ଶ୍ରୀଯୁକ୍ତ ତ୍ରିଲୋଚନ ନାୟକ, ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ରାଜୁ ନାଏକ, ପୂର୍ବତନ ସଂପାଦକ ତରଙ୍ଗ ଚଣ୍ଡି ପ୍ରମୂଖ ମଞ୍ଚାସୀନ ହୋଇଥିଲେ ।ସଂନ୍ଧ୍ୟା ୫:୩୦ ରେ ଦ୍ଵିପ ପ୍ରଜ୍ୱଳନ ପୁର୍ବକ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟ ରାଜୁ ନାଏକ ଅତିଥି ପରିଚୟ କରିଥିଲେ । ସମସ୍ତ ଅତିଥି ମାନେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଯୋଜନା ବିଷୟରେ ନିଜ ନିଜ ମତାମତ ଦେଇଥିଲେ । ବିଦ୍ୟାଳୟ ର ବରିଷ୍ଠ ଗୁରୁଜୀ ସୁଶାନ୍ତ ନାଏକ ମଞ୍ଚ ପରିଚାଳନା କରି ଥିବା ବେଳେ ବିଦ୍ୟାଳୟ ର ପରିଚାଳନା ସମିତି ଅଭିଭାବକ ଅଭିଭାବିକା ତଥା ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।ସଭା କାର୍ଯ୍ୟ ସମାପନ ପରେ ବିଦ୍ୟାଳୟ ର କୁନି କୁନି ଛାତ୍ରଛାତ୍ରୀମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ବିଦ୍ୟୁତକାଟ ପ୍ରତିବାଦରେ ଟିପିସିଓଡିଏଲ ଅଫିସ ଘେରାଉ

ବାଣପୁର : ( ମହାଭାରତ )ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଭେଟେଶ୍ୱର ପଞ୍ଚାୟତ ଅନ୍ତର୍ଗତ ସାନସିରେଇପୁର ଓ ତ୍ରିଲୋଚନପୁର ଗ୍ରାମବାସୀ ମାନେ ଆଜି ଆଙ୍କୁଲା ସ୍ଥିତ ବିଦ୍ୟୁତ ଅଫିସ ଘେରାଉ କରିଥିଲେ । ଉକ୍ତ ଦୁଇ ଗ୍ରାମରେ ପ୍ରାୟତଃ ରାତି ୯ ରୁ ସକାଳ ୬ ଘଟିକା ଯାଏଁ ବିଦ୍ୟୁତ କାଟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଏ ନେଇ ଟିପିସିଓଡିଏଲ ବାଲୁଗାଁ ଉପଖଣ୍ଡ ଅଧିକାରୀ ଟୁକୁନା ଦଳେଇଙ୍କୁ ପଚାରିବାରୁ ବାଣପୁର ବ୍ଲକର ଏକାଧିକ ଗ୍ରାମରେ ରାତିରେ ହାତୀ ମାନେ ଆସୁଥିବାର ଦେଖିବାକୁ ମିଳୁଛି। ତେଣୁ ହାତୀଙ୍କ ସୁରକ୍ଷା ନିମନ୍ତେ ଯେଉଁ ଅଞ୍ଚଳରେ ହାତୀ ଆସୁଛନ୍ତି ଉକ୍ତ ଗ୍ରାମରେ ରାତିରେ ବିଦ୍ୟୁତ କାଟ କରିବା ପାଇଁ ଖୋର୍ଦ୍ଧା ଡିଏଫଓ ନିର୍ଦ୍ଦେଶ ଦେଇଛନ୍ତି। ଡିଏଫଓ ଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟୁତକାଟ ହେଉଥିବା କହିଛନ୍ତି ଉପଖଣ୍ଡ ବିଦ୍ୟୁତ ଅଧିକାରୀ ଶ୍ରୀ ଦଳେଇୟତେବେ ଏ ନେଇ ଖୋର୍ଦ୍ଧା ଡିଏଫଓ ଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇପାରିନାହିଁ। ସମ୍ପ୍ରତି ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ଦୁଇ ଦୁଇ ଗ୍ରାମରେ ରାତିରେ ବିଦ୍ୟୁତ କାଟ କରିବା ଅତ୍ୟନ୍ତ ପରିତାପର ବିଷୟ ଏବଂ ହାତୀଙ୍କ ସୁରକ୍ଷା ପାଇଁ ସରକାର ଅନ୍ୟ ବିକଳ୍ପ ପନ୍ଥା ଗ୍ରହଣ କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।ଯଦି ଉକ୍ତ ସମସ୍ୟାର ଶୀଘ୍ର ସମାଧାନ ନ ହୁଏ ତେବେ ଉଭୟ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତ।

## ଆସିକା ବିଜୁପଟ୍ଟନାୟକ ଛକ ଜବରଦଖଲ ଉଚ୍ଛେଦ କେବେ ?

ଆସିକା(ମହାଭାରତ): ଗଞ୍ଜାମ ଜିଲ୍ଲାର ଗମନା ଗମନର ଏବଂ ବ୍ୟବସାୟିକ ମୁଖ୍ୟ ପେଣ୍ଠ ସ୍ଥଳୀ ହେଉଛି ଆସିକା ସହରଯ ଦୈନିକ ହଜାର ହଜାର ଜନସାଧାରଣ ବିଭିନ୍ନ କାର୍ଯ୍ୟରେ ଆସିକା ସହରକୁ ଆସିଥାନ୍ତି। ଏହା ଗଞ୍ଜାମ ଜିଲ୍ଲାର ସର୍ବପୁରାତନ ସହର ହୋଇଥିବା ଯୋଗୁଁ ଏହାର ନକ୍ସା ଅନ୍ୟ ସମସ୍ତ ସହର ଠାରୁ ସମ୍ପୂର୍ଣ ଭିନ୍ନ ଅଟେ ମୁଖ୍ୟତଃ ଆସିକା ସହରର ପ୍ରବେଶ କରୁଥିବା ଦୈନିକ ହଜାର ହଜାର ବସ ଟ୍ରକ ବିଜୁ ପଟ୍ଟନାୟକ ଛକ ଦେଇ ବସଷ୍ଟାଣ୍ଡ ଯିବାକୁ ଏକ ବିକଳ୍ପ ରାସ୍ତା ଅଟେ। କିନ୍ତୁ ଏହି ଛକର ଦୁଇ ପାର୍ଶ୍ୱରେ ଫୁଲ ଦୋକାନ, ଜଳଖିଆ ଦୋକାନ ଓ ଅନ୍ୟାନ୍ୟ କିଛି ଚା ପାନ ଦୋକାନ ଜବରଦଖଲ କରି ରଖିଥିବା ଯୋଗୁଁ ପ୍ରତିଦିନ ଟ୍ରାଫିକ ଜାମରେ ସ୍କୁଲ,କଲେଜ ଯାଉଥିବା ଛାତ୍ର ଛାତ୍ରୀ ଓ ବିଭିନ୍ନ କାର୍ଯ୍ୟାଳୟ କୁ ଯାଉଥିବା ଜନସାଧାରଣ ନାନା ଅସୁବିଧା ର ସମ୍ମୁଖୀନ ହୁଅନ୍ତି। ଏବଂ ପ୍ରତେକ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏହିଠାରେ ବିଭିନ୍ନ ସହରକୁ ଯାଉଥିବା ବସ ଯାତ୍ରୀ ମାନଙ୍କୁ ବସାଇବା ପାଇଁ ଦୀର୍ଘ ସମୟ ଧରି ଠିଆ ହୋଇ ରହିବା ଯୋଗୁଁ ଟ୍ରାଫିକ ସମସ୍ୟା ଉପୁଜୁଛି। ଏହି ପ୍ରମୁଖ ରାସ୍ତାରେ ଥିବା ଉଭୟ ପାର୍ଶ୍ୱରେ ଦୁଇ ଚକିଆ ଓ ଚାରି ଚକିଆଯାନ ରହିବା ସାଙ୍ଗକୁ ଜବରଦଖଲ ଯୋଗୁଁ ଅସମ୍ଭାଳ ଟ୍ରାଫିକ ସମସ୍ୟା ରେ ଅଞ୍ଚଳବାସୀ ନୟାନ୍ତ ହୋଇସାରଲେଣି। ପ୍ରକାଶ ଥାଉକି ଉକ୍ତ ବିଜୁ ପଟ୍ଟନାୟକ ଛକ ଦେଇ ନରସିଂହପଲ୍ଲୀ ଘାଟରୁ ଦୈନିକ ଶହ ଶହ ଟ୍ରିପ ହାଇୱା ଓ ଟିପର ଅନାୟାସ ରେ ଯାତାୟାତ କରୁଥିବାରୁ ଏକ ନିଶ୍ଚିତ ଦୁର୍ଘଟଣା କୁ ଅଡ଼େଇ ଦିଆଯାଇପାରିବନି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହଉଚି ।ବାରମ୍ବାର ଅଭିଯୋଗ ପରେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନକରିବା ଯୋଗୁଁ ଅଞ୍ଚଳ ବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଲାଣି।

## ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବାଣପୁର :( ମହାଭାରତ ) ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅନ୍ତର୍ଗତ ସାହସପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତା ୧୮.୦୨.୨୦୨୫ ରିଖ ମଙ୍ଗଳବାର ଦିନ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି ।ଏହି ସଭାରେ ସରପ□ କାର୍ତ୍ତିକ ବାରିକ ସଭାପତିତ୍ୱ ରେ ସଭାଆରମ୍ଭ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅମରେନ୍ଦ୍ର ରଣସିଂହ ବ୍ଲକ ଅଧକ୍ଷ, ମୁଖ୍ୟ ବକ୍ତା ଭାବେ ଅନନ୍ତ ଚରଣ ଖଟେଇ, ସମ୍ମାନୀତ ଅତିଥି ଭାବେ ପ୍ରମୋଦ କୁମାର ପାତ୍ରଉଜଉଉ , ବିଶ୍ୱନାଥ ନାୟକ, ବସନ୍ତ ମୁଦୁଲି, ମହେଶ୍ୱର ନାୟକ ୱାର୍ଡମେମ୍ବର, ଯୋଗ ଦେଇଥିଲେ । ସମସ୍ତ କାର୍ଯ୍ୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ପ୍ରଧାନ ଓ ସହକାରୀ ଶିକ୍ଷକ ସତ୍ୟନାରାୟଣ ପ୍ରଧାନ, ତ୍ରିନାଥ ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମାନସ ରଂଜନ ହୋତା, ସୁରଂଜିକା ବେହେରା, ସୁଭଲକ୍ଷ୍ମୀ କାଣ୍ଡି , ପ୍ରଜ୍ଞା ପାରମିତା ନାୟକ ଆଦି ସହଯୋଗ କରିଥିଲେୟ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



### ସଫଳତାରେ ଓ ବିଫଳତାରେ ଶିକ୍ଷକ ଉତ୍ତରଦାୟିତ୍ୱ ନିଅନ୍ତୁ

## ପିଲାଙ୍କୁ ନିପୁଣ ଶିକ୍ଷାର୍ଥୀ ଭାବେ ଗଢିବାକୁ ନେଲେ ସାମୁହିକ ଶପଥ

ଢେଙ୍କାନାଳ(ମହାଭାରତ) : ପ୍ରାରମ୍ଭିକ ଶିକ୍ଷଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପିଲାର ମସ୍ତିଷ୍କର ସିଂହଭାଗ ବିକାଶ ଏହି ସମୟରେ ହୋଇଥାଏ। ସେଥିଲାଗି ଜାତୀୟ ଶିକ୍ଷାନୀତି ୨୦୨୦ ରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଗୁରୁତ୍ୱ ଦେବାକୁ ଯାଇ ନିପୁଣ ଓଡିଶା ମିଶନ କାର୍ଯ୍ୟ କରୁଛ। ଏହି ମିଶନ ଅଧୀନରେ ଜିଲ୍ଲାସ୍ତରୀୟ ନିପୁଣ ମେଳା ଆଜି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ,ଢେଙ୍କାନାଳ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ବିନିତା ସେନାପତିଙ୍କ ଅଧ୍ୟକ୍ଷତାରେ

ଅନୁଷ୍ଠିତ ଉଦ୍ଘାଟନୀ ସଭାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କୁ ଚିହ୍ନିବାର ଆବଶ୍ୟକତା ଅଛି ବୋଲି କହିଥିଲେ। ନିଜ ପିଲା ଦିନର ଅନୁଭୂତି ଓ ବିଦ୍ୟାଳୟରେ ପାଠପଢାର ପ୍ରକ୍ରିୟା ସମ୍ବନ୍ଧରେ ବୁଝେଇବାକୁ ଯାଇ କହିଥିଲେ ଯେ ପିଲାଙ୍କୁ ବୁଝି ନପାରିଲେ ପଢ଼େଇ ହେବ ନାହିଁ। ଖୁବ ଆଦର,ଯତ୍ନ ଓ ସ୍ନେହ କଲେ ସେମାନେ ବ୍ୟବସ୍ଥା ସହ ଖକ୍ଷପଖୁଆଇ ପାରିବା।ୟ ନହେଁ ପିଲା ପଛେଇ ଯିବ ଓ ଆଗକୁ ବଢ଼ିପାରିବ ନାହିଁ। ସେଥିଲାଗି ଶିକ୍ଷକ ମାନଙ୍କୁ ଯତ୍ନବାନ ହେବାକୁ ପଡିବୟ ସ୍ୱତନ୍ତ୍ର ଅତିଥିଭାବେ ଜିଲ୍ଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଡଃ ସୁସନ୍ଧ୍ୟା ମହାନ୍ତି କହିଥିଲେ ଯେ ଶିଶୁ ମାନସ୍ଥକୁ ବୁଝି ଶିକ୍ଷକ୍ଷଦାନ କାର୍ଯ୍ୟକ୍ରମ ସ୍ଥିର କରାଯାଉ। ଶିକ୍ଷକ ପିଲାର ନିକଟତର ହୋଇ ଅନ୍ତରଙ୍ଗତକ୍ଷର ସହ ପାଠ ପଢାଉୟ ତେବେ ସେ ପିଲା ଓଠରେ ହସ ଫୁଟେଇପାରିବ। ପ୍ରଶିକ୍ଷଣ ପ୍ରତିଷ୍ଠାନ ର ଅଧକ୍ଷ ଲକ୍ଷ୍ମଣ କୁମାର ସାହୁ ସ୍ୱାଗତ ଭାଷଣ ଦେବା ପରିପ୍ରେକ୍ଷୀରେ ନିପୁଣ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ୍ଷଶାସ୍ତ୍ର ସଂଯୋଜିକା ଶୁଭଲକ୍ଷ୍ମୀ ସାହୁ ନିପୁଣ ଓଡିଶା ଶପଥ ପାଠ କରାଇଥିଲେ। ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ଅନୁଷ୍ଠାନର ଗୁରୁଛାତ୍ରୀମାନେ ମଙ୍ଗଳାଚରଣ ଗାନ,ପ୍ରାରମ୍ଭିକ ସଙ୍ଗୀତ ଗାନ ଓ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲ। ବାରିହକ୍ଷପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ, ଛାତ୍ରମାନେ ନିପୁଣ ଓଡିଶା ସଂଗୀତରେ ନୃତ୍ୟ ପରିବେଷଣ କରିଥିଲେ। ବରିଷ୍ଠ ପ୍ରଶିକ୍ଷିକା କଲ୍ୟାଣୀ ସାହୁ ଧନ୍ୟବାଦ ଦେ ଇଥିଲେ। ନିପୁଣ ମେଳା ଉପଲକ୍ଷେ ଅଭିନ ଶିକ୍ଷାଶାସ୍ତ୍ର




ଯଥା କଣ୍ଢେଇ ନାଚ,ଅଭିନୟ,ଆଲୋଚନା ମାଧ୍ୟମରେ ଏକ ପ୍ରଦର୍ଶନ ମୂଳକ ଶିକ୍ଷକ୍ଷଦାନ ଆୟୋଜନ କରାଯାଇଥିଲା। ଏଥିରେ ଡମାଳ ନୋଡାଲ ୟୁପି ସ୍କୁଲର ଛାତ୍ରୀ,ଛାତ୍ରମାନଙ୍କୁ ନେଇ ଶିକ୍ଷକ ପ୍ରବୀଣ କୁମାର ରାଉତ ଚିତ୍ତାକର୍ଷକ ଶିକ୍ଷଣ କାର୍ଯ୍ୟ ପରିଚାଳନା କରିଥିଲେ। ଦ୍ୱିତୀୟ ଷ୍ଟେସନରେ ଅଭିନ ଶିକ୍ଷଣ ସାମଗ୍ରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଜିଲ୍ଲା ର ୮୦ ଜଣ ଶିକ୍ଷୟିତ୍ରୀ,ଶିକ୍ଷକ ଓ ୨୫ ଜଣ ସି.ଆର.ସି.ସି.ଙ୍କ ଦ୍ୱାରା ୧୨୭ ଟି ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଷ୍ଟେସନ-୩ ରେ ସ୍ୱତନ୍ତ୍ର ଆଲୋଚନା ପ୍ରସଙ୍ଗରେ ଦଳଗତ ଆଲୋଚନା କରିଥିଲେ। ନିପୁଣ ଓଡିଶା କାର୍ଯ୍ୟକାରୀ କରିବାରେ ଥିବା ଆହ୍ୱାନ ଓ ସେଗୁଡିକର ମୁକାବିଲା ଶୀର୍ଷକରେ ଆଲୋଚନାରେ ଶିକ୍ଷୟିତ୍ରୀ,ଶିକ୍ଷକ, ସି.ଆର.ସି.ସି. ଅଭିଭାବିକା, ଅଭିଭାବକ,ଶିକ୍ଷା ପ୍ରଶାସକ ଓ ବେସରକାରୀ ସଂସ୍ଥା ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କର ସକାରାତ୍ମକ ମନୋବୃତ୍ତି,ବିଭିନ୍ନ ଅଂଶୀଦାରୀଙ୍କ ମଧ୍ୟରେ ସହଯୋଗିତା ଓ ସୁସମ୍ପର୍କ ଏବଂ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ରହିଲେ ଏହି ମିଶନ ସଫଳ ହେବବୋଲି ମତ ପ୍ରକାଶ ପାଇଥିଲା। ଡି.ଆଇ.ଇ.ଟି ଦ୍ୱାରା ପ୍ରସ୍ତୁତ ମଡେଲ ଶିଶୁବାଟିକାକୁ ଜିଲ୍ଲାପାଳ ଉଦଘାଟନ କରିଥିଲେ। ସେଥିରେ ଲିଟେରସି କୋଣ, ସଂଖ୍ୟାଜ୍ଞାନ କୋଣ, ଖେଳନା କୋଣ,ବାଲୁକା କୋଣ,ପିସ କୋଣ, ଆକ୍ଟିଭିଟି କୋଣ ଆଦି ରହିଥିବା ବେଳେ ଶିଶୁ ଉପଯୋଗୀ ବିଲଡିଂ ବ୍ଲକ୍, ଅବକସ ,ସାପ ସିଡ଼ି,ବିଭିନ୍ନ ଗପ କାର୍ଡ ଓ ମୁଖା ଆଦି ରହିଛି। ଅତିଥିମାନେ ଶିଶୁବାଟିକାକୁ ଦେଖି ସନ୍ତୋଷ ପ୍ରକାଶ କରିବା ସହ ପ୍ରତି ବିଦ୍ୟାଳୟରେ ଏହିପରି ଶିଶୁବାଟିକାକୁ ଉତ୍ସାହିତ କରାଯିବ ବୋଲି କହିଥିଲେ। ମତାମତରେ ନିପୁଣ ଓଡିଶା ମିଶନକୁ ନେଇ ଅତିଥି,ଅଂଶଗ୍ରହଣକାରୀ ବୃନ୍ଦ ନିଜର ଉପଲବ୍ଧି କୁ ଲେଖିଥିଲେ। ଅପରାହ୍ନରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ୍ଷବିତ୍ ସୁସନ୍ଧ୍ୟା ମହାନ୍ତି,ଅବସର ପ୍ରାପ୍ତ ଶିକ୍ଷକ ରବୀନ କୁମାର ଶତପଥି,ବରିଷ୍ଠ ପ୍ରଶିକ୍ଷକ ସ୍ନେହଲତା ରାଜ,ସୌମ୍ୟ ପଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ଅନ୍ୟତମ ପ୍ରଶିକ୍ଷିକା ପ୍ରତିଭା ଦଳେଇ ଧନ୍ୟବାଦ ଦେଇଥିବା ବେଳେ ଉଭୟ ଉଦ୍ଘାଟନୀ ଓ ଉଦଯାପନୀ ସଭାକୁ ରସା ସିଂହ ୟୁପି ସ୍କୁଲର ଶିକ୍ଷକ ଚନ୍ଦନ କୁମାର ନାଏକ ସଂଯୋଜନା କରିଥିଲେ। ଆଜିର ଏହି ମେଳାକୁ ପ୍ରତିଷ୍ଠାନର ଗୁରୁଛାତ୍ରୀ,ଛାତ୍ରମାନେ ସହଯୋଗ କରିଥିଲେ। ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ରାଜ୍ୟ ପୁରସ୍କାର ପ୍ରାପ୍ତ ଢେଙ୍କାନାଳ ଜିଲ୍ଲା ସଂଯୋଜକ ଡ଼ା.ଦେବୀ ପ୍ରସାଦ ମିଶ୍ର ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ନିମନ୍ତ୍ରିତ ପର୍ଯ୍ୟବେକ୍ଷକ ଭାବରେ ଯୋଗଦାନକରି କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ନିର୍ବାହ କରିବା ସହିତ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ।

# ସପ୍ତଗ୍ରହ ଦୃଶ୍ୟମାନ ସହ ସମାପନ ହେବ ମହାକୁମ୍ଭ



**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):** ଆଉ ଦିନ କେଇଟା ପରେ ସରିବାକୁ ଯାଉଛି ମହାକୁମ୍ଭ । ଭକ୍ତିର ଶକ୍ତି ବଳରେ କୋଟି କୋଟି ଲୋକ ବୁଡ ପକାଇବାକୁ ଧାଇଁ ଆସିଛନ୍ତି ପ୍ରୟାଗରାଜ ସ୍ଥିତ ତ୍ରିବେଣୀ ସଙ୍ଗମ ଘାଟକୁ। ତେବେ ମହାକୁମ୍ଭ ସମାପନ ଦିନ ସମଗ୍ର ପୃଥିବୀରେ ଏକ ବିରଳ ଘଟଣା ଘଟିବାକୁ ଯାଉଛି । ଯାହା ଆପଣଙ୍କୁ ତାଜୁବ କରିବ ନିଶ୍ଚିନ୍ତ। ଖବର ମୁତାବକ ସୌରମଣ୍ଡଳର ସମସ୍ତ ସାତଟି ଗ୍ରହ ସେଦିନ ଭାରତରୁ ଦୃଶ୍ୟମାନ ହେବେ ବୋଲି ସୂଚନା ରହିଛି। ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ ଯେ ଏହି ଦିନ ବୁଧ, ମଙ୍ଗଳ, ଶୁକ୍ର, ବୃହସ୍ପତି, ଶନି, ୟୁରାନ୍ସ ଓ ନେପଚୁନ ଭଳି ସୌରମଣ୍ଡଳର ସମସ୍ତ ସାତଟି ଗ୍ରହ ଭାରତ ଆକାଶରେ ସିଧାସଳଖ ଦୃଷ୍ଟିଗୋଚର ହେବେ । ଏହି ମହାଜାଗତିକ ଦୃଶ୍ୟ କୁମ୍ଭ ମେଳାକୁ ଆହୁରି ପବିତ୍ର କରିବାକୁ ଯାଉଛି । କାରଣ ଏହି ମାହାଜାଗତିକ ଘଟଣା ଆଧାତ୍ମିକ ଶକ୍ତିକୁ ବୃଦ୍ଧି କରିବ ବୋଲି ସାଧାରଣରେ ବିଶ୍ୱାସ ରହିଛି । ୨୦୨୫ ମସିହା ଜାନୁଆରୀ ମାସରେ ଏହି ମହାଜାଗତିକ ଘଟଣାର ଆରମ୍ଭ ହୋଇଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଶୁକ୍ର, ମଙ୍ଗଳ, ବୃହସ୍ପତି, ଶନି, ୟୁରାନ୍ସ ଓ ନେପଚୁନ ଭଳି ଗ୍ରହ ଏକ ଲାଇନରେ ଭାରତ ଆକାଶରେ ଦେଖାଦେବା ଆରମ୍ଭ କରିଥିଲେ । ତେବେ କୁମ୍ଭ ମେଳାର ଶେଷରେ ବୁଧ ଗ୍ରହ ମଧ୍ୟ ଏହି ମହାଜାଗତିକ ଦୃଶ୍ୟରେ ଦୃଷ୍ଟିଗୋଚର ହେବ । ଏହି ବିରଳ ମହାଜାଗତିକ ଦୃଶ୍ୟ ଫେବୃଆରୀ ୨୮ ତାରିଖରେ ସଂଗଠିତ ହେବାକୁ ଯାଉଛି । ଏହିଦିନ ସମସ୍ତ ସାତଟି ଗ୍ରହ ସୂର୍ଯ୍ୟ ସହ ସମାନ୍ତରାଳ ଭାବେ ଗତି କରିବ। ଏହି ବିରଳ ମହାଜାଗତିକ ଦୃଶ୍ୟ ପଟର କୌଣସି ଠୋସ ବୈଜ୍ଞାନିକ ପ୍ରମାଣ ନାହିଁ । ତେବେ ଏହାକୁ ରାତିରେ ସଫା ଆକାଶରେ ସିଧାସଳଖ ଦେଖିହୁଏ । ସୂର୍ଯ୍ୟ ସହ ସମାନ୍ତରଳ ଭାବେ ସାତଟି ଗ୍ରହ ଏକା ସହ ଗତି କରିବା କ୍ୱଚିତ ପରିଲକ୍ଷିତ ହୋଇଥାଏ । କାରଣ ପ୍ରା. ସମସ୍ତ ଗ୍ରହ ମାନଙ୍କର କକ୍ଷପଥ ସୂର୍ଯ୍ୟଙ୍କ ଅକ୍ଷପଥରେ ସମାନ୍ତରଳ ଭାବେ ଗତି କରିଥାଏ । ଏହି ମହାଜାଗତିକ ଦୃଶ୍ୟକୁ ଉପଭୋଗ କରିବାକୁ ଚାହୁଁଥିବା ଲୋକମାନେ ବିନା କୌଣସି ଯନ୍ତ୍ର ସାହାଯ୍ୟରେ ଖାଲି ଆଖିରେ ବୁଧ, ମଙ୍ଗଳ, ଶୁକ୍ର, ବୃହସ୍ପତି, ଶନି ଭଳି ପାଞ୍ଚଟି ଗ୍ରହକୁ ଦେଖିପାରିବେ । ତେବେ ୟୁରାନ୍ସ ଓ ନେପଚୁନ ଗ୍ରହକୁ ଦେଖିବା ପାଇଁ ଦୂରବିକ୍ଷଣ ଯନ୍ତ୍ରର ଆବଶ୍ୟକତା ରହିଛି। କାରଣ ଏହି ଦୁଇଟି ଗ୍ରହ ଆକାରରେ ଛୋଟ ହୋଇଥିବା ବେଳେ ସୌରମଣ୍ଡଳରେ ସବୁଠୁ ଦୂରରେ ରହିଛନ୍ତି । ତେବେ ସୂର୍ଯ୍ୟୋଦୟ ପୂର୍ବରୁ କିମ୍ବା ସୂର୍ଯ୍ୟାସ୍ତ ପରେ ଏହି ଦୃଶ୍ୟକୁ ଉପଭୋଗ କରିବାପାଇଁ ସବୁଠୁ ଭଲ ସମୟ ବୋଲି ବୈଜ୍ଞାନିକ ମତ ଦେଇଛନ୍ତି ।

# ଏକନାଥ ଶିନ୍ଦେଙ୍କୁ ହତ୍ୟା ଧମକ

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):** ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କୁ ହତ୍ୟା ଧମକ । ମୁମ୍ବାଇର ଗୋରେଗାଓଁ ପୋଲିସକୁ ଜଣେ ଅଜଣା ବ୍ୟକ୍ତିଙ୍କ ଠାରୁ ଏକ ଇମେଲ ମିଳିଥିଲା, ଯେଉଁଥିରେ ଶିବସେନା ମୁଖ୍ୟଙ୍କ କାରକୁ ବୋମା ମାଡ଼ କରିବାକୁ ଧମକ ଦିଆଯାଇଥିଲା। ଧମକପୂର୍ଣ୍ଣ ଇମେଲ ଗୋରେଗାଓଁ ଏବଂ ଜେଜେ ମାର୍ଗ ପୋଲିସ ଷ୍ଟେଶନ ଏବଂ ମନ୍ତ୍ରଣାଳୟକୁ ପଠାଯାଇଥିଲା। ଇମେଲ ପାଇବା ପରେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ସତର୍କ ହୋଇ ଯାଇଛନ୍ତିୟ କ୍ରାଇମବ୍ରାଞ୍ଚ ସମେତ ସମସ୍ତ ଏଜେନ୍ସି ତଦନ୍ତରେ ନିୟୋଜିତ ଅଛନ୍ତି । ଧମକ ପରେ, ମୁମ୍ବାଇ ପୋଲିସ ଏବଂ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛନ୍ତି । ଅଧିକାରୀମାନେ ଧମକ ପଠାଇବା ପାଇଁ ବ୍ୟବହୃତ ଇମେଲ ଆଇଡିର ଓଚ ଠିକଣାକୁ ଟ୍ରେସ କରୁଛନ୍ତି। ସେପଟେ ଶିନ୍ଦେଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ଏବଂ ଅଧିକାରୀମାନେ ଏହି ମାମଲାକୁ ଗମ୍ଭୀରତାର ସହ ନେଉଛନ୍ତି । ସୂଚନାଯୋଗ୍ୟ, ଗତ କିଛି ଦିନ ମଧ୍ୟରେ ରାଜନୈତିକ ନେତାମାନଙ୍କୁ ଧମକପୂର୍ଣ୍ଣ କଲ ଏବଂ ଇମେଲ ମିଳିବା ଘଟଣା ସାମ୍ନାକୁ ଆସିଛି । ଏହା ପୂର୍ବରୁ, ଜାନୁଆରୀ ୨୦୨୫ରେ, ହିତେଶ ପ୍ରକାଶ ଧେଣ୍ଡେ ନାମକ ଜଣେ ୨୪ ବର୍ଷୀୟ ଯୁବକ ସୋସିଆଲ ମିଡିଆରେ ଏକନାଥ ଶିନ୍ଦେଙ୍କୁ ହତ୍ୟା ଧମକ ଦେଇଥିଲେ । ଏହି ଘଟଣା ପରେ, ଥାଣେର ଶ୍ରୀନଗର ପୋଲିସ ଷ୍ଟେଶନରେ ଏକ ମାମଲା ରୁଜୁ କରାଯାଇଥିଲା ଯେଉଁଥିରେ ପୋଲିସ ଅଭିଯୁକ୍ତଙ୍କୁ ଖୋଜିବା ଆରମ୍ଭ କରିଥିଲା । ଏହି ମାମଲାରେ, ଥାନେ ଡିସିପି ପ୍ରଶାନ୍ତ କଦମ କହିଛନ୍ତି, 'ଅଭିଯୁକ୍ତ ଜଣକ ତାଙ୍କ ବନ୍ଧୁଙ୍କ ମୋବାଇଲ ଫୋନ ବ୍ୟବହାର କରି ଇନଷ୍ଟାଗ୍ରାମରେ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ବିରୋଧରେ ଏକ ଧମକପୂର୍ଣ୍ଣ ଭିଡିଓ ପୋଷ୍ଟ କରିଥିଲେ ।' ଏହାକୁ ନେଇ ଶ୍ରୀନଗରରେ ଏକ ଏଫଆଇଆର ପଞ୍ଜିକୃତ ହୋଇଛି।

# କିଶୋରଙ୍କ ପ୍ରେମକୁ ଦଣ୍ଡ ଦେବା ପରିବର୍ତ୍ତେ ସ୍ୱୀକୃତି ଦେବା ଉଚିତ୍

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):** କିଶୋରମାନଙ୍କ ମଧ୍ୟରେ ପ୍ରେମ ସ୍ୱାଭାବିକ । ପ୍ରେମକୁ ଦଣ୍ଡ ଦେବା ପରିବର୍ତ୍ତେ ସ୍ୱାଧୀନ ହେବା ଉଚିତ୍ । କିଶୋରମାନଙ୍କୁ ଅପରାଧୀକରଣର ଭୟ ବିନା ନିଜ ଭାବନା ପ୍ରକାଶ କରିବାକୁ ଦିଆଯାଉ । କିଶୋର ପ୍ରେମକୁ ସ୍ୱୀକାର କରିବାକୁ ଆଇନ ବିକଶିତ ହେବା ଉଚିତ ବୋଲି କହିଲେ ଦିଲ୍ଲୀ ହାଇକୋର୍ଟ । କିଶୋର ପ୍ରେମ ସହ ଜଡ଼ିତ ଅପରାଧିକ ମାମଲାରେ ଦିଲ୍ଲୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ଜଷ୍ଟିସ୍ ଜସମିତ ସିଂହ ଗୁରୁତ୍ୱାରୋପ କରି କହିଥିଲେ ଯେ, କିଶୋରମାନଙ୍କ ମଧ୍ୟରେ ପ୍ରେମ ସ୍ୱାଭାବିକ । ତେଣୁ ଏହାକୁ ଦଣ୍ଡ ଦେବା ପରିବର୍ତ୍ତେ, ସମ୍ମାନ ଏବଂ ସହମତିରେ ଗଠିତ ସମ୍ପର୍କକୁ ସ୍ୱୀକୃତି ଦିଆଯିବା ଉଚିତ୍ । ସେ କହିଥିଲେ ଯେ, କିଶୋରମାନଙ୍କୁ ଅପରାଧୀକରଣର ଭୟ ବିନା ନିଜର ଭାବନା ପ୍ରକାଶ କରିବାକୁ ଏବଂ ସମ୍ପର୍କ ଗଠନ କରିବାକୁ ଅନୁମତି ଦିଆଯିବା ଉଚିତ୍ । ଦିଲ୍ଲୀ ହାଇକୋର୍ଟ ଏକ ମାମଲାର ବିଚାର କରିବା ବେଳେ କହିଛନ୍ତି ଯେ, କିଶୋରମାନଙ୍କର ଦୁଷ୍କର୍ମ ଆଇନର ଭୟ ବିନା ସହମତିକ୍ରମେ ପ୍ରେମ ସମ୍ପର୍କରେ ଲିପ୍ତ ହେବାର ସ୍ୱାଧୀନତା ରହିବା ଉଚିତ୍ । କେହି ଯଦି ୧୮ ବର୍ଷରୁ କମ୍ ବୟସର ହୋଇଥାନ୍ତି, ତେବେ ଏଭଳି ସମ୍ପର୍କକୁ ଆଇନ ଅପରାଧ ବୋଲି ବିବେଚନା କରେ । ଜଷ୍ଟିସ ଜସମିତ୍ ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେଷ କିଶୋର ବୟସରେ ସହମତିକ୍ରମେ ଯୌନ ସମ୍ପର୍କ ରଖିବାକୁ ମଧ୍ୟ ଯୌନ ଅପରାଧରୁ ଶିଶୁ ସୁରକ୍ଷା ଆଇନ, ୨୦୧୨ (ପୋକ୍ସୋ ଆକ୍ଟ) ଅଧୀନରେ ଅପରାଧ ଘୋଷଣା କରାଯାଇଛି । କିଶୋର ପ୍ରେମକୁ ସ୍ୱୀକାର କରିବା ପାଇଁ ଆଇନ ବିକଶିତ ହେବା ଉଚିତ ବୋଲି ବିଚାରପତି ମତ ଦେଇଛନ୍ତି ।

# ଆଗାମୀ ୨ ବର୍ଷରେ ଯେଉଁଠି ଯେଉଁଠି ନିର୍ବାଚନ ହେବ, ସେଠାରେ ବିରୋଧୀଙ୍କୁ ପରାସ୍ତ କରିବୁ

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):** ଦୀର୍ଘ ୨୭ ବର୍ଷ ପରେ ଦିଲ୍ଲୀରେ କ୍ଷମତାକୁ ଫେରିଛି ବିଜେପ । ଗୁରୁବାର ନୂତନ ସରକାରଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ ବିଜେପିର ବହୁ ବରିଷ୍ଠ ନେତା ଏବଂ ଏନଡିଏ ଶାସିତ ରାଜ୍ୟ ଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ମାନେ ଉପସ୍ଥିତ ଥିଲେ । ଶପଥ ଗ୍ରହଣ ଉତ୍ସବ ପରେ, ପ୍ରଧାନମନ୍ତ୍ରୀ ମୋଦୀ ଏନଡିଏ ନେତା ମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ । ଏହି ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଆଗାମୀ ୨ ବର୍ଷ ମଧ୍ୟରେ, ଯେଉଁଠି ଯେଉଁଠି ନିର୍ବାଚନ ହେବ, NDA ବିରୋଧୀଙ୍କୁ ପରାସ୍ତ କରିବ ।ସୂଚନା ଅନୁଯାୟୀ, NDA ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, NDA ଏକଜୁଟ ଅଛି ଏବଂ ଆମେ ସମସ୍ତେ ଏକ ବିକଶିତ ଭାରତ ପାଇଁ କାମ କରିବୁ ଏବଂ ଏକାଠି ଏହି ଲକ୍ଷ୍ୟ ହାସଲ କରିବୁ । ସୂଚନା ଅନୁଯାୟୀ, ବୈଠକରେ NDA ନେତା ମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କହିଥିଲେ ଯେ ମହାରାଷ୍ଟ୍ର ଏବଂ ଦିଲ୍ଲୀ ପରି, NDA ପ୍ରତ୍ୟେକ ନିର୍ବାଚନରେ ଜିତିବ। ତେବେ ୨୦୨୫ ମସିହା ଶେଷ ସୁଦ୍ଧା ବିହାରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ୨୦୨୬ ମସିହାରେ ଆସାମ, କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ, ପୁଡୁଚେରୀରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଏହା ପରେ, ୨୦୨୭ ମସିହାରେ ଗୋଆ, ମଣିପୁର, ପଞ୍ଜାବ, ଉତ୍ତରାଖଣ୍ଡ, ଗୁଜରାଟ, ହିମାଚଳ ପ୍ରଦେଶ ଏବଂ ଉତ୍ତର ପ୍ରଦେଶରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ।

# ବେଲୁଚିସ୍ତାନରେ ୭ ଜଣ ବସ୍ ଯାତ୍ରୀଙ୍କୁ ଗୁଳି କରି ହତ୍ୟା

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):** ପାକିସ୍ତାନର ଅଶାନ୍ତ ବେଲୁଚିସ୍ତାନ ପ୍ରଦେଶରେ କିଛି ଅଜଣା ବନ୍ଧୁକଧାରୀ ଏକ ବସ୍ ଉପରେ ଆକ୍ରମଣ କରିଛନ୍ତି । ଏଥିରେ ଥିବା ୭ ଜଣ ଯାତ୍ରୀଙ୍କୁ ଗୁଳି କରି ହତ୍ୟା କରିଛନ୍ତି । ଅଧିକାରୀ ମାନେ କହିଛନ୍ତି ଯେ ବନ୍ଧୁକଧାରୀ ମାନେ ପ୍ରାନ୍ତୀୟ ରାଜଧାନୀ କ୍ୱେଟାରୁ ପଞ୍ଜାବ ପ୍ରଦେଶକୁ ଯାଉଥିବା ଏହି ଯାତ୍ରୀବାହୀ ବସ୍ ଉପରେ ବାରଖାନ ଠାରେ ଆକ୍ରମଣ କରିଥିଲେ । ପୋଲିସର ସୂଚନା ଅନୁଯାୟୀ, ବନ୍ଧୁକଧାରୀ ମାନେ ଜାତୀୟ ରାଜପଥରେ ବ୍ୟାରିକେଡ୍ ଲଗାଇ ବସ୍କୁ ଅଟକାଇଥିଲେ, ଯାତ୍ରୀଙ୍କ ପରିଚୟପତ୍ର ଯାଞ୍ଚ କରିଥିଲେ ଏବଂ ୭ ଜଣଙ୍କୁ ବଳପୂର୍ବକ ନିକଟସ୍ଥ ଏକ ପାହାଡ଼କୁ ନେଇଯାଇଥିଲେ । ଯାହା ପରେ ଗୁଳି ଫୁଟିବାର ଶବ୍ଦ ଶୁଣିବାକୁ ମିଳିଥିଲା । ଏହି ଖବରକୁ ବାରଖାନ ଡେପୁଟି ପୋଲିସ କମିଶନର ଓ୍ୱାକାର ଖୁର୍ସିଦ ଆଲମ ନିଶ୍ଚିତ କରିଛନ୍ତି । ସେ କହିଛନ୍ତି ଯେ, ବସ୍ରେ ଯାତ୍ରା କରୁଥିବା ସାତ ଜଣ ଲୋକ ସମସ୍ତେ ପଞ୍ଜାବ ପ୍ରଦେଶର ବାସିନ୍ଦା ଥିଲେ ଏବଂ ଲାହୋର ଯାଉଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ସୁରକ୍ଷା ବାହିନୀ ଅଞ୍ଚଳରେ ପହଞ୍ଚି ହତ୍ୟାକାରୀ ମାନଙ୍କୁ ଧରିବା ପାଇଁ ତଲାସୀ ଅଭିଯାନ ଆରମ୍ଭ କରିଛି । ଏହି ଆକ୍ରମଣ ପାଇଁ ଏପର୍ଯ୍ୟନ୍ତ କୌଣସି ଗୋଷ୍ଠୀ ନିଜକୁ ଦାୟୀ କରିନାହାନ୍ତି । କିନ୍ତୁ ଜାତୀୟ ବାଲୁଚ୍ ଆତଙ୍କବାଦୀ ଗୋଷ୍ଠୀ ଗୁଡ଼ିକ ନିୟମିତ ଭାବରେ ପଡ଼ୋଶୀ ପଞ୍ଜାବର ଲୋକଙ୍କ ଉପରେ ଆକ୍ରମଣ କରନ୍ତି । ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ସରଫରାଜ ବୁଗତି ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି ଏବଂ ଅପରାଧୀଙ୍କୁ କଠୋର ଦଣ୍ଡ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜର୍ଦ୍ଦାରୀ ଏବଂ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ମଧ୍ୟ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି । ଜରଦାରୀ କହିଛନ୍ତି ଯେ, ନିର୍ଦ୍ଦୋଷ ଲୋକଙ୍କୁ ହତ୍ୟା କରିବା ଏକ କାପୁରୁଷ ଏବଂ ଘୃଣ୍ୟ କାର୍ଯ୍ୟ ।

# ମହାକୁମ୍ଭ ମେଳାର ସମୟ ଅବଧି ବୃଦ୍ଧିକୁ ନେଇ ପ୍ରଶାସନର ସ୍ପଷ୍ଟୀକରଣ

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):** ମହାକୁମ୍ଭ ପୂର୍ବରୁ ଓ ଆରମ୍ଭ ହେବା ଦିନ ଠାରୁ ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାର ଗୁଜବ ଖବର ସାମ୍ନାକୁ ଆସିଛି । ଏହାଉପରେ ଧ୍ୟାନ ନଦେବାକୁ ପ୍ରଶାସନ କ୍ରମାଗତ ଭାବେ ସଚେତନ କରି ଆସୁଛି । ନିକଟରେ ସୋସିଆଲ ମିଡିଆରେ ଏକ ଫଟୋ ଭାଇରାଲ ହୋଇଥିଲା । ଯେଉଁଥିରେ ଦାବି କରାଯାଇଥିଲା କି, 'ଯେଉଁଲୋକମାନେ ପ୍ରୟାଗରାଜରେ ପହଞ୍ଚି ପାରି ନାହାନ୍ତି ବା ପାରୁ ନାହାନ୍ତି ସେମାନେ ଡିଜିଟାଲ ଗଙ୍ଗା ସ୍ନାନ କରି ପାରିବେ । ଏଥିପାଇଁ ଶ୍ରଦ୍ଧାଳୁ ୫୦୦ଟଙ୍କା ପଠାଇ ନିଜର ଫଟୋ ଓ ହ୍ୱାଟସଆପ କରିବାକୁ ହେବ । ଯାହାର ପ୍ରିଣ୍ଟ ବାହାର କରାଯାଇ ଗଙ୍ଗାରେ ଭସାଇ ଦିଆଯିବ । ଗଙ୍ଗାରେ ଯେଉଁ ଲୋକଙ୍କ ନାମ ଥିବା ପ୍ରିଣ୍ଟ



ଭସାଯିବ ଉକ୍ତ ଲୋକଙ୍କୁ ପୁର୍ଣ୍ୟ ମିଳିଯିବ ।' ଏହି କ୍ରମରେ ପ୍ରୟାଗରାଜ ମହାକୁମ୍ଭରେ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର, ଏବଂ ଜିଲ୍ଲା ପ୍ରଶାସନ ମହାକୁମ୍ଭ ମେଳାକୁ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ବୋଲି ଖବର ପ୍ରଚାର ହେଉଛି । ମହାକୁମ୍ଭ ମେଳାର ଅବଧି ବୃଦ୍ଧକୁ ନେଇ ଶ୍ରଦ୍ଧାଳୁ ଦ୍ୱନ୍ଦ୍ୱରେ ପଡ଼ି ଯାଇଛନ୍ତି । ଏହି ପ୍ରସଙ୍ଗରେ ପ୍ରୟାଗରାଜର ଡିଏମ୍ ରବିନ୍ଦ୍ର ମାନ୍ଦଡ଼ ଏପରି ଗୁଜବକୁ ସମ୍ପୂର୍ଣ୍ଣ ଭାବରେ ଖଣ୍ଡନ କରିଛନ୍ତି । ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଏହା ସମ୍ପୂର୍ଣ୍ଣ ଭାବରେ ଏକ ଗୁଜବ ଖବର । ମହାକୁମ୍ଭମେଳାର କାର୍ଯ୍ୟସୂଚୀ ଶୁଭ ସମୟ ଅନୁସାରେ ପ୍ରକାଶିତ ହୁଏ ଏବଂ ଏହାକୁ ପୂର୍ବରୁ ହିଁ ସ୍ଥିର କରାଯାଏ । ମହାକୁମ୍ଭ ୨୬ ଫେବୃଆରି ଦିନ ନିର୍ଦ୍ଧାରିତ ତାରିଖରେ ସମାପ୍ତ ହେବ । ସେପର୍ଯ୍ୟନ୍ତ ମହାକୁମ୍ଭକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପ୍ରତି ପ୍ରଶାସନ ଯତ୍ନଶୀଳ ରହିଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଭକ୍ତଙ୍କ ସୁବିଧା ଏବଂ ବ୍ୟବସ୍ଥା ପ୍ରତି ପୂର୍ଣ୍ଣ ଧ୍ୟାନ ଦିଆଯାଉଛି । ମେଳାର ତାରିଖ ବୃଦ୍ଧି କରିବା ପାଇଁ ସରକାର ଏବଂ ପ୍ରଶାସନ ପକ୍ଷରୁ କୌଣସି ପ୍ରସ୍ତାବ ନଥିବାରୁ ସେ ଭକ୍ତମାନଙ୍କୁ କୌଣସି ପ୍ରକାରର ଗୁଜବ ଉପରେ ଧ୍ୟାନ ନଦେବାକୁ ନିବେଦନ । କୁମ୍ଭମେଳାର ବାକି ଥିବା ଦିନଗୁଡ଼ିକ ପାଇଁ ଶ୍ରଦ୍ଧାଳୁଙ୍କ ସ୍ନାନ ପାଇଁ ବ୍ୟବସ୍ଥା ଜାରି ରହିଛି ।

# ସାମସଙ୍ଗ ଦ୍ୱାରା "ଗାଲାକ୍ସି ଏମ୍‌ପାୱାରଡ଼"ର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):** ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, "ଗାଲାକ୍ସି ଏମପାୱାରଡ଼"ବା "ଗାଲାକ୍ସି ସଶକ୍ତିକରଣ"ଶୁଭାରମ୍ଭର ଘୋଷଣା କରିଛି ଯାହାକି ଗୋଷ୍ଠୀ ପରିଚାଳିତ ଏଭଳି ମାତ୍ର ଗୋଟିଏ କାର୍ଯ୍ୟକ୍ରମ ଭାରତରେ ଶିକ୍ଷାର ପରିବର୍ତନ ପାଇଁ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟରତ ଶିକ୍ଷକ, ଅଧ୍ୟକ୍ଷ, ପ୍ରଶାସକ ଇତ୍ୟାଦି ମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଛି।

ଏଭଳି ଏକ ଅଭିନବ ପଦକ୍ଷେପ କିମ୍ବଦନ୍ତୀ ବନ୍ଧୁକ ଚାଳକ ତଥା ୨୦୦୮ ଅଲିମ୍ପିକ କ୍ରିଡ଼ାର ବନ୍ଧୁକ ଚାଳନାରେ ସ୍ୱର୍ଣ୍ଣପଦକ ବିଜେତା ଅଭିନବ ବିନ୍ଦ୍ରାଙ୍କ ଉପସ୍ଥିତିରେ ଶୁଭାରମ୍ଭ ହୋଇଛି ଯାହାର ଲକ୍ଷ୍ୟ ଏକ ନବୀନତମ ସାଂସ୍କୃତିକୀର ପ୍ରତିଷ୍ଠା ସହିତ ଶିକ୍ଷା କ୍ଷେତ୍ରରେ ସୃଜନଶୀଳତାକୁ ପ୍ରେରଣା ପ୍ରଦାନ ତଥା ଶିକ୍ଷା ଦାନ ପ୍ରଣାଳୀ ଗୁଡ଼ିକ ମଧ୍ୟରେ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟନ। "ଗାଲାକ୍ସି ଏମପାୱାରଡ଼" ସହିତ ସୁବିଧା କେବଳ ଶିକ୍ଷାବିତଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ଏହା ମଧ୍ୟ ବିଦ୍ୟାଳୟ ଗୁଡ଼ିକୁ ଶିକ୍ଷା ନବୀକରଣରେ ନେତୃତ୍ୱ ନେବା ପାଇଁ ସମର୍ଥନ ପ୍ରଦାନ କରିଥାଏ। ଶିକ୍ଷଣୀୟ କୌଶଳ ଗୁଡ଼ିକୁ ବୃଦ୍ଧି କରିବା ସହିତ ଏକ ପ୍ରଯୁକ୍ତିବିଦ୍ୟା ପରିଚାଳିତ ଶିକ୍ଷା ବ୍ୟବସ୍ଥାର ପରିବେଶ ସୃଷ୍ଟି ଦ୍ୱାରା ବିଦ୍ୟାଳୟ ଗୁଡ଼ିକ ଅଭିଭାବକ ମାନଙ୍କୁ ଶିକ୍ଷା ଅନୁଷ୍ଠାନ ପ୍ରତି ଆକୃଷ୍ଟ କରିବା ସହିତ, ଗୋଷ୍ଠୀ ଗୁଡ଼ିକରେ ବିଦ୍ୟାଳୟ ନିଜର ପ୍ରତିଷ୍ଠାକୁ ବୃଦ୍ଧି କରିପାରିବ। ଅତିରିକ୍ତ ଭାବରେ ଏହି "ଗାଲାକ୍ସି ଏମପାୱାରଡ଼" କାର୍ଯ୍ୟକ୍ରମ ଉଭୟ ଶିକ୍ଷକ ଏବଂ ବିଦ୍ୟାଳୟ ଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ମାଗଣା ଅଟେ ଯାହାକି ଶିକ୍ଷାର ଆଧୁନିକ ଦିଗକୁ ବିନା କୌଣସି ଆର୍ଥିକ ପ୍ରତିବନ୍ଧକକୁ ନେଇ ଏହି ମୂଲ୍ୟବାନ ଉତ୍ସକୁ ସୁନିଶ୍ଚିତ କରିଥାଏ। "ଗାଲାକ୍ସି ଏମପାୱାରଡ଼" ସହିତ ଆମେ ଶିକ୍ଷକ ମାନଙ୍କୁ ବିଦ୍ୟାର୍ଥି ମାନଙ୍କୁ ଏଥିରେ ଧରି ରଖିବା ପାଇଁ ବର୍ଦ୍ଧିତ ଉପକରଣ ପ୍ରଦାନ କରିବା ସହିତ ଶିକ୍ଷାର ପ୍ରଭାବ ଅଧିକ ଅବଧି ପର୍ଯ୍ୟନ୍ତ ସୃଷ୍ଟି କରିବା ପାଇଁ ସମସ୍ତ ଉଦ୍ୟମ ଜାରି ରଖିଛୁ। ଶିକ୍ଷକ ବିକାଶର ଉପଯୋଗ ଦ୍ୱାରା, ସାମସଙ୍ଗ ଶିକ୍ଷିତ ମାନଙ୍କୁ ସଶକ୍ତ କରି ଶ୍ରେଣୀ ଗୃହର ପ୍ରଭାବକୁ ଯଥେଷ୍ଟ ମାତ୍ରାରେ ବୃଦ୍ଧି କରିପାରିଛି ଏବଂ ଏହାକୁ ନେଇ ଶିକ୍ଷା ପ୍ରଣାଳୀର ମେରୁଦଣ୍ଡକୁ ପ୍ରୋତ୍ସାହିତ କରିପାରିଛି। ଏକ ସୁନ୍ଦର କାଲିର ରହିଥିବା ଆମର ଦୂରଦୃଷ୍ଟିତାକୁ ଏହି ପଦକ୍ଷେପ ମିଳିତ ଭାବରେ ନୂତନତ୍ୱକୁ ଧରି ରଖିବା ସହିତ ପ୍ରତ୍ୟେକ ଶିକ୍ଷିତ ମାନଙ୍କ ପାଇଁ ଏହି ନୂତନତ୍ୱର ଉତ୍ସକୁ ସେମାନଙ୍କର ସଫଳତାର ଅଗ୍ରଦୂତ ଭାବରେ ସୁନିଶ୍ଚିତ କରିପାରିଛି" ମତବ୍ୟକ୍ତ କରି କହିଛନ୍ତି, ରାଜୁ ପୁଲନ, ବରିଷ୍ଠ ଉପସଭାପତି, ଏମଏକ୍ସ ବିଜିନେସ, ସାମସଙ୍ଗ ଇଣ୍ଡିଆ। ଡ଼ିସେମ୍ବର ୨୦୨୪ ମସିହାରୁ ସିଧା ତାଲିମ ଅଧିବେସନ ଜରିଆରେ ସମଗ୍ର ଭାରତରୁ ପ୍ରାୟ ୨୭୦୦ରୁ ଅଧିକ ଶିକ୍ଷକ ମାନଙ୍କୁ ପ୍ରଶଂସାପତ୍ରରେ ପୁରସ୍କୃତ କରିବା ସହିତ ସେମାନେ ଏହି ଗାଲାକ୍ସି ଏମପାୱାରଡ଼ର ଛତ୍ରଛାୟାତଳେ ରହିଛନ୍ତି। ସମଗ ଭାରତରେ ୨୦୨୫ ସୁଦ୍ଧା ୨୦,୦୦୦ରୁ ଅଧିକ ଶିକ୍ଷକଙ୍କୁ ଏଥିରେ ସଶକ୍ତ କରାଯିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ଦିଲ୍ଲୀ ସ୍ତରରେ ସାମସଙ୍ଗ ଅତି ସଫଳତାର ସହିତ ଏହି କାର୍ଯ୍ୟକ୍ରମର ଆୟୋଜନ କରି ଏଥିରେ ୨୫୦ରୁ ଅଧିକ ବିଦ୍ୟାଳୟକୁ ସାମିଲ କରିପାରିଛି। ପ୍ରଥମ ପର୍ଯ୍ୟାୟରେ ମହତତ୍ୱ ଏଜୁକେସନାଲ ଆଡ଼ଭାଇଜରୀ ଏବଂ ଏସଟିଟିଏଆର ସହିତ ମିଳିତ ସହଭାଗୀତା ବ୍ୟତୀତ, ବିଶେଷ ଧରଣର ତାଲିମ ପ୍ରଦାନକାରୀ ତଥା ଶିକ୍ଷାବିତ୍ ମାନଙ୍କୁ ଏଥିରେ ନିଯୁକ୍ତି ଦିଆଯାଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷକ ମାନଙ୍କୁ ସାହାଯ୍ୟ ପାଇଁ ବ୍ୟବସ୍ଥା କରାଯାଇଛି। "ସାମାଜିକତାର ବିକାଶ ଧାରାର ଛାତି ଉପରେ ଶିକ୍ଷା ଅବସ୍ଥାନ କରିଛି, ଏବଂ ସାମସଙ୍ଗ ଶିକ୍ଷକ ମାନଙ୍କୁ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣତା ଉପରେ ସକ୍ଷମ କରାଇପାରିଛି ସଠିକ୍ ଉପକରଣ ତଥା ଶ୍ରେଣୀ ଗୃହ ସମ୍ପର୍କିତ ଜ୍ଞାନକୌଶଳକୁ ଆୟତ କରି ଏହାକୁ ସମର୍ଥନ କରିବା ପାଇଁ।

# ବଜାଜ ଆଲିଆଞ୍ଜ ଲାଇଫର ନୂଆ ଗ୍ୟାରେଂଣ୍ଟେଡ ପେନସନ ଗୋଲ -୨ ପ୍ଲାନ

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):** ଭାରତର ଅନ୍ୟତମ ଅଗ୍ରଣୀ ଘରୋଇ ବୀମା କମ୍ପାନି ବଜାଜ ଆଲିଆଞ୍ଜ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ନୂଆ ବଜାଜ ଆଲିଆଞ୍ଜ ଲାଇଫ ଗ୍ୟାରେଂଟେଡ ପେନସନ ଗୋଲ-୨ ଘୋଷଣା କରାଯାଇଛି। ଏହା ହେଉଛି ଏକ ନନ-ଲିଙ୍କଡ, ଅଣ-ଅଂଶଗ୍ରହଣକାରୀ ଓ ଡେଫରଡ ଆନୁଇଟି ପ୍ଲାନ ଯାହାକୁ ଲୋକମାନଙ୍କ ଅବସରକାଳୀନ ଯୋଜନାରେ ବିନିଯୋଗ କରିବା ଲକ୍ଷ୍ୟ ନେଇ ପ୍ରସ୍ତୁତ କରାଯାଇଛି। ଏହା ହେଉଛି ଶିଳ୍ପର ପ୍ରଥମ ପ୍ଲାନ ଯେଉଁଥିରେ ୩୦ ବର୍ଷ ପର୍ଯ୍ୟନ୍ତ ଡେଫର (ବିଳମ୍ବ) କରିବାର ସୁବିଧା ରହିଛି। ଏହା ୩୫ ବର୍ଷ ଭଳି କମ ବୟସର ଯୁବକମାନଙ୍କୁ ନିଜ ଆର୍ଥିକ ଭବିଷ୍ୟତ ସୁରକ୍ଷିତ କରିବା ଲାଗି ସୁବିଧା ପ୍ରଦାନ କରିବ।

ନିକଟରେ ବଜାଜ ଆଲିଆଞ୍ଜ ଲାଇଫ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଥିଲା ଯେ ଏକ ସୁରକ୍ଷିତ ଓ ଚାପ ମୁକ୍ତ ଅବସର ସମୟ ପାଇଁ ୭୭ ପ୍ରତିଶତ ଭାରତୀୟ ଜୀବନ ବୀମାକୁ ପସନ୍ଦର ଆର୍ଥିକ ବିକଳ୍ପ ଭାବେ ଦେଖୁଛନ୍ତି। ଆଗୁଆ ଅବସରକାଳୀନ ଯୋଜନା ପ୍ରସ୍ତୁତ କରିବା ନେଇ ଯୁବ ପ୍ରଫେସନାଲମାନଙ୍କ ମଧ୍ୟରେ ବଢୁଥିବା ସଚେତନତା ଉପରେ ଏହା ଆଲୋକପାତ କରିଥିଲା। ଗ୍ରାହକମାନଙ୍କ ସେହି ଆବଶ୍ୟକତା ପୂରଣ କରିବା ଲାଗି ବଜାଜ ଆଲିଆଞ୍ଜ ଲାଇଫ ଗ୍ୟାରେଟେଂଡ ପେନସନ ଗୋଲ-୨ ପ୍ଲାନକୁ ପ୍ରସ୍ତୁତ କରାଯାଇଛି ଯାହା ଶିଳ୍ପର ପ୍ରଥମ ୩୦ ବର୍ଷର ଡେଫରଡ ଅବଧି ସହିତ ଲୋକମାନଙ୍କୁ ନିଜ ଅବସରକାଳୀନ ପାଣ୍ଠି ଗଠନ କରିବା ଏବଂ ଆର୍ଥିକ ବିନିଯୋଗରେ ସ୍ୱାଧୀନତା ପ୍ରଦାନ କରୁଛି।

ଏ ସମ୍ପର୍କରେ ବଜାଜ ଆଲିଆଞ୍ଜ ଲାଇଫର ଏମଡି ଓ ସିଇଓ ଶ୍ରୀ ତରୁଣ ଚୁଗ କହିଛନ୍ତି ଯେ, "ଉନ୍ନତ ସ୍ୱାସ୍ଥ୍ୟ ସେବା ସହିତ ଭାରତରେ ଲୋକଙ୍କ ବଂଚିବା ହାର ବଢ଼ିଥିବା ବେଳେ ବହୁ ଲୋକ ୮୦ ଓ ୯୦ ବର୍ଷ ବୟସରେ ଭଲ ଭାବେ ଜୀବନ ଅତିବାହିତ କରୁଛନ୍ତି। ଏହାର ଅର୍ଥ ହେଉଛି ଜଣେ ବ୍ୟକ୍ତି ନିୟମିତ ଆୟ ବିନା ୨୫-୩୦ ବର୍ଷ ବଂଚିବେ। ସେଥିପାଇଁ ଅବସରକାଳୀନ ଯୋଜନା ପ୍ରସ୍ତୁତ କରିବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ବିଶ୍ୱସ୍ତରରେ ସାମାଜିକ ସୁରକ୍ଷା ଜରିଆରେ ଲୋକମାନେ ଦ୍ୱିତୀୟ ଆୟ ବିକଳ୍ପ ପାଉଥିବା ବେଳେ ଭାରତୀୟଙ୍କ ପାଇଁ ସେହି ସୁବିଧା ନାହିଁ।

# ପିଲାମାନଙ୍କୁ ପ୍ରକୃତି ସହ ଯୋଡ଼ିବ ମୁସୋର ଗ୍ରୋ ଲ୍ୟାବ୍

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):** ପିଲାମାନଙ୍କୁ ପ୍ରକୃତିର ସୌନ୍ଦର୍ଯ୍ୟ ସହ ଯୋଡ଼ିବା ଲାଗି ବ୍ୟସ୍ତବହୁଳ ମୁମ୍ବାଇ ସହର ମଝିରେ ଏକ ସବୁଜ ଅଭୟାରଣ୍ୟ ଉଭା ହୋଇଛି। ମ୍ୟୁଜିୟମ୍ ଅଫ୍ ସଲ୍ୟୁସନ୍ସ (ମୁସୋ) ପକ୍ଷରୁ ଗ୍ରୋ ଲ୍ୟାବ୍କୁ ଉନ୍ମୋଚନ କରାଯାଇଛି ଯାହା ହେଉଛି ଏକ ପ୍ରଥମ ଧରଣର ସବୁଜ ସ୍ଥଳ, ଯେଉଁଠାରେ ପିଲାମାନେ ପରିବେଶ ଓ ସ୍ଥାୟୀ ଜବନ ସହ ସମ୍ପର୍କକୁ ଅନ୍ୱେଷଣ କରିପାରିବେ। ପ୍ରତ୍ୟକ୍ଷ ଅନୁଭୂତି ଜରିଆରେ ପିଲାମାନେ ଜୈବବିବିଧତା, ପରିବେଶ ମିତବ୍ୟୟୀ ଚାଷ, ଜଳ ସଂରକ୍ଷଣ, ବର୍ଜ୍ୟ ପରିଚାଳନା ଶିଖିପାରିବେ ଏବଂ ସ୍ଥାନୀୟ ବନ୍ୟଜନ୍ତୁ ଯଥା ପକ୍ଷୀ, ମହୁମାଛି ଓ ଅନ୍ୟାନ୍ୟ ଜୀବମାନଙ୍କ ପାଇଁ ଫୁଲ ଓ ଗଛଲତାର ଭୂମିକାକୁ ବୁଝିପାରିବେ। ମୁସୋର ଛାତ ଉପରେ ଅବସ୍ଥିତ ଗ୍ରୋ ଲ୍ୟାବ୍ରେ ପିଲାମାନେ ଚମତ୍କାର ଅନୁଭୂତି ସହିତ ପ୍ରକୃତି ଓ ସ୍ଥାୟିତ୍ୱଅନ୍ୱେଷଣ କରିପାରିବେ। ପିଲାମାନଙ୍କୁ ଉଦ୍ଦେଶ୍ୟ ଆଧାରିତ ଶିକ୍ଷା ପ୍ରଦାନ କରିବା ଲାଗି ମୁସୋର ରହିଥିବା ଲକ୍ଷ୍ୟ ଅନୁସାରେ ଗ୍ରୋ ଲ୍ୟାବ୍ ପରିବେଶ ସହିତ ଏକ ଗଭୀର ସମ୍ପର୍କ ସ୍ଥାପନ କରି ଯୁବବର୍ଗଙ୍କୁ ପରିବର୍ତନର ବାର୍ତ୍ତାବହରେ ପରିଣତ କରିବ।

ଏହି ଉନ୍ମୋଚନ ଅବସରରେ ମ୍ୟୁଜିୟମ୍ ଅଫ୍ ସଲ୍ୟୁସନ୍ସର ସହ ପ୍ରତିଷ୍ଠାତା ତାନ୍ଭି ଜିନ୍ଦଲ ସିଟେ କହିଛନ୍ତି ଯେ, "ପିଲାମାନଙ୍କ ଆଦ୍ୟ ଜୀବନରେ ପରିବେଶ ସଚେତନତାକୁ ସମନ୍ୱିତ କରିବା ଦିଗରେ ଗ୍ରୋ ଲ୍ୟାବ୍ର ଶୁଭାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମୁସୋରେ ଆମର ଅଭିନବ, ସ୍ୱତନ୍ତ୍ର ଓ ବିଶ୍ୱ ସ୍ତରରେ ପ୍ରେରଣାଦାୟୀ ଅନୁଭୂତି ସୃଷ୍ଟି କରିବାରେ ବିଶ୍ୱାସ ରହିଛି ଯାହା ପିଲାମାନଙ୍କ ପାଖରେ ବିଶ୍ୱସ୍ତରୀୟ ସୁଯୋଗ ପହଂଚାଇବ। ଟାଇମ୍ସ ପତ୍ରିକାର ପରିଦର୍ଶନର କରିବାର ଶ୍ରେଷ୍ଠ ୧୦୦ ସ୍ଥାନ ତାଲିକାରେ ସ୍ଥାନ ପାଇବା ଓ ହାଣ୍ଡ୍ସ ଅନ୍! ଚିଲ୍ଡ୍ରେନ୍ସ ମ୍ୟୁଜିୟମ୍ ପୁରସ୍କାର ଭାରତରେ ଶ୍ରେଷ୍ଠ ଶିକ୍ଷଣୀୟ ଅନୁଭୂତିକୁ ନିକଟତର କରିବାରେ ଆମ ପ୍ରତିବଦ୍ଧତାକୁ ଦୋହରାଉଛି। ଗ୍ରୋ ଲ୍ୟାବ୍ ସହିତ ଆମେ ସ୍ଥାୟିତ୍ୱ କୈନ୍ଦ୍ରୀକ ପାଠପଢ଼ାରେ ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରି ପରବର୍ତୀ ପିଢ଼ିର ପରିବର୍ତନକାରୀଙ୍କ ମଧ୍ୟରେ ଆଗ୍ରହ ଓ ଦାୟିତ୍ୱ ବଢ଼ାଇବାକୁ ଲକ୍ଷ୍ୟ ରଖିଛୁ।''

# ସାମସଙ୍ଗ ଇଣ୍ଡିଆ ଦ୍ୱାରା ଗାଲାକ୍ସି ଏ୦୬ ୫ଜିର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୦।୨(ଏଜେନ୍ସି):** ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଏହାର ଗାଲାକ୍ସି ଏ୦୬ ୫ଜିର ଶୁଭାରମ୍ଭ କରିଛି ଯାହାକି ଏକ ଚମତ୍କାରୀ ୫ଜି ଅଭିଜ୍ଞତା ସହିତ ସର୍ବାଦ୍ଭୁତ ମୂଲ୍ୟ ତଥା ସୁଲଭ ଗାଲାକ୍ସି ଏ ଶୃଙ୍ଖଳର ୫ଜି ସ୍ମାର୍ଟଫୋନ ବଜେଟକୁ ନେଇ ଏହି ଗାଲାକ୍ସି ଏ୦୬ ୫ଜିର ଡ଼ିଜାଇନ ହୋଇଛି ଯାହାକି ପ୍ରିୟ ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟଯୁକ୍ତ ବିଶ୍ୱସନୀୟ ତଥା ଦୀର୍ଘ ଦିନ ଚାଲିପାରିବା ଭଳି କ୍ଷମତା ପ୍ରଦାନ କରିବ। ଆଜିଠାରୁ ଆରମ୍ଭ ହୋଇଥିବା ଏହି ଗାଲାକ୍ସି ଏ୦୬ ୫ଜି ଭାରତର ସମସ୍ତ ଖୁଚୁରା ଆଉଟଲେଟ ତଥା ସାମସଙ୍ଗର ଏକ୍ସକ୍ଲୁଜିଭ ଷ୍ଟୋର ଏବଂ ଅନ୍ୟାନ୍ୟ ଅଫଲାଇନ ଚାନେଲ ସହିତ ବିବିଧ ଷ୍ଟୋର ସମ୍ଭାରକୁ ନେଇ ଉପଲବ୍ଧ ହେବ। ୪ଜିବି ରାମର ପ୍ରକାର ସହିତ ୬୪ଜିବି ଷ୍ଟୋରେଜ କ୍ଷମତା ବିଶିଷ୍ଟ ଏହି ସ୍ମାର୍ଟଫୋନର ପ୍ରାରମ୍ଭିକ ମୂଲ୍ୟ ରହିଛି ମାତ୍ର ୧୦୪୯୯ ଟଙ୍କା। ଗାଲାକ୍ସି ଏ୦୬ ୫ଜି ୩ଟି ପତଳା ତଥା ଆକର୍ଷଣୀୟ ରଙ୍ଗରେ ଆସୁଅଛି ଯଥା- ବ୍ଲାକ୍, ଗ୍ରେ ତଥା ଲାଇଟ ଗ୍ରୀନ। ଶୁଭାରମ୍ଭର ବିଶେଷ ଅଫର ଭାବରେ ଗ୍ରାହକମାନେ ଏକ ବର୍ଷର ସ୍କ୍ରିନ ସୁରକ୍ଷାକାରୀ ଯୋଜନା ସହିତ ସାମସଙ୍ଗ କେୟାର+ ପ୍ୟାକେଜ ମାତ୍ର ୧୨୯ ଟଙ୍କାରେ ପାଇବା ସହିତ ଅତିରିକ୍ତ ଭାବରେ ସୁରକ୍ଷା ତଥା ମାନସିକ ଶାନ୍ତି ପାଇପାରିବେ।

"ଗାଲାକ୍ସି ଏ୦୬ ୫ଜିର ଶୁଭାରମ୍ଭ ସହିତ ଆମେ ବିଭାଗର ଅଗ୍ରଣୀ ୧୨ ୫ଜି ବ୍ୟାଣ୍ଡ ପ୍ରଦାନ ସହିତ ୫ଜିର ଏକ ବିରାଟ ଅଭିଜ୍ଞତା ଦେଉଛୁ। ଚମତ୍କାରୀ ସଂଯୋଗୀକରଣୀୟ ରିହାତି ସହିତ ଏହାର ଡ଼ିଜାଇନ ହୋଇଛି ତଥା ଏଥିରେ ରହିଛି ଶକ୍ତିଶାଳୀ ଦକ୍ଷତା ଯାହା ବିଭାଗର ଅଗ୍ରଣୀ ନବୀକରଣକୁ ପ୍ରଦାନ କରିବା ସହିତ ଉପକରଣଟି ଆମର ପ୍ରତିଶ୍ରୁତିବଦ୍ଧତାକୁ ପୁନଃସ୍ଥାପିତ କରିଛି ଯେଉଁଥିରେ ଭରି ରହିଛି ତଥା ସମସ୍ତଙ୍କ ପାଇଁ ଉନ୍ନତମାନର ଜ୍ଞାନକୌଶଳର ଗ୍ରହଣୀୟତା। ଏହି ଉପକରଣ ସହିତ ଆମେ ବ୍ୟବହାରକାରୀମାନଙ୍କୁ ହାଇ-ସ୍ପିଡ଼ ସଂଯୋଗକାରୀତା ସହିତ କାମ କରିବା ଏବଂ ଆମୋଦପ୍ରମୋଦ ସହିତ ଅତୁଳନୀୟ ସ୍ଥାୟିତ୍ୱ ପ୍ରଦାନ କରୁଅଛୁ," ମତବ୍ୟକ୍ତ କରି କହିଛନ୍ତି, ଅକ୍ଷୟ ଏସ ରାଓ, ସାଧାରଣ ପରିଚାଳକ, ଏମଏକ୍ସ ବିଜିନେସ, ସାମସଙ୍ଗ ଇଣ୍ଡିଆ। ଗାଲାକ୍ସି ଏ୦୬ ୫ଜି ସବୁ ନେଟୱାର୍କ ଉପଯୋଗୀ ଗ୍ରହଣୀୟତାକୁ ସମର୍ଥନ କରିଥାଏ। ସମସ୍ତ ଟେଲିକମ୍ ଅପରେଟର ମାନଙ୍କ ମଧ୍ୟରେ ୧୨ ୫ଜି ବ୍ୟାଣ୍ଡର ବିଶେଷତ୍ୱ ଯେପରିକି ବର୍ଦ୍ଧିତ ନେଟୱାର୍କ ସଂଯୋଗୀକରଣ ତଥା ଏହାର ଦ୍ରୁତଗତି ବହୁଳ ଭାବରେ ଆଦୃତ ହୋଇପାରିଛି। ଏମଟିକେ ଡ଼ି୬୩୦୦ ପ୍ରୋସେସରକୁ ନେଇ ଏହା ସମସ୍ତ ଶକ୍ତିଶାଳୀ ଦକ୍ଷତାକୁ ସୁନିଶ୍ଚିତ କରିଥାଏ ଯାହା ମଧ୍ୟରେ ରହିଛି ବିବିଧ କାର୍ଯ୍ୟକ୍ରମ, ଗେମିଙ୍ଗ ତଥା ନିରବଚ୍ଛିନ୍ନ କାର୍ଯ୍ୟଧାରା ଇତ୍ୟାଦି। ୧୨ଜିବି ପର୍ଯ୍ୟନ୍ତ ରାମର ସୁବିଧା ତଥା ଅନ୍ୟାନ୍ୟ ବିଶେଷତ୍ୱ ଗୁଡ଼ିକୁ ଏହା ପ୍ରଦାନ କରିଥାଏ। ଗାଲାକ୍ସି ଏ୦୬ ୫ଜି ସହିତ ରହିଛି ୫୦ଏମପିର ପଛଭାଗ କ୍ୟାମେରା ଯାହାକି ଅତି ତୀକ୍ଷ୍ଣ ତଥା ସମ୍ପୂର୍ଣ୍ଣ ଛବିକୁ ଧରି ରଖିଥାଏ। ୨ଏମପିର ଏକ ଗହିରିଆ କ୍ୟାମେରା ସ୍ୱଚ୍ଛତାକୁ ଆହୁରି ଉନ୍ନତ କରିବା ସହିତ ୮ଏମପିର ସମ୍ମୁଖ କ୍ୟାମେରା ଉନ୍ନତ ମାନର ସେଲଫି ଉତୋଳନ ତଥା ଭିଡ଼ିଓ କଲକୁ ସୁନିଶ୍ଚିତ କରିଥାଏ। ପତଳା ତଥା ଷ୍ଟାଇଲିସକୁ ନେଇ ପ୍ରସ୍ତୁତ ଏହି ସ୍ମାର୍ଟଫୋନ ଏହାର ବର୍ଦ୍ଧିତ ୬.୭ ଇଂଚ ଏଚ୍‌ଡ଼ି+ ଡ଼ିସପ୍ଲେ ସହିତ ୨୦.୯ ଅନୁପାତକୁ ନେଇ ଏକ ସ୍ପଷ୍ଟ ଦୃଶ୍ୟମାନତାକୁ ସୁନିଶ୍ଚିତ କରିପାରିଛି।

# ଭାରତକୁ ବିଜୟୀ କରାଇଲେ ଶାମି ଓ ଗିଲ୍

ଦୁବାଇ,୨୦।୨(ଏଜେନ୍ସି): ମହମ୍ମଦ ଶାମିଙ୍କ ୫ ୱିକେଟ୍ ସଫଳତା ଓ ଶୁଭମନ ଗିଲ୍‌ଙ୍କ ଦମଦାର ଅପରାଜିତ ଶତକ ବଳରେ ଏଠାରେ ଖେଳା ଯାଇଥିବା ଚାମ୍ପିଅନ୍ସ ଟ୍ରଫିର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୬ ୱିକେଟ୍‌ରେ ବାଂଲାଦେଶକୁ ହରାଇ ସହଜ ବିଜୟ ହାସଲ କରିଛି। ଏଥିସହ ଭାରତ ବିଜୟରୁ ନିଜର ଅଭିଯାନ ଆରମ୍ଭ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ତୋହିଦ ହୃଦୟଙ୍କ ଶତକ ଓ ଜାକେର ଅଲ୍ଲୀଙ୍କ ୬୮ ରନ ବଳରେ ୨୨୮ ରନ କରିଥିଲା। ଜବାବରେ ଭାରତ ୪୬.୩ ଓଭରରେ ୪ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଛି। ଶୁଭମନ ଗିଲ୍ ୧୦୧ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ବେଳେ କେଏଲ ରାହୁଲ ୪୧ ରନ କରି ଅପରାଜିତ ରହିଥିଲେ। ଏହି ମ୍ୟାଚ୍‌ରେ ମହମ୍ମଦ ଶାମି ୫ ୱିକେଟ୍ ନେଇ ଦଳ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଆସନ୍ତା ୨୩ ତାରିଖରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ ।






**ବାଂଲାଦେଶ ୨୨୮, ଭାରତ ୨୩୦/୪**

୨୨୯ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଭାରତକୁ ଦୁଇ ଓପନର ଅଧିନାୟକ ରୋହିତ ଶର୍ମା ଓ ଉପ ଅଧିନାୟକ ଶୁଭମନ ଗିଲ୍ ଦମଦାର ଆରମ୍ଭ ଦେଇଥିଲେ। ରୋହିତ ଆରମ୍ଭରୁ ଦ୍ରୁତ ବ୍ୟାଟିଂ କରିଥିଲେ। ପ୍ରଥମ ୱିକେଟ୍‌ରେ ଦୁଇ ବ୍ୟାଟର ୬୯ ରନ ଯୋଡ଼ି ବିଜୟର ମୂଳଦୁଆ ପକାଇଥିଲେ ରୋହିତ ବଡ଼ ସଟ୍ ଖେଳିବାକୁ ଯାଇ ୩୬ ବଲ୍‌ରୁ ୭ ଚୌକା ଜରିଆରେ ୪୧ ରନ କରିଥିଲେ। ବିରାଟ କୋହଲି କ୍ରିଜରେ ଜମି ଆସିଥିଲେ ହେଁ ୨୨ ରନ କରି ପାଭିଲିୟନ ଫେରିଥିଲେ। ମଧ୍ୟକ୍ରମରେ ଭାରତ ଶୀଘ୍ର ୨ଟି ୱିକେଟ୍ ହରାଇ ଟିକେ ଚାପଗ୍ରସ୍ତ ହୋଇଥିଲା।ଶ୍ରେୟସ ଆୟର(୧୫) ଓ ଅକ୍ଷର ପଟେଲ୍(୮) ଆଉଟ୍ ହୋଇଥିଲେ। ଏହା ପରେ ଗିଲ୍ ଓ କେଏଲ ରାହୁଲ ଦଳର ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ। ଦୁଇ ବ୍ୟାଟର ଦଳକୁ ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ ।ଗିଲ୍‌କୁ ଉତ୍ତମ ସହାୟତା କରିଥିଲେ କେଏଲ ରାହୁଲ। ଗିଲ୍ ନିଜର ଫର୍ମ ବଜାୟ ରଖି ଦିନିକିଆ। କ୍ୟାରିୟରରେ ଅଷ୍ଟମ ଶତକ ହାସଲ କରିଛନ୍ତି। ଗିଲ୍‌ଙ୍କ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ଶତକ ହାସଲ କରିଛନ୍ତି।ଏହା ପୂର୍ବରୁ ଇଂଲଣ୍ଡ ବିପକ୍ଷ ଶେଷ ଦିନିକିଆରେ ଏହି ଉଦୀୟମାନ ବ୍ୟାଟର ଶତକ ଅର୍ଜନ କରିଥିଲେ। ଗିଲ୍ ଓ କେଏଲ ଅବିଭାଜିତ ପଞ୍ଚମ ୱିକେଟ୍‌ରେ ୮୭ ରନ ଯୋଡ଼ି ଦଳକୁ ୬ ୱିକେଟ୍‌ରେ ଜିତାଇଛନ୍ତି।ଗିଲ୍ ୧୨୯ ବଲ୍‌ରୁ ୯ ଚୌକା ଓ ୨ ଛକା ସହ ୧୦୧ ରନ ଓ କେଏଲ ରାହୁଲ ୪୧ ରନ କରି ଅପରାଜିତ ଅଛନ୍ତି ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶର ଆରମ୍ଭ ନୈରାଶ୍ୟଜନକ ଥିଲା ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଭୋଗି ୩୫ ରନ ଭିତରେ ପ୍ରଥମ ୫ ଉିକେଟ୍ ହରାଇଥିଲା। ଦଳର ଟପ୍ ଅର୍ଡର ଦୟନୀୟ ବ୍ୟାଟିଂ କରି ଭାରତୀୟ ବୋଲରଙ୍କ ମୁକାବିଲା କରି ପାରି ନ ଥିଲେ। ସୌମ୍ୟ ସରକାର, ଅଧିନାୟକ ନଜମୁଲ ହୁସେନ ସାଣ୍ଟୋ ଓ ମୁସଫିକର ରହିମ ଖାତା ଖୋଲି ପାରି ନ ଥିଲେ। ମେହଦି ହାସନ ମିରାଜ ୫ ରନ କରିଥିବା ବେଳେ ତଞ୍ଜିଦ ହସନ ୨୫ ରନ କରି ଆଉଟ୍ ହୋଇଥିଲେ।

୩୫ ରନରେ ୫ ଉିକେଟ୍ ହରାଇ ସଙ୍କଟଜନକ ସ୍ଥିତିରେ ଥିଲା ବାଂଲାଦେଶ ତେବେ ତୋହିଦ ହୃଦୟ ଓ ଜାକେର ଅଲ୍ଲୀ ଦଳର ଇନିଂସ ସମ୍ଭାଳିଥିଲେ। ଦୁଇ ବ୍ୟାଟର ସତର୍କତାର ସହ ବ୍ୟାଟିଂ କରି କ୍ରିଜରେ ଜମି ରହିବା ସହ ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଜାକେର ଅଲ୍ଲୀ ଓ ହୃଦୟ ନିଜ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ ଏହି ଯୋଡ଼ିକୁ ଭାଙ୍ଗିବା ପାଇଁ ଭାରତୀୟ ଦଳକୁ ନାକେଦମ ହେବାକୁ ପଡ଼ିଥିଲା। ୧୮୯ ରନ ସ୍କୋରରେ ଭାରତକୁ ଷଷ୍ଠ ସଫଳତା ପାଇଥିଲା। ଜାକେର ଅଲ୍ଲୀ ୬୮ ରନର ଉଲ୍ଲେଖନୀୟ ଇନିଂସ ଖେଳି ଆଉଟ୍ ହୋଇଛନ୍ତି ଏହା ପୂର୍ବରୁ ଦୁଇ ବ୍ୟାଟର ଷଷ୍ଠ ୱିକେଟ୍‌ରେ ୧୫୪ ରନ ଯୋଡ଼ି ଦଳର ସ୍କୋରକୁ ସମ୍ମାନ ଜନକ ସ୍ଥିତିରେ ପହଞ୍ଚାଇଥିଲେ। ୪୩ତମ ଓଭରରେ ଶାମି ଏହି ଯୋଡ଼ିକୁ ଭାଙ୍ଗିବାରେ ସଫଳ ହୋଇଥିଲେ ଅନ୍ୟପଟେ ହୃଦୟ ଆହତ ହୋଇଥିଲେ ହେଁ କ୍ରିଜରେ ଜମି ରହି ନିଜ ୧୧୪ ବଲରୁ ଦିନିକିଆ। କ୍ୟାରିୟରରେ ପ୍ରଥମ ଶତକ ହାସଲ କରିଛନ୍ତି ।ରିସାଦ ହୁସେନ ୧୮ ରନ କରି ଆଉଟ୍ ହୋଇଥିଲେ। ହୃଦୟ ୧୧୮ ବଲ୍‌ରୁ ୬ ଚୌକା ଓ ୨ ଛକା ସହ ୧୦୦ ରନର ଲଢୁଆ। ଇନିଂସ ଖେଳିଥିଲେ ହୃଦୟଙ୍କୁ ଆଉଟ୍ କରି ଶାମି ବାଂଲାଦେଶ ଇନିଂସର ଇନିଂସ ୨୨୮ ରନରେ ଅନ୍ତ ଘଟାଇଥିଲେ ଶାମି ।

ଭାରତ ପକ୍ଷରୁ ମହମ୍ମଦ ଶାମି ୧୦ ଓଭରରେ ୫୩ ରନ ଦେଇ ୫ ସଫଳତା ସହ ଫର୍ମକୁ ଫେରିବାର ସଙ୍କେତ ଦେଇଛନ୍ତି ।ହର୍ଷିତ ରାଣା ୩୧ ରନ ଦେଇ ୩ଟି ୱିକେଟ୍ ନେଇଥିବା ବେଳେ ଅକ୍ଷର ପଟେଲଙ୍କୁ ୨ଟି ୱିକେଟ୍ ମିଳିଛି। ନିଜର ୫ ସଫଳତା ବଳରେ ମହମ୍ମଦ ଶାମି ଅନେକ ରେକର୍ଡ ନିଜ ନାଁରେ କରିଛନ୍ତି ।

**ଜାତୀୟ ପାରା ଦୌଡ଼କୁଦ**

## ଜୟନ୍ତୀଙ୍କୁ ଯୁଗଳ ସ୍ୱର୍ଣ୍ଣ, ପଙ୍କଜ, କମଳାକାନ୍ତଙ୍କୁ ରୌପ୍ୟ

ଭୁବନେଶ୍ୱର,୨୦।୨: ଚେନ୍ନାଇରେ ଚାଲିଥିବା ୨୩ତମ ଜାତୀୟ ପାରା ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଭେଟି ଦେଇଛନ୍ତି ସ୍ପ୍ରିଣ୍ଟର୍ ଜୟନ୍ତୀ ବେହେରା। ଏଥିସହ ଜୟନ୍ତୀ ୨ଟି ସ୍ୱର୍ଣ୍ଣ ଜିତି ରାଜ୍ୟର ଖୁସି ଦ୍ୱିଗୁଣିତ କରିଛି। ମହିଳା ଟି-୪୭ ୧୦୦ ମିଟର ଏବଂ ୪୦୦ ମିଟର ଦୌଡ଼ରେ ଜୟନ୍ତୀ ଏହି ସ୍ୱର୍ଣ୍ଣ ଦ୍ୱୟ ଜିତିଛନ୍ତି ୧୦୦ ମିଟର ରେସ୍‌କୁ ସେ ୧୩.୪୩ ସେକେଣ୍ଡରେ ଶେଷ କରି ଏହି ପଦକ କରାୟତ୍ତ କରିଥିଲେ ଦିଲ୍ଲୀର କୀର୍ତ୍ତି ଚେହାନ (୧୩.୮୫) ରୌପ୍ୟ ଏବଂ ଆନ୍ଧ୍ରପ୍ରଦେଶର ଭବାନୀ ଭାଲାସାମଗାରି (୧୪.୦୩) କାଂସ୍ୟ ପାଇଥିଲେ। ୪୦୦ ମିଟର ଦୌଡ଼କୁ ଜୟନ୍ତୀ ୧ ମିନିଟ୍ ୧.୧୯ ସେକେଣ୍ଡରେ ଶେଷ କରି ପ୍ରଥମ ସ୍ଥାନରେ ରହି ପୋଡିୟମ୍ ଫିନିସ୍ କରିଥିଲେ। ଗୁଜରାଟର ଅଞ୍ଜନାବେନ ବୁମବାଡ଼ିଆ। (୧:୫.୨୫) ଓ ଝାଡ଼ଖଣ୍ଡର କାଜଲ କୁମାରୀ (୧:୧୧.୯୮) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ପଙ୍କଜ ଭୁଏ ଓ କମଳାକାନ୍ତ ନାୟକ ବୁଧବାର ଓଡ଼ିଶା ପାଇଁ ୨ଟି ରୌପ୍ୟ ପଦକ ଜିତିଛନ୍ତି। ପୁରୁଷ ଲମ୍ଫଡିଆଁ ଟି-୧୩ରେ ପଙ୍କଜ ୫.୯୩ ମିଟର ଡେଇଁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଛତିଶଗଡ଼ର କଳାରାମ ପଟେଲ (୬.୫୫ ମିଟର) ଓ ଗୁଜରାଟର ପ୍ରଦୀପସିନ ଚୌହାନ (୫.୭୪ ମିଟର) ଯଥାକ୍ରମେ ସ୍ୱର୍ଣ୍ଣ ଓ କାଂସ୍ୟ ପାଇଛନ୍ତି। ପୁରୁଷ ଜାଭଲିନ୍ ଏଫ୍-୫୩ ବର୍ଗରେ କମଳାକାନ୍ତ (୧୬.୨୨ ମିଟର) ରୌପ୍ୟ ଜିତିଥିଲା ବେଳେ ହରିୟାଣାର ସୁମିତ (୧୭.୧୫ ମିଟର) ସ୍ୱର୍ଣ୍ଣ ଓ ଉତ୍ତରପ୍ରଦେଶର ଆଦିତ୍ୟ କୁମାର (୧୬.୧୦) କାଂସ୍ୟ କରାୟତ୍ତ କରିଥିଲେ। ଏହି ୪ ପଦକ ସହ ଓଡ଼ିଶାର ପଦକ ସଂଖ୍ୟା ୫ (୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ କାଂସ୍ୟ)ରେ ପହଞ୍ଚିଛି। ଏହି ସଫଳତା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପଦକ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।








## ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିଲେ ଫଖର ଜମାନ

କରାଚୀ,୨୦ୟ୨: ଚାମ୍ପିଅନ୍ସ ଟ୍ରଫିରେ ପାକିସ୍ତାନର ଆରମ୍ଭ ଭଲ ହୋଇନାହିଁ। ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡ ପାକିସ୍ତାନକୁ ୬୦ ରନରେ ବିଶାଳ ବ୍ୟବଧାନରେ ପରାସ୍ତ କରିଥିଲା। ଏବେ ପାକିସ୍ତାନକୁ ଏକ ବଡ଼ ଝଟକା ଲାଗିଛି। ପାକିସ୍ତାନର ଓପନର ଫଖର ଜମାନ ଟୁର୍ନାମେଣ୍ଟରୁ ବାହାର ହୋଇଯାଇଛନ୍ତି ।ଫଖର ଜମାନ ଚାମ୍ପିଅନ୍ସ ଟ୍ରଫିର ବାକି ମ୍ୟାଚ ଖେଳିପାରିବେ ନାହିଁ। ତାଙ୍କ ସ୍ଥାନରେ ଇମାମ ଉଲ୍ ହକଙ୍କୁ ସୁଯୋଗ ମିଳିଛି।

ଫଖର ଜମାନ ନ୍ୟୁଜିଲାଣ୍ଡ ବିପକ୍ଷରେ ଆହତ ହୋଇଥିଲେ। ଫିଲ୍ଡିଂ କରୁଥିବା ସମୟରେ ପାକିସ୍ତାନୀ ଓପନର ଆହତ ହୋଇଥିଲେ। ଏବେ ଭାରତ ବିପକ୍ଷ ମ୍ୟାଚ ପୂର୍ବରୁ ଫଖର ଜମାନଙ୍କ ବାଦ ପଡ଼ିବା ପାକିସ୍ତାନ ପାଇଁ ଏକ ବଡ଼ ଝଟକା ବୋଲି ବିବେଚନା କରାଯାଉଛି। ଫଖର ଜମାନଙ୍କୁ ଟୁର୍ନାମେଣ୍ଟର ଆଗାମୀ ମ୍ୟାଚଗୁଡ଼ିକରେ ଦେଖିବାକୁ ମିଳିବ ନାହିଁ। ଏହା ବ୍ୟତୀତ ସେ ପାକିସ୍ତାନୀ ଦଳ ସହିତ ଦୁବାଇ ଯିବେ ନାହିଁ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ ୨୩ ଫେବୃଆରୀରେ ଦୁବାଇରେ ଖେଳାଯିବ।

ଏହି ଆଘାତ ପରେ ଫଖର ଜମାନ ଓପନିଂ କରିବାକୁ ଆସି ନ ଥିଲେ। ସେ ନମ୍ବର-୪ରେ ବ୍ୟାଟିଂ କରିବାକୁ ଆସିଥିଲେ, କିନ୍ତୁ ରନ ସ୍କୋର କରିବାକୁ ସଂଘର୍ଷ କରୁଥିଲେ। ଫଳସ୍ୱରୂପ, ଫଖର ଜମାନ ୪୧ ବଲରୁ ୨୪ ରନ କରି ପାଭିଲିୟନ ଫେରିଥିଲେ ।ଏବେ ପାକିସ୍ତାନର ପରବର୍ତ୍ତୀ ମ୍ୟାଚ ଭାରତ ବିପକ୍ଷରେ। ୨୩ ଫେବୃଆରୀରେ ଦୁବାଇରେ ଭାରତ ଏବଂ ପାକିସ୍ତାନ ଦଳ ପରସ୍ପରକୁ ମୁହାଁମୁହିଁ ହେବେ। ଏହା ପରେ, ପାକିସ୍ତାନ ବାଂଲାଦେଶ ବିପକ୍ଷରେ ତାର ଶେଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚ ଖେଳିବ। ପାକିସ୍ତାନ ଏବଂ ବାଂଲାଦେଶ ମଧ୍ୟରେ ମ୍ୟାଚ ୨୭ ଫେବୃଆରୀରେ ଖେଳାଯିବ। ନ୍ୟୁଜିଲାଣ୍ଡ ବିପକ୍ଷରେ ପରାଜୟ ପରେ, ପାକିସ୍ତାନ ଟୁର୍ନାମେଣ୍ଟରୁ ବାଦ ପଡ଼ିବାର ଆଶଙ୍କାର ସମ୍ମୁଖୀନ ହୋଇଛି। ଏବେ ପାକିସ୍ତାନ ଦଳ ଭାରତ ବିପକ୍ଷରେ କର ବା ମର ପରିସ୍ଥିତିର ସମ୍ମୁଖୀନ ହେଉଛି।

## ଭାରତ-ପାକିସ୍ତାନ ମ୍ୟାଚକୁ ନେଇ ଭବିଷ୍ୟବାଣୀ କଲେ ଆଇଆଇଟି ବାବା

ମୁମ୍ବାଇ,୨୦।୨: ଆଇସିସି ଟୁର୍ନାମେଣ୍ଟରେ ଭାରତ ଏବଂ ପାକିସ୍ତାନ ମୁକାବିଲାକୁ ନେଇ ସାରା ବିଶ୍ୱର କ୍ରିକେଟ ପ୍ରେମୀ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। କିଛି ସମୟ ଧରି ଦୁଇ ଦେଶ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ସମ୍ପର୍କ ଯୋଗୁ ଦୁଇ ଦଳ କେବଳ ଆଇସିସି ଟୁର୍ନାମେଣ୍ଟରେ ପରସ୍ପର ବିପକ୍ଷରେ ଖେଳନ୍ତି। ଆଇସିସି ଟୁର୍ନାମେଣ୍ଟ ଆରମ୍ଭ ହୋଇସାରିଛି ଏବଂ ଭାରତ ଏବଂ ପାକିସ୍ତାନ ୨୩ ଫେବୃଆରୀ ୨୦୨୫ରେ ଏକ ହାଇ-ଭୋଲଟେଜ୍ ମ୍ୟାଚରେ ପରସ୍ପରକୁ ଭେଟିବେ। ଏହି ସମୟରେ ମହାକୁମ୍ଭମେଳାରୁ ଚର୍ଚ୍ଚାରେ ଆସିଥିବା ଆଇଆଇଟି ବାବା ଭାବରେ ପ୍ରସିଦ୍ଧ ଅଭୟ ସିଂ ମ୍ୟାଚ ବିଷୟରେ ଏକ ବଡ଼ ଭବିଷ୍ୟବାଣୀ କରିଛନ୍ତି। ତାଙ୍କର ଭବିଷ୍ୟବାଣୀର ଭିଡିଓ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି।ଏକ ୟୁଟ୍ୟୁବ ଚ୍ୟାନେଲରେ କଥାବାର୍ତ୍ତା କରି ଆଇଆଇଟି ବାବା ଅଭୟ ସିଂ କହିଛନ୍ତି ଯେ, ଏଥର ପାକିସ୍ତାନ ଦଳ ଆଇସିସି ଟୁର୍ନାମେଣ୍ଟରେ ହେବାକୁ ଥିବା ଭାରତ ଏବଂ ପାକିସ୍ତାନ ମୁକାବିଲାରେ ପାକିସ୍ତାନ ବିଜୟୀ ହେବ। ବାବା ଏପରିକି ଦାବି କରିଛନ୍ତି ଯେ ବିରାଟ କୋହଲି ଏବଂ ଅନ୍ୟ ଖେଳାଳିମାନେ ସେମାନଙ୍କର ସର୍ବୋତ୍ତମ ପ୍ରୟାସ କଲେ ମଧ୍ୟ ଭାରତ ଜିତିପାରିବ ନାହିଁ। ତାଙ୍କର ଏହି ଭିଡିଓ ଉପରେ କ୍ରିକେଟ ପ୍ରଶଂସକମାନେ ନିଜ ନିଜ ପ୍ରତିକ୍ରିୟା ଦେଉଛନ୍ତି ଏବଂ ସୋସିଆଲ ମିଡିଆରେ ତାଙ୍କୁ ପ୍ରବଳ ଟ୍ରୋଲ ମଧ୍ୟ କରୁଛନ୍ତି। ଚାମ୍ପିଅନ୍ସ ଟ୍ରଫିର ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଗ୍ରୁପ ଏ'ର ପ୍ରଥମ ମ୍ୟାଚ କରାଚୀର ନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିଲା। ଏହି ମ୍ୟାଚରେ ପାକିସ୍ତାନ ଦଳକୁ କିୱି ଦଳଠାରୁ ୬୦ ରନରେ ଶୋଚନୀୟ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା। ଏବେ ଆମକୁ ଦେଖିବାକୁ ପଡିବ ଯେ ନିଜ ଘରୋଇ ଭୂମିରେ ପ୍ରଥମ ମ୍ୟାଚ ହାରିଥିବା ପାକିସ୍ତାନ ଦଳ ବିଷୟରେ ଆଇଆଇଟିର ବାବା ଅଭୟ ସିଂଙ୍କ ଭବିଷ୍ୟବାଣୀ କେତେ ସତ।



## ଭଲ ମଣିଷ ଭାବେ ଲୋକଙ୍କ ହୃଦୟରେ ରହିବାକୁ ଚାହୁଁଛି : ଧୋନି

ନୂଆଦିଲ୍ଲୀ,୨୦।୨: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଏମଏସ ଧୋନି ନିକଟରେ ଏକ ଘରୋଇ ଚ୍ୟାନେଲର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ ସେ ତାଙ୍କ ହୃଦୟରୁ କହିଛନ୍ତି ଯାହା ସିଧାସଳଖ ତାଙ୍କ ପ୍ରଶଂସକଙ୍କ ହୃଦୟକୁ ଛୁଇଁପାରୁଛି। ଧୋନି କହିଛନ୍ତି ଯେ, ମୋତେ ଜଣେ କ୍ରିକେଟର ଭାବରେ ନୁହେଁ ବରଂ ଜଣେ ଭଲ ମଣିଷ ଭାବରେ ମନେ ରଖିବା ଉଚିତ। ମୁଁ ଅନ୍ୟମାନଙ୍କ ସହିତ କିପରି ବ୍ୟବହାର କରିଛି, ସେହି ଅନୁସାରେ ମୁଁ ମନେରଖାଯାଏ ବୋଲି ଚାହେଁ।ଏହି ମୁହୂର୍ତ୍ତରେ ଏହା ମୋ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା।

କୁଲ କ୍ୟାପଟେନ ତାଙ୍କ ସାକ୍ଷାତକାରରେ ଜୀବନ ଦର୍ଶନ ସହିତ ଜଡିତ କିଛି କଥା ମଧ୍ୟ କହିଛନ୍ତି ସେ କହିଥିଲେ, ଆମ ପାଖରେ କ୍ଷମା କରିବାର କ୍ଷମତା ରହିବା ଉଚିତ, ଆମେ ଜୀବନରେ ପ୍ରତିଶୋଧପରାୟଣ ହୋଇଗଲୁଣି କେହି ଜଣେ କହିଛନ୍ତି ଯେ ଆମେ କ୍ଷମା କରି ଆଗକୁ ବଢ଼ିବା ଉଚିତ ଜୀବନରେ ଖୁସି ରହିବା ଉଚିତ ଆଜିର ବ୍ୟସ୍ତବହୁଳ ଜୀବନରେ ଚାପର ସମ୍ମୁଖୀନ ହେଉଥିବା ପ୍ରଶଂସକମାନଙ୍କ ପାଇଁ ଧୋନିଙ୍କ ଜୀବନୀ ଟିପ୍ସ ଉପଯୋଗୀ ହୋଇପାରେ।

## କଳିଙ୍ଗ ପାଇକ କପ ଫୁଟବଲ ଉଦଘାଟିତ

### ଉଦଘାଟନୀ ମ୍ୟାଚରେ ପପୁଲାର କ୍ଲବ ଢେଙ୍କାନାଳ ୨-୦ ଗୋଲରେ ବିଜୟୀ



ଖୋର୍ଦ୍ଧା,୨୦।୨: ପଞ୍ଚମ ରାତ୍ର କାଳୀନ କଳିଙ୍ଗ ପାଇକ କପ ମ୍ୟାଚ ଉଦଘାଟିତ ହୋଇଯାଇଛି ବିଶିଷ୍ଟ ସମାଜ ସେବୀ ତଥା ମର୍ଣ୍ଣିଂ ଷ୍ଟାର କ୍ଲବର ମୁଖ୍ୟ ଉପଦେଷ୍ଟା ଡ଼ ସଞ୍ଜୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖୋର୍ଦ୍ଧା ମର୍ଣ୍ଣିଂ ଷ୍ଟାର କ୍ଲବ ଦ୍ୱାରା ଆୟୋଜିତ ଉଦଘାଟନୀ ଉତ୍ସବରେ ଓଡିଶା ଭେଟରାନ ଫୁଟବଲ ସଂଘର ସଭାପତି ନବ କିଶୋର ପଟ୍ଟନାୟକ ,ଓଡିଶା ଫୁଟବଲ ସଂଘର ବରିଷ୍ଠ ଖେଳାଳି ମିନ କେତନ ଦାସ, ଓଫାର ସମ୍ପାଦକ ସନ୍ତୋଷ କୁମାର ନାୟକ, ମର୍ଣ୍ଣିଂ ଷ୍ଟାର କ୍ଲବର ସଭାପତି ଶୁଭେନ୍ଦୁ ସ୍ୱାଇଁ, ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା, ରାଜେଶ ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚରେ ପପୁଲାର କ୍ଲବ ଢେଙ୍କାନାଳ ସହିତ ୟୁନାଇଟେଡ଼ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ଢେଙ୍କାନାଳର ପପୁଲାର କ୍ଲବ ଭୁବନେଶ୍ୱରର ୟୁନାଇଟେଡ଼ କ୍ଲବକୁ ୨/୦ ଗୋଲରେ ପରାସ୍ତ କରି ସିଧାସଳଖ ସେମି ଫାଇନାଲକୁ ଉନ୍ନୀତ ହୋଇଛନ୍ତି।

ମ୍ୟାଚକୁ ରେଫ୍ରି ଭାବେ ଗିରିଶ ଚନ୍ଦ୍ର ଜାନୀ ପରିଚାଳନା କରିଥିବା ବେଳେ ଲାଇନରେ ରମେଶ ପାଇକରାୟ, ବିଦେଶୀ ନାୟକ, ଏବଂ ଚତୁର୍ଥ ରେଫ୍ରି ଭାବେ ସାଗିର ଅହମ୍ମଦ ପରିଚାଳନା କରିଥିଲେ। ଦ୍ୱିତୀୟ ମ୍ୟାଚ ଆୟୋଜକ ମର୍ଣ୍ଣିଂ ଷ୍ଟାର କ୍ଲବ ଖୋର୍ଦ୍ଧା ଏବଂ ଏଜି ଓଡିଶା ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।

# ଧନଶ୍ରୀଙ୍କଠାରୁ ଅଲଗା ହେବେ ଚହଲ

ନୂଆଦିଲ୍ଲୀ,୨୦।୨: ଭାରତୀୟ କ୍ରିକେଟର ୟୁଜଭେନ୍ଦ୍ର ଚହଲ ଏବଂ କୋରିଓଗ୍ରାଫର ଧନଶ୍ରୀ ବର୍ମାଙ୍କ ମଧ୍ୟରେ ଛାଡପତ୍ରର ଖବର ଲଗାତାର ଆସୁଛି। ଏବେ କୁହାଯାଉଛି ଯେ କିଛି ସମୟ ମଧ୍ୟରେ ଦୁହେଁ ଆଇନଗତ ଭାବରେ ଅଲଗା ହେବାକୁ ଯାଉଛନ୍ତି। ଏହି ସମୟରେ, ୟୁଜଭେନ୍ଦ୍ର ଚହଲଙ୍କ ଏକ ପୋଷ୍ଟ ପ୍ରଶଂସକଙ୍କ ମଧ୍ୟରେ ଏକ ସଂଶୟ ସୃଷ୍ଟି କରିଛି। ଯେଉଁଥିରେ ସେ ତାଙ୍କୁ ସୁରକ୍ଷା ଦେବା ପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଦେଇଛନ୍ତି। ଯାହାକୁ ସେମାନଙ୍କ ଛାଡପତ୍ର ସହିତ ଯୋଡାଯାଉଛି। ସେ ଇଙ୍ଗିତ ମାଧ୍ୟମରେ ତାଙ୍କ ସ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି।



ୟୁଜଭେନ୍ଦ୍ର ଚହଲ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ଭଗବାନଙ୍କୁ ଧନ୍ୟବାଦ ଦେଇଥିଲେ। ଭଗବାନ ମୋତେ ଗଣନା କରିବା ଅପେକ୍ଷା ଅଧିକ ଥର ସୁରକ୍ଷା ଦେଇଛନ୍ତି। ତେଣୁ ମୁଁ କେବଳ ଏପରି ଏକ ସମୟ କଳ୍ପନା କରିପାରିବି ଯେତେବେଳେ ମୁଁ ସବୁଥିରୁ ମୁକୁଳିଯାଇଛି, ଯାହା ବିଷୟରେ ମୁଁ ଜାଣିନାହିଁ। ଭଗବାନ, ମୁଁ ଜାଣି ନ ଥିଲି, ତଥାପି ସବୁବେଳେ ସେଠାରେ ଥିବାରୁ ତୁମକୁ ଧନ୍ୟବାଦ। ଆମିନ୍।

ସୂଚନାଯୋଗ୍ୟ ଧନଶ୍ରୀ ଏବଂ ଚହଲଙ୍କ ମଧ୍ୟରେ ଫାଟ ହେବାର ଖବର ସୋସିଆଲ ମିଡିଆରୁ ହିଁ ଆସିଥିଲା। ଯେତେବେଳେ ଦୁହେଁ ପରସ୍ପରକୁ ଅନଫଲୋ କରିଥିଲେ। ତା'ପରେ ଚହଲ ସୋସିଆଲ ମିଡିଆରେ ଅନେକ ଭାବପ୍ରବଣ ପୋଷ୍ଟ ମଧ୍ୟ କରିଥିଲେ ଏବଂ ଧନଶ୍ରୀ ତାଙ୍କ ବାପାମାଆଙ୍କ ଘରକୁ ଚାଲିଯାଇଥିଲେ।

ୟୁଜଭେନ୍ଦ୍ର ଚହଲ ଏବଂ ତାଙ୍କ ପତ୍ନୀ ଧନଶ୍ରୀ ଗୁରୁବାର ଛାଡପତ୍ର ନେଇପାରନ୍ତି। ଏକ ରିପୋର୍ଟ ଅନୁଯାୟୀ, ୟୁଜଭେନ୍ଦ୍ର ଚହଲ ଏବଂ ତାଙ୍କ ପତ୍ନୀ ଧନଶ୍ରୀ ବର୍ମା ଆଇନଗତ ଭାବରେ ଅଲଗା ହେବାକୁ ଯାଉଛନ୍ତି। ଯାହାର ଔପଚାରିକତା ଗୁରୁବାର କୋର୍ଟରେ ସମାପ୍ତ ହେବ। ୟୁଜଭେନ୍ଦ୍ର ଏବଂ ଧନଶ୍ରୀଙ୍କୁ ମୁମ୍ବାଇର ବାନ୍ଦ୍ରାରେ ଥିବା ପରିବାର କୋର୍ଟରେ ହାଜର ହେବାକୁ ଡକାଯାଇଛି। ଯେଉଁଠାରେ ସେମାନେ ଆଇନଗତ ଛାଡପତ୍ର ଏକ ଆଇନଗତ ପ୍ରମାଣପତ୍ର ପାଇବେ। ନିକଟରେ ରିପୋର୍ଟରେ ଦାବି କରାଯାଇଥିଲା ଯେ ୟୁଜଭେନ୍ଦ୍ର ଚହଲ ଧନଶ୍ରୀ ବର୍ମାଙ୍କୁ ୬୦ କୋଟି ଟଙ୍କା ଭରଣପୋଷଣ ଦେବେ। ତଥାପି, ଏହାର ବିଧିବଦ୍ଧ ସୂଚନା ପ୍ରକାଶ କରାଯାଇ ନାହିଁ।

ଧନଶ୍ରୀ ଏବଂ ୟୁଜଭେନ୍ଦ୍ର ଚହଲ ଡିସେମ୍ବର ୨୦୨୦ରେ ବିବାହ କରିଥିଲେ। କିନ୍ତୁ ସେମାନଙ୍କର ବିବାହ ୫ ବର୍ଷ ମଧ୍ୟ ତିଷ୍ଠି ପାରିଲା ନାହିଁ। ଧନଶ୍ରୀ ବର୍ମା ଏକ ସାକ୍ଷାତକାରରେ କହିଥିଲେ ଯେ ତାଙ୍କର ଏବଂ ଚହଲଙ୍କ ସାକ୍ଷାତ କୋଭିଡ୍-୧୯ ଲକଡାଉନ୍ ସମୟରେ ହୋଇଥିଲା। ଚହଲ ସୋସିଆଲ ମିଡିଆରେ ଧନଶ୍ରୀଙ୍କ ନୃତ୍ୟ ଭିଡିଓ ଦେଖୁଥିଲେ ଏବଂ ସେ ନୃତ୍ୟ ଶ୍ରେଣୀରେ ଯୋଗଦେବା ପାଇଁ ତାଙ୍କ ସହିତ ଯୋଗାଯୋଗ କରିଥିଲେ। ଯେଉଁଠାରୁ ସେମାନଙ୍କର ବନ୍ଧୁତା ଆରମ୍ଭ ହୋଇଥିଲା, ଏହି ବନ୍ଧୁତା ପ୍ରେମରେ ପରିଣତ ହୋଇଥିଲା।ଯାହା ପରେ ୟୁଜଭେନ୍ଦ୍ର ଧନଶ୍ରୀଙ୍କୁ ବିବାହ ପାଇଁ କହିଥିଲେ ଏବଂ ଅଗଷ୍ଟ ୨୦୨୦ରେ ନିର୍ବନ୍ଧ ପରେ ଉଭୟ ଡିସେମ୍ବର ୨୦୨୦ରେ ବିବାହ କରିଥିଲେ।

## ପାକିସ୍ତାନ ଟିମ୍ ପ୍ରତି ବିବାଦୀୟ ବୟାନ

କରାଚି,୨୦।୨: ଆଇସିସି ଚାମ୍ପିଅନ୍ସ ଟ୍ରଫିର ଉଦଘାଟନୀ ମ୍ୟାଚ ୧୯ ଫେବୃଆରୀରେ ଆୟୋଜକ ଏବଂ ଡିଫେଣ୍ଡିଂ ଚାମ୍ପିଅନ ପାକିସ୍ତାନ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଖେଳାଯାଇଥିଲା। ପ୍ରଥମ ମ୍ୟାଚରେ ପାକିସ୍ତାନ ପରାଜୟ ବରଣ କରିଥିଲା ଏବଂ ୬୦ ରନରେ ପରାଜୟର ସାମ୍ନା କରିଥିଲା। ପାକିସ୍ତାନ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା, ଯାହାର ଜବାବରେ ନ୍ୟୁଜିଲାଣ୍ଡକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରାଯାଇଥିଲା। ଏହିପରି, କିୱିମାନେ ଚମତ୍କାର ବ୍ୟାଟିଂ କରି ୫୦ ଓଭରରେ ୩୨୦ ରନର ଏକ ବିଶାଳ ସ୍କୋର କରିଥିଲେୟ ୩୨୧ ରନର ଟାର୍ଗେଟକୁ ପିଛା କରୁଥିବା ପାକିସ୍ତାନ ଆରମ୍ଭରୁ ଅସ୍ଥିର ଦେଖାଯାଉଥିଲା ଏବଂ ସମ୍ପୂର୍ଣ୍ଣ ଦଳ ମାତ୍ର ୨୬୦ ରନ କରି ପାଭିଲିୟନ ଫେରିଯାଇଥିଲାୟ ଏହି ପ୍ରସଙ୍ଗରେ, ପାକିସ୍ତାନୀ ମହିଳା ଶକ୍ଟଙ୍କଞ୍ଚଙ୍କଭରକ୍ସ ସାନା ଅମଜାଦ ଜନସାଧାରଣଙ୍କ ମଧ୍ୟରେ ଯାଇ ଲୋକଙ୍କ ପ୍ରତିକ୍ରିୟା ନେଇଥିଲେ।

ମ୍ୟାଚର ଫଳାଫଳ ପରେ ପାକିସ୍ତାନୀ କ୍ରିକେଟ ପ୍ରଶଂସକମାନେ ଖୁବ୍ ରାଗି ଯାଇଥିବା ଦେଖାଯାଉଥିଲେ। ସେମାନଙ୍କ ମୁହଁରେ କ୍ରୋଧ ସ୍ପଷ୍ଟ ଭାବରେ ଦେଖାଯାଉଥିଲା। ଯେତେବେଳେ ସନା ଅମଜାଦ ଜଣେ ବ୍ୟକ୍ତିଙ୍କୁ ପାକିସ୍ତାନର ପରାଜୟ ବିଷୟରେ ପ୍ରଶ୍ନ କରିଥିଲେ, ସେହି ବ୍ୟକ୍ତି କହିଥିଲେ ଯେ ଯଦି ମୋ ପାଖରେ ମୋ ଇଚ୍ଛା ଥାଏ, ତେବେ ମୁଁ ପାକିସ୍ତାନୀ କ୍ରିକେଟ ଦଳର ସମସ୍ତ ସଦସ୍ୟଙ୍କୁ ଗୁଳି କରିଦେବି। ଏପରି ଉତ୍ତର ଶୁଣି ସନା ଅମଜାଦ ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲେ।

ପାକିସ୍ତାନର ପରାଜୟ ପାଇଁ ଜନସାଧାରଣ ବହୁତ ଚିନ୍ତିତ ଥିବା ପରି ମନେ ହେଉଥିଲା। ସେ ଆଶ୍ଚର୍ଯ୍ୟ ହୋଇଯାଇଥିବା ପରି ମନେ ହେଉଥିଲା। ଏବେ ସେ ଭାରତ ସହିତ ପରବର୍ତ୍ତୀ ମ୍ୟାଚ ପାଇଁ ଚିନ୍ତିତ ହେଉଛନ୍ତି। ସେ କହିଥିଲେ ଯେ ଯେତେବେଳେ ପାକିସ୍ତାନ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଜିତି ପାରିବ ନାହିଁ, ତେବେ ଭାରତ ବିପକ୍ଷରେ କିପରି ଜିତିବ। ସେ ଆମ ଅପେକ୍ଷା ବହୁତ ଶକ୍ତିଶାଳୀ। ତାଙ୍କର ସମସ୍ତ ଖେଳାଳି ଫର୍ମରେ ଅଛନ୍ତି। ଆମ ଦଳ ସେମାନଙ୍କ ବିରୁଦ୍ଧରେ ତିଷ୍ଠିପାରିବ ନାହିଁୟ ସୂଚନାଯୋଗ୍ୟ, ଭାରତୀୟ ଦଳ ଆଜି ଅର୍ଥାତ୍ ଗୁରୁବାର ବାଂଲାଦେଶ ବିପକ୍ଷରେ ତା'ର ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିବାକୁ ଯାଉଛି, ଯାହା ଦୁବାଇରେ ଖେଳାଯିବ। ଭାରତୀୟ ଦଳର ସମସ୍ତ ମ୍ୟାଚ ଦୁବାଇରେ ଖେଳାଯିବ, କାରଣ ଭାରତ ସରକାରଙ୍କ ନିର୍ଦ୍ଦେଶ ଯୋଗୁଁ ଏହା ପାକିସ୍ତାନ ଗସ୍ତ କରିବାକୁ ମନା କରିଦେଇଥିଲା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ